
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୧୪ ଅକ୍ଟୋବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 14 October 2025

Vol.No. 36 ■ No.270 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ଲାଲୁ ଯାଦବଙ୍କୁ ଶକ୍ତ ଝଟ୍‌କା

## ବିହାର ନିର୍ବାଚନ ବେଳେ ଲାଲୁ, ରାବ୍ରି ଓ ତେଜସ୍ୱୀ ଯାଦବଙ୍କ ନାଁରେ କୋର୍ଟରେ ଚାର୍ଜଫ୍ରେମ୍

ନୂଆଦିଲ୍ଲୀ,୧୩/୧୦ : ଆରଜେଡି ସଭାପତି ଲାଲୁ ଯାଦବଙ୍କୁ ଶକ୍ତ ଝଟ୍‌କା । ବିହାର ବିଧାନସଭା ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏବଂ ଆଜି କିମ୍ବା କାଲି ଇଣ୍ଡମେଣ୍ଟରେ ଆସନ ବଣ୍ଟନ ହେବାକୁ ଥିବା ବେଳେ ଠକେଇ ମାମଲାରେ ଲାଲୁଙ୍କ ନାଁରେ ଚାର୍ଜଫ୍ରେମ୍ । ଲାଲୁ ପ୍ରସାଦ ଯାଦବ, ତାଙ୍କ ପତ୍ନୀ ରାବ୍ରି ଦେବୀ, ପୁଅ ତେଜସ୍ୱୀ ଯାଦବ ଏବଂ ଅନ୍ୟମାନଙ୍କ ନାଁରେ ଦିଲ୍ଲୀର ଏକ କୋର୍ଟରେ ଚାର୍ଜଫ୍ରେମ୍ ହୋଇଛି। ଲାଲୁ ରେଳମନ୍ତ୍ରୀ ଥିବା ବେଳେ ଘରୋଇ ସଂସ୍ଥାଙ୍କୁ ଆଇଆରସିଟିସି ଠିକା ପ୍ରଦାନ



ପାଇଁ ସେ ଓ ତାଙ୍କ ପରିବାର ମୂଲ୍ୟବାନ ଜମି ଲାଞ୍ଚ ନେଇଥିବା ସିବିଆଇ ଅଭିଯୋଗ କରିଛି । ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ଏହି ମାମଲାରେ ହୋଇଛି ଚାର୍ଜ ଫ୍ରେମ୍ । ଦୁର୍ନୀତି, ଅପରାଧିକ ଷଡ଼୍‌ଯନ୍ତ୍ର, ଠକେଇ ଅନ୍ୟ ଆପରାଧିକ ଲାଲୁ ପ୍ରସାଦ ଯାଦବ, ତାଙ୍କ ପତ୍ନୀ ରାବ୍ରି ଦେବୀ, ପୁଅ ତେଜସ୍ୱୀ ଯାଦବ ଏବଂ ଅନ୍ୟମାନଙ୍କ ନାଁରେ ଚାର୍ଜ ଫ୍ରେମ୍ କରାଯାଇଛି । ଲାଲୁ ରେଳମନ୍ତ୍ରୀ ଥିବା ବେଳେ ୨୦୦୪ରୁ ୨୦୦୯ ମଧ୍ୟରେ ପୁରୀ ଓ ରାଞ୍ଚିରେ ଥିବା ଆଇଆରସିଟିସି ହୋଟେଲକୁ ସୁଜାତା ହୋଟେଲ୍ସ ନାମକ ସଂସ୍ଥାକୁ ଠିକା ଦିଆଯାଇଥିଲା । ଏଥିପାଇଁ ଲାଲୁ, ରାବ୍‌ଡି ଓ ତେଜସ୍ୱୀ ଯାଦବ କୋଟିକୋଟି ଟଙ୍କା ମୂଲ୍ୟର ଜମି ଲାଞ୍ଚ ନେଇଥିବା ସିବିଆଇ ଅଭିଯୋଗ କରିଛି । ଅଭିଯୁକ୍ତମାନେ ନିଜକୁ ନିର୍ଦ୍ଦୋଷ କହୁଥିବା ବେଳେ ଏବେ ଚାର୍ଜ ଫ୍ରେମ୍ ପରେ ମାମଲା ଆଗକୁ ବଢ଼ିବ ।

## ତାମିଲନାଡୁ କରୁର ଦଳଚକଟା ଘଟଣାର ହେବ ସିବିଆଇ ତଦନ୍ତ: ସିବିଆଇ ତଦନ୍ତର ଅନୁଧ୍ୟାନ କରିବେ ତିନିଜଣିଆ କମିଟି

ନୂଆଦିଲ୍ଲୀ,୧୩/୧୦ : ତାମିଲନାଡୁ କରୁର୍ ଦଳାଚକଟା ଘଟଣାର ସିବିଆଇ ତଦନ୍ତ ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ତିନିଜଣିଆ କମିଟି ତଦନ୍ତର ଅନୁଧ୍ୟାନ କରିବେ । ଗତ ସେପ୍ଟେମ୍ବର ୨୭ ତାରିଖରେ ତାମିଲନାଡୁର କରୁରରେ ଅଭିନେତାରୁ ନେତା ବନିଥିବା ଟିଭିକେ ମୁଖ୍ୟ ଥାଲାପତି ବିଜୟଙ୍କ ବିଶାଳ ରାଲିରେ ଦଳାଚକଟା ହୋଇଥିଲା । ଏଥିରେ ୪୧ ଜଣ ପ୍ରାଣ ହରାଇଥିଲେ ଓ ୬୦ରୁ ଅଧିକ ଲୋକ ଆହତ ହୋଇଥିଲେ ।



୧୦ ହଜାର ଲୋକ ଏକାଠି ହୋଇପାରିବା ଭଳି ଜାଗାରେ ୩୦ ହଜାରରୁ ଅଧିକ ଲୋକ ଏକତ୍ରିତ ହୋଇଥିଲେ । ସମାବେଶ ସ୍ଥଳରେ ଦଳାଚକଟା ହୋଇଥିଲା । ଘଟଣାର ସିବିଆଇ ତଦନ୍ତ ପାଇଁ ପ୍ରଥମେ ମାଡ୍ରାସ ହାଇକୋର୍ଟରେ କିଛି ଲୋକ ଆବେଦନ କରିଥିଲେ । ହାଇକୋର୍ଟ ଏହାକୁ ଅଗ୍ରାହ୍ୟ କରି ଏସଆଇଟି ଗଠନ କରିଥିଲେ । ପରେ ସିବିଆଇ ତଦନ୍ତ ଦାବି କରି ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। ସୁପ୍ରିମକୋର୍ଟ ସିବିଆଇ ତଦନ୍ତ ଆଦେଶ ଦେଇଛନ୍ତି । ତିନିଜଣିଆ କମିଟି ତଦନ୍ତର ଅନୁଧ୍ୟାନ କରିବେ ।

## ୮ ମାଓବାଦୀ ଗିରଫ

ମାଲକାନଗିରି, ୧୩/୧୦ (ନି.ପ୍ର): ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ସର୍ଚ୍ଚ ଅପରେସନ ବେଳେ ସିଆରପିଏଫ ଯବାନ ୮ ଜଣ ନକ୍ସଲଙ୍କୁ ଗିରଫ କରିଛନ୍ତି। ଯବାନମାନଙ୍କୁ ଦେଖି ଏହି ମାଓବାଦୀ ଦଳ ଖସିଯିବାକୁ ଉଦ୍ୟମ କରିଥିଲେ। ସେମାନେ ଦୌଡ଼ି ପଳାୟନ କରୁଥିବା ବେଳେ ଯବାନମାନେ ଦୌଡ଼ିଦୌଡ଼ି ଧରିଥିଲେ। ସିଆରପିଏଫ୍ ଏବଂ ଡିଆରଜି ଯବାନ ପୁତକେଲ ଏବଂ ପୋଲମପାଲି ରାସ୍ତାରେ ସର୍ଚ୍ଚ ଅପରେସନ କରୁଥିବା ବେଳେ କିଛି ସନ୍ଦିଗ୍ଧ ବ୍ୟକ୍ତି କିଛି ଜିନିଷ ଧରି ଯବାନଙ୍କୁ ଦେଖି ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିଲେ। ଯବାନ ତୁରନ୍ତ ସେହି ଅଂଚଳକୁ ଘେରି ସମସ୍ତ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରିଥିଲେ। ସମସ୍ତେ ମାଓ ସଂଗଠନ ସହ ଜଡ଼ିତ ଥିବା ସ୍ୱୀକାର କରିଥିଲେ। ଗିରଫ ମାଓବାଦୀମାନେ ହେଲେ ୨ ଲକ୍ଷ ପୁରସ୍କାର ଘୋଷିତ ସିଏନ୍‌ଏମ୍ ସଦସ୍ୟ କୋସା ସୋଡ଼ି(୨୮), ୫୦ ହଜାର ପୁରସ୍କାର ଘୋଷିତ ସିଏନ୍‌ଏମ୍ ସଦସ୍ୟ ଜୟ ସିଂ ମାଣ୍ଡବୀ(୨୫), ୫୦ ହଜାର ଘୋଷିତ ମାଡକମ ନନ୍ଦା(୨୮), ମିଲିସିଆ ସୋଡ଼ି ହିଡମା(୨୨), ମୁଚାକୀ ବୁଦ୍ଧୁରା(୩୩), ମାଡବୀ ରାଜୁ(୨୩), ମାଡ଼ବୀ ହିଡମା(୨୪) ଏବଂ ଦେବା ମାଡବି(୨୯)। ଏମାନଙ୍କ ଠାରୁ ଯବାନ ଟିଫିନ ବୋମା, ବିସ୍ଫୋରକ, ଜିଲୋଟିନ, ବିଦ୍ୟୁତ ତାର ସମେତ ପ୍ରଚାର ପ୍ରସାର କାଗଜ ପତ୍ର ଇତ୍ୟାଦି ଜବତ କରାଯାଇଛି। ତୁରନ୍ତ ଯବାନ ଏହି ୮ ଜଣ ନକ୍ସଲଙ୍କୁ ପୁଲିସର ଜିମା ଦେଇଥିଲେ।

## ଆଗୁଆ ବିଜେଡି ଏବେ ପଛରେ: ଛିଣ୍ଡୁନି ବିଜେଡିର ନୂଆପଡ଼ା ଅଙ୍କ

ଭୁବନେଶ୍ୱର, ୧୩/୧୦ (ନି.ପ୍ର): ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରକାଶ ପାଇଛି ବିଧିବଦ୍ଧ ବିଜ୍ଞପ୍ତି । ଆଜିଠାରୁ ୨୦ ତାରିଖ ପର୍ଯ୍ୟନ୍ତ ହେବ ନାମାଙ୍କନ । କିନ୍ତୁ ସବୁ ନିର୍ବାଚନରେ ବିଜେଡିରୁ ପ୍ରାର୍ଥୀ ହେବା ପାଇଁ ନେତା ଲବି କରୁଥିବାବେଳେ, ନୂଆପଡାରେ ଦଳ ଅଡୁଆରେ ପଡ଼ିଛି । ବିଜେଡିର ଭୁବନେଶ୍ୱର ନେତାମାନେ ଏବେ ଗ୍ରାଉଣ୍ଡରେ ପ୍ରାର୍ଥୀ ଖୋଜୁଛନ୍ତି । କ୍ଷମତାରୁ ହଟିବା ପରେ ବିଜେଡିର ସବୁ ବଦଳୁଛି । ଏକଦା ନିର୍ବାଚନ ପରିଚାଳନାରେ ସିଦ୍ଧହସ୍ତ ବୋଲାଉଥିବା ବିଜେଡି ନୂଆପଡ଼ା ଉପନିର୍ବାଚନରେ ପଛେଇଯାଇଛି । ଜୟ ଢୋଲକିଆ ବିଜେପି କ୍ୟାମ୍ପରେ ସାମିଲ ହେବା ପରେ



କିଏ ହେବ ବିଜେଡି ପ୍ରାର୍ଥୀ ସେନେଇ ଅଙ୍କ ଛିଣ୍ଡୁନି । ନୂଆପଡ଼ାରୁ ଭୁବନେଶ୍ୱର ଯାଏ, ଘନ ଘନ ବୈଠକ ବସୁଛି ହେଲେ ଚୂଡ଼ାନ୍ତ ହୋଇପାରୁନି ପ୍ରାର୍ଥୀଙ୍କ ନାଁ। ବିଜେଡିର ଏକ ଗୋଷ୍ଠୀ ନୂଆପଡ଼ାରେ ଡେରା ପକାଇଛି, ଦଳୀୟ ନେତା କର୍ମୀଙ୍କୁ ଡାକି ମାରାଥନ ବୈଠକ କରୁଛନ୍ତି । ଚର୍ଚ୍ଚାରେ ରହିଛନ୍ତି ଏହି ବିଜେଡି ନେତା । ତାରେଶ୍ୱରୀ ସାହୁ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷ, ଅବନୀ ଯୋଶୀ, ନୂଆପଡ଼ା ଜିଲ୍ଲା ସଭାପତି, ମନୋଜ ମିଶ୍ର, ବିଜେଡି ନେତା ।

▶▶ପୃଷ୍ଠା ୭

## ୧୨ ଘଣ୍ଟାରେ ଗଡ଼ିଲା ଦୁଇ ମୁଣ୍ଡ

ଭୁବନେଶ୍ୱର, ୧୩/୧୦ (ନି.ପ୍ର): ସକାଳ ପ୍ରାୟ ୯ଟା, ବାଇକ ଚଢ଼ି ଏମ୍ସକୁ ଡ୍ୟୁଟି ପାଇଁ ଯାଉଥିଲେ ସରକନ୍ତରା ଗାଁ, ଖୁଣ୍ଟିଆ ସାହିର ସୁଧାଂଶୁ ଖୁଣ୍ଟିଆ । ହଠାତ୍ ଶୁଭିଲା ବନ୍ଧୁକର ଗର୍ଜନ, ଆଉ ଫୁଟିଲା ଗୁଳି । ଫିଲ୍ମ ଷ୍ଟାଇଲରେ ବିଚ୍ ରାସ୍ତାରେ କଳା ସ୍କୁଟିରେ ଗୋଡ଼ାଇ ଗୋଡ଼ାଇ ଗୁଳି କରିଥିଲା ଅଭିଯୁକ୍ତ। ଲାଗ ଲାଗ ୪ ରାଉଣ୍ଡ ଗୁଳି ଫୁଟାଇ ଆତଙ୍କ ଖେଳାଇଲା ଦୁର୍ବୃତ୍ତ। ଗୁଳିମାଡ଼ରେ ଘଟଣାସ୍ଥଳରେ ଟଳି ପଡ଼ିଥିଲେ ସୁଧାଂଶୁ । ସେତିକିରେ କଥା ସରି ନଥିଲା । ମୃତ ସୁଧାଂଶୁଙ୍କ ଘର ଆଗରେ ତାଙ୍କ ଦାଦା ଜ୍ଞାନ ରଞ୍ଜନ ଖୁଣ୍ଟିଆଙ୍କୁ ପୁଣି ଗୋଡ଼ାଇ ଗୋଡ଼ାଇ ହାଣିଥିଲେ । ଆଉ ଏହି ହତ୍ୟାକାଣ୍ଡ ପଛର କାରଣ ଥିଲା ମାତ୍ର କେଇ ହାତ ଜମି । ସେପଟେ ଚୁନକୋଳି ବସ୍ତିରେ ୨୫ବର୍ଷୀୟ ଯୁବକଙ୍କୁ ପଥରରେ



ଛେଚି ଛେଚି ହତ୍ୟା କରାଯାଇଛି । ସାଇଣ୍ଟିଫିକ ଟିମ୍ ସହ ପୁଲିସ ଖୋଳତାଡ଼ କରୁଥିବା ବେଳେ, ମୃତ

▶▶ପୃଷ୍ଠା ୭

## ଜନ୍ମଦିନରେ ପଦଯାତ୍ରାକୁ ଓହ୍ଲାଇବେ ନବୀନ

ଭୁବନେଶ୍ୱର, ୧୩/୧୦ (ନି.ପ୍ର): ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଜନ୍ମ ଦିନରେ ବିଜେଡି ପକ୍ଷରୁ ଆୟୋଜନ କରାଯାଉଥିବା ପଦଯାତ୍ରାକୁ ଓହ୍ଲାଇବେ । ଏହି ସୂଚନା ଦେଇଛନ୍ତି ବିଜେଡିର ଭୁବନେଶ୍ୱର ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା । ସେ କହିଛନ୍ତି ଯେ ଅକ୍ଟୋବର ୧୬ ରେ ଭୁବନେଶ୍ୱର ଗଙ୍ଗ ନଗର ୱାର୍ଡ ନମ୍ବର ୫୨ ରେ ନବୀନ ପଟ୍ଟନାୟକ ଜନସମ୍ପର୍କ ପଦଯାତ୍ରା କରିବେ । ଏହି ଅବସରରେ ଦଳର କର୍ମୀ ମାନେ ନବୀନ ଙ୍କୁ ଜନ୍ମ ଦିନ ର ଶୁଭେଚ୍ଛା ଜଣାଇବେ। ଏନେଇ ଭୁବନେଶ୍ୱର ଜିଲ୍ଲା ବିଜେଡ଼ି ପକ୍ଷରୁ ପ୍ରସ୍ତୁତି କରାଯାଇଛି। ଏହାସହ ନବୀନ ଏସଓଏସ ଭିଲେଜ ଯାଇ ମିଷ୍ଟାନ୍ନ ବଣ୍ଟନ କରିବେ ।

## ପୁରୀରେ ମୁଖ୍ୟମନ୍ତ୍ରୀଙ୍କ ମାରାଥନ କାର୍ଯ୍ୟକ୍ରମ: ଶ୍ରୀକ୍ଷେତ୍ରରେ ହବିଷ୍ୟାଳି କାର୍ତ୍ତିକ ବ୍ରତ ୨୦୨୫ର କଲେ ଶୁଭାରମ୍ଭ

ଭୁବନେଶ୍ୱର, ୧୩/୧୦ (ନି.ପ୍ର): ହବିଷ୍ୟାଳୀଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଏକ ମାସ ବ୍ୟାପୀ ଚାଲିଥିବା ମହାଧାର୍ମିକ କାର୍ତ୍ତିକ ମାସ ପାଇଁ ଉତ୍ସବମୁଖର ଶ୍ରୀକ୍ଷେତ୍ର । ଆଜି ବୃନ୍ଦାବତୀ ନିବାସ ହବିଷ୍ୟାଳୀ ଶିବିରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପହଞ୍ଚି ହବିଷ୍ୟାଳୀ ମାଙ୍କ ସହ ଆଲୋଚନା କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, କାର୍ତ୍ତିକ ମାସର ମହତ୍ତ୍ୱ ଅନେକ ରହିଛି । ଅନେକ ହବିଷ୍ୟାଳୀ ପୁରୀରେ ଏକାଠି ହୋଇଥାନ୍ତି । ମାସେ ଧରି ନିଷ୍ଠା ଓ ପବିତ୍ରତାର ସହ ବ୍ରତ କରିଥାନ୍ତି । ୨୫ଶହ ହବିଷ୍ୟାଳୀଙ୍କ ପାଇଁ ଚଳିତ ବର୍ଷ ୫ଟି ସ୍ଥାନରେ ବ୍ୟବସ୍ଥା ହୋଇଛି ।



ଚଳିତ ବର୍ଷ ୩କୋଟି ୩୦ ଲକ୍ଷ ଟଙ୍କାର ବ୍ୟବସ୍ଥା ହୋଇଛି । ହବିଷ୍ୟାଳୀ ଯୋଜନାକୁ ସୁଦୃଢ଼ କରାଯିବ। ପୁରୀରେ ବିଶ୍ୱସ୍ତରୀୟ ମ୍ୟୁଜିୟମ, ଲାଇବ୍ରେରୀ ସହ ତୀର୍ଥଯାତ୍ରୀଙ୍କ ସୁବିଧାକୁ ଆଧୁନିକୀକରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ହବିଷ୍ୟାଳି କେନ୍ଦ୍ର ପରିସରରେ ଏ ନେଇ ଏକ ସ୍ୱତନ୍ତ୍ର ସମାରୋହରେ ମୁଖ୍ୟମନ୍ତ୍ରୀ ମା'ମାନଙ୍କୁ ସ୍ୱତନ୍ତ୍ର କିଟ୍ ପ୍ରଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହ ପୁରୀ ଓ ଜଗତସିଂହପୁର ସାଂସଦ, ସତ୍ୟବାଦୀ, ପୁରୀ, ପିପିଲି, ବ୍ରହ୍ମଗିରି ବିଧାୟକ, ଜିଲ୍ଲାପାଳ, ଏସ୍‌ପି ଉପସ୍ଥିତ ଥିଲେ । ସେହିପରି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ଓ ଜାତୀୟ ଶିକ୍ଷା ସଂସ୍ଥାନ ଉତଥାନ ନ୍ୟାସ ନୂଆଦିଲ୍ଲୀର ତତ୍ତ୍ୱାବଧାନରେ ରାଷ୍ଟ୍ରୀୟ ସଙ୍ଗୋଷ୍ଠିରେ ରାଷ୍ଟ୍ରୀୟ ଶିକ୍ଷା ନୀତି-୨୦୨୦ ସନ୍ଦର୍ଭରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜାତୀୟ ଶିକ୍ଷା ନୀତିର ବ୍ୟବହାର ଓ ତୃଣମୂଳ ସ୍ତରରୁ ଭିତ୍ତିଭୂମି ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇଛନ୍ତି । ସେହିପରି ପ୍ରତି ପଞ୍ଚାୟତରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଖୋଲିବା ନେଇ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ।

## ଓଡ଼ିଆ ଡାକ୍ତରୀ ଛାତ୍ରୀ ଗଣଦୁଷ୍କର୍ମ ମାମଲା: ପଶ୍ଚିମବଙ୍ଗ ଗଲେ ରାଜ୍ୟ ମହିଳା କମିସନ

ଭୁବନେଶ୍ୱର, ୧୩/୧୦ (ନି.ପ୍ର): ପଶ୍ଚିମବଙ୍ଗ ଦୁର୍ଗାପୁରରେ ଓଡ଼ିଶା ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲା। ବାଲେଶ୍ୱର ଗଲେ ରାଜ୍ୟ ମହିଳା କମିସନ୍ ଶୋଭନା ମହାନ୍ତି। ପୀଡ଼ିତା ଓ ତାଙ୍କ ପରିବାରକୁ ଭେଟିବେ ରାଜ୍ୟ ମହିଳା କମିସନ୍। ଘଟଣାରେ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେହିପରି ଅନ୍ୟ ଜଣଙ୍କୁ ଅଟକ ରଖି ଅଧିକ ତଦନ୍ତ କରୁଛି ଦୁର୍ଗାପୁର ପୁଲିସ । ଦୁର୍ଗାପୁର ପୁଲିସର ସୂଚନା ଅନୁଯାୟୀ ସମସ୍ତ ଅଭିଯୁକ୍ତ ମେଡିକାଲ କଲେଜକୁ ଲାଗି ରହିଥିବା ଜଙ୍ଗଲ ଆଖପାଖ ଅଞ୍ଚଳର। ପୀଡ଼ିତାଙ୍କ ପାଖରୁ ଛଡ଼ାଇ ନେଇଥିବା ମୋବାଇଲ୍‌କୁ ଟ୍ରାକ୍ କରି ପୁଲିସ ଅଭିଯୁକ୍ତଙ୍କ ପାଖରେ ପହଞ୍ଚିଥିଲା । ସେମାନେ ପାରନଗଞ୍ଜ ଜଙ୍ଗଲରେ ଲୁଚି



ରହିଥିଲେ। ସମସ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସେପଟେ ପୀଡ଼ିତାଙ୍କ ବାପା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଗୁହାରି କରିଛନ୍ତି କି, ତାଙ୍କ ଝିଅକୁ ଓଡ଼ିଶା ଯିବାକୁ ଅନୁମତି ଦିଆଯାଉ। ତାଙ୍କ ଝିଅର ଜୀବନ ପ୍ରତି ବିପଦ ରହିଛି ସେଥିପାଇଁ ତାଙ୍କୁ ଓଡ଼ିଶା ଯିବାକୁ ଦିଆଯାଉ। ଅନ୍ୟପଟେ ଗଣ ଦୁଷ୍କର୍ମ ମାମଲରେ ରାଜନୀତି ମଧ୍ୟ ତେଜିବାରେ ଲାଗିଛି।

## ମମତା ବାନାର୍ଜୀଙ୍କ ବକ୍ତବ୍ୟକୁ ନିନ୍ଦା କଲେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

ଭୁବନେଶ୍ୱର, ୧୩/୧୦ (ନି.ପ୍ର): ରାତିରେ ଝିଅ ମାନେ ବାହାରକୁ ଯିବା ଉଚିତ ନୁହେଁ ବୋଲି ଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦେଇଥିବା ବକ୍ତବ୍ୟକୁ ନିନ୍ଦା କରିଛନ୍ତି ଉ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ସୋସିଆଲ ମିଡିଆରେ ସେ ଏ ସମ୍ପର୍କରେ ଉଲ୍ଲେଖ କରି କହିଛନ୍ତି, ମମତା ବାନାର୍ଜୀ ଙ୍କ ଭଳି ଜଣେ ମହିଳା ନେତୃତ୍ୱ ଓ ଦିଦି ନାମରେ ପରିଚୟ ପ୍ରାପ୍ତ ଜଣେ ମହିଳା ମୁଖ୍ୟମନ୍ତ୍ରୀ ଙ୍କ ମୁଁହରୁ -'ରାତିରେ ଝିଅମାନେ ବାହାରକୁ ଆସିବା ଉଚିତ ନୁହେଁ ମନ୍ତବ୍ୟ ମହିଳାଙ୍କୁ ନିରାଶ କରିଛି । କେବଳ ମୋତେ ନୁହେଁ ପଶ୍ଚିମ ବଙ୍ଗଳା ରେ ଥିବା ଚାରିକୋଟି ନବେ ଲକ୍ଷ ମହିଳାମାନଙ୍କୁ ଆଶ୍ଚର୍ଯ୍ୟ ଓ ଅପମାନିତ କରିଛି। ପୀଡିତାକୁ ନ୍ୟାୟ ଦେବା ବଦଳରେ ଲିଙ୍ଗଭିତିକ ଅସମନତା ଆଣିବା,

▶▶ପୃଷ୍ଠା ୭

## ଗାଜାରେ ଶେଷ ହେଲା ଇସ୍ରାଏଲ- ହମାସ ଯୁଦ୍ଧ

ନୂଆଦିଲ୍ଲୀ,୧୩/୧୦ :ଗାଜା ପଟ୍ଟିରେ ଦୁଇ ବର୍ଷ ଧରି ଚାଲିଥିବା ଘମାଘୋଟ ଯୁଦ୍ଧରେ ହୋଇଛି ଶେଷ । ଏନେଇ ଘୋଷଣା କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଆଜି ଶାନ୍ତି ପ୍ରସ୍ତାବରେ ସ୍ୱାକ୍ଷର କରିବେ ଇସ୍ରାଏଲ ଏବଂ ହମାସ। ଇଜିପ୍ଟର ଶାର୍ମ ଏଲ୍-ଶେଖରେ ଅନୁଷ୍ଠିତ ଶାନ୍ତି ସମ୍ମିଳନୀରେ ଅଧ୍ୟକ୍ଷତା କରିବେ ଡୋନାଲ୍ଡ ଟ୍ରମ୍ପ ଓ ମିଶରର ରାଷ୍ଟ୍ରପତି ଅବଦେଲ ଫତାହ, ୨୦ରୁ ଉର୍ଦ୍ଧ୍ୱ ବିଶ୍ୱ ନେତା ଏହି ସମ୍ମିଳନୀରେ ସାମିଲ ହେବେ। ଭାରତର ପକ୍ଷରୁ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ ଉପସ୍ଥିତ ରହିବେ । ବୈଦେଶିକ ରଡୋନାଲ୍ଡ ଟ୍ରମ୍ପ ପ୍ରଥମେ ଇସ୍ରାଏଲ ଏବଂ ତା'ପରେ ଶାର୍ମ ଏଲ୍-ଶେଖ ଯାତ୍ରା କରିବେ। ଏହା ପୂର୍ବରୁ ସେ ଗାଜା ପଟ୍ଟିରେ ଦୁଇବର୍ଷ ଧରି ଚାଲିଥିବା ଯୁଦ୍ଧ ଶେଷ ହୋଇଥିବା ଘୋଷଣା କରିଛନ୍ତି । ହମାସ ଆଜି ୨୦ ଜଣ ଜୀବିତ ଇସ୍ରାଏଲୀ ବନ୍ଧକଙ୍କୁ ମୁକ୍ତ କରିବ ବୋଲି ଆଶା କରାଯାଉଛି। ଇସ୍ରାଏଲରେ ଏଥିପାଇଁ ପ୍ରସ୍ତୁତି ସରିସାରିଛି । ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ବନ୍ଧକଙ୍କ ମୁକ୍ତିକୁ ଐତିହାସିକ ବୋଲି ବର୍ଣ୍ଣନା କରିଛନ୍ତି । ହମାସ ୭ଅକ୍ଟୋବର, ୨୦୨୩ରେ ୨୫୦ଜଣ ଇସ୍ରାଏଲୀ ନାଗରିକଙ୍କୁ ବନ୍ଧକ କରି ନେଇଥିଲା । ଯାହାଙ୍କ ମଧ୍ୟରୁ ୫୦ ଜଣ ଏବେ ବି ବନ୍ଦୀ ଅବସ୍ଥାରେ ଅଛନ୍ତି। ଇସ୍ରାଏଲର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନରେ ଏପର୍ଯ୍ୟନ୍ତ ୬୬ହଜାର ପାଲେଷ୍ଟାଇନୀ ନିହତ ହୋଇଛନ୍ତି ।

## ଆନ୍ତର୍ଜାତିକ କନ୍ୟା ସନ୍ତାନ ଦିବସ ପାଳିତ

ସମ୍ବଲପୁର, ୧୩/୧୦ (ନି.ପ୍ର): ଆଜି ଜିଲ୍ଲା ସମାଜ ମଙ୍ଗଳ ବିଭାଗ ତରଫରୁ ତପସ୍ୱୀନି ପ୍ରେକ୍ଷାଳୟ ପରିସରରେ ଆନ୍ତର୍ଜାତିକ କନ୍ୟା ସନ୍ତାନ ଦିବସ ପାଳନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ର ସମସ୍ତ ବ୍ଲକ୍ ରି କିଶୋରୀ ବାଳିକାମାନେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ସଂଯୁକ୍ତା ସାହୁ ପ୍ରଥମେ ସ୍ୱାଗତ ଜଣାଇଥିଲେ ଓ ଉଦଘାଟନୀ ଭାଷଣ ପ୍ରଦାନ କରିଥିଲେ। ଶ୍ରୀମତୀ ସରିତା ଦାସ ପ୍ରୋଗ୍ରାମ ଅଫିସର କମ ପ୍ରୋଟେକ୍ସନ ଅଫିସର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବାଳିକାମାନଙ୍କୁ ସମାଜରେ ସଶକ୍ତି କରଣ କରିବା ବୋଲି କହିଥିଲେ।

## ଓଡିଶା କୃଷକ ସଭା ୧୩ତମ ଚାନ୍ଦବାଲି ବ୍ଲକ ସମ୍ମିଳନୀ

ଭଦ୍ରକ, ୧୩/୧୦ (ନି.ପ୍ର): ଏହି ଜିଲାର ଚାନ୍ଦବାଲି ବ୍ଲକର ସମସ୍ତ ଚାଷ ଜମିକୁ ଜଳସେଚନ, ବନ୍ୟା, ବାତ୍ୟା, ମରୁଡି ର ସ୍ଥାୟୀ ପ୍ରତିକାର, ଧାନ କୁଇଂଟାଲ ୩୬୦୦ ଟଙ୍କା ଘୋଷଣା କରିବା, ସାର ,ବିଷ ,କୀଟ ନାଶକ ଔଷଧ ରିହାତି ଦରରେ ଯୋଗାଇବା, ସମସ୍ତ ଚାଷୀ ଓ ଭାଗଚାଷୀ ମାନଙ୍କ କୃଷି ଋଣ ଓ ମହାଜନୀ ଋଣ ଛାଡ କରିବା, ଅତ୍ୟାବଶ୍ୟକ ସାମଗ୍ରୀ ର ଦର କମାଇବା, ୧୪ ଟି ଅତ୍ୟାବଶ୍ୟକ ସାମଗ୍ରୀ କୁ କଂଟ୍ରୋଲ ସାମଗ୍ରୀ ଭୁକ୍ତ କରିବା, ଓଡିଶାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ର ସୁଧାର ଆଣିବା, ଚାଷୀ ହତ୍ୟା ଓ ଆତ୍ମହତ୍ୟା ରୋକିବା, ଆମ ଦେଶର ସମ୍ବିଧାନର ସୁରକ୍ଷା, ଏକତା ଓ ଭାଇଚାରା ସୁରକ୍ଷା ଦାବି ନେଇ ଓଡିଶା କୃଷକ ସଭା ୧୩ ତମ ବ୍ଲକ ସମ୍ମିଳନୀ ମତୋ ଠାରେ ଅନୁଷ୍ଠିତ ହୋଇଯାଇଛି । କୃଷକ ସଭାର ବରିଷ୍ଠ ନେତା କମ୍ରେଡ ନିରଞ୍ଜନ ପାଣି ସଂଗଠନର ପତାକା ଉତୋଳନ କରିଥିଲେ । ଚଳିତ ଅଦିନିଆ ବର୍ଷା,ବନ୍ୟା , ଭୂମିକମ୍ପ ଓ ଲଦାଖ ଓ ଗାଜାଷ୍ଟ୍ରିପ୍ ରେ ପ୍ରାଣ ହରାଇଥିବା ସାଧାରଣ ଲୋକଙ୍କ ସ୍ମୃତି ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳୀ ଜଣାଇ ୨ମିନିଟ୍ ନିରବତା ଅବଲମ୍ବନ କରାଯାଇଥିଲା । ଓଡିଶା କୃଷକ ସଭା ର ରାଜ୍ୟ ଯୁଗ୍ମ ସଂପାଦକ ବିକାଶ ନାଥ ସମ୍ମିଳନୀକୁ ଉଦଘାଟନ କରି ଚାଷୀ ମାନଙ୍କ ଅଧିକାର , ଦେଶପ୍ରତି ଚାଷୀ ମାନଙ୍କ ଦାୟିତ୍ୱ ସଂପର୍କରେ ଆଲୋଚନା କରିଥିବା ବେଳେ ଓ କେନ୍ଦ୍ର ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତି ବିରୁଦ୍ଧରେ ଆଲୋଚନା କରିଥିଲେ । ଭୋଟ ଚୋରି ମାଧ୍ୟମରେ ପୁଣି ବିଭିନ୍ନ ରାଜ୍ୟରେ କ୍ଷମତାକୁ ଆସିବାକୁ ଲକ୍ଷ୍ୟ ରଖିଥିବା ଚାଷୀ ବିରୋଧୀ ସାଂପ୍ରଦାୟିକ ଘୃଣା ସୃଷ୍ଟିକାରୀ ବିଜେପି ବିରୁଦ୍ଧରେ ଚାଷୀମାନେ ଏକତ୍ରିତ ହୋଇ ଲଢେଇ କରିବାକୁ ଆହ୍ୱାନ ଜଣାଇଥିଲେ । ହଜାର ବର୍ଷର ଭାଇଚାରାର ସହର କଟକରେ ବିଜେପି ଓ ଆରଏସ୍ଏସ୍ ର ଗୁଣ୍ଡା ବାହିନୀ ସାଂପ୍ରଦାୟିକ ଗଣ୍ଡଗୋଳ ଓ ଦୋକାନ ପୋଡି ଅପରାଧ ଘଟାଇଛନ୍ତି ଓ ସମସ୍ତ ଦଙ୍ଗାକାରୀ ମାନଙ୍କୁ ଗିରଫ କରାଯାଉ ବୋଲି ଶ୍ରୀ ନାଥ ଦାବି କରିଥିଲେ । ଏହି ସମ୍ମିଳନୀରେ ଅନ୍ୟତମ ବକ୍ତା ଭାବେ ବରିଷ୍ଠ କୃଷକ ନେତା ରବି ପଟ୍ଟନାୟକ, କୃଷକ ସଭା ଜିଲ୍ଲା ସଭାପତି ଚନ୍ଦ୍ରଶେଖର ନାୟକ, କୃଷକ ସଭାର ବରିଷ୍ଠ ନେତା ନିରଞ୍ଜନ ପାଣି, ଶ୍ରମିକ ନେତା ମଳୟ ଭୋଇ, ବିଷ୍ଣୁ ଦାଶ, ଓଡିଶା କ୍ଷେତମଜଦୂର ୟୁନିୟନ ଭଦ୍ରକ ଜିଲ୍ଲା ସଂପାଦକ ଗିରିଧାରୀ ନାଥ , କୃଷକ ନେତା କୀର୍ତ୍ତନ ବିଶ୍ୱାଳ, ଚାଷୀ ନେତା କାହ୍ନୁ କିଶୋର ସାହୁ, ଅର୍ଜୁନ ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଚାନ୍ଦବାଲି ବ୍ଲକର ସମସ୍ତ ପଂଚାୟତ ଓ ଏନ୍ଏସି ରୁ ଆସିଥିବା ୮୭ ଜଣ ଚାଷୀ ପ୍ରତିନିଧିମାନଙ୍କ ମଧ୍ୟରୁ ୧୪ ଜଣ ଚାଷୀ ପ୍ରତିନିଧି ଆଲୋଚନା କରିଥିଲେ । ଶେଷରେ ଏକ ୧୫ ଜଣିଆ ନୂତନ ବ୍ଲକ କମିଟି ଗଠନ ହୋଇଥିଲା । ଏହି ନୂତନ ବ୍ଲକ କମିଟି ରେ ସଭାପତି ଭାବେ ଚାଷୀ ନେତା ଗୌରାଙ୍ଗ ଯେନା ଓ ସଂପାଦକ ଭାବେ ଚାଷୀ ନେତା ଅଶୋକ ବେହେରା ନିର୍ବାଚିତ ହୋଇଥିଲେ । ଆସନ୍ତା ଅକ୍ଟୋବର ୨୨ ଓ ୨୩ ଧୁଷୁରୀ ଠାରେ ହେବାକୁ ଥିବା ଓଡିଶା କୃଷକ ସଭାର ଜିଲ୍ଲା ସମ୍ମିଳନୀ ପାଇଁ ୨୦ ଜଣ କୃଷକ ନେତା ନିର୍ବାଚିତ ହୋଇଥିଲେ ।

## ବରହମପୁରରେ ନୂତନ ବ୍ଲକ ପ୍ରତିଷ୍ଠା ଦାବି ଜୋର ଧରିଲା : କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ



ନୀଳଗିରି, ୧୩/୧୦ (ନି.ପ୍ର): ନୀଳଗିରି ବ୍ଲକ ବଣସୀମା କୁହାଯାଉଥିବା ବରହମପୁରକୁ ନୂତନ ବ୍ଲକ ଭାବେ ଘୋଷଣା କରିବାପାଇଁ ଦୀର୍ଘ ଦିନରୁ ଦାବୀ ହୋଇଆସୁଥିଲା। ଏନେଇ ବଣସୀମା କ୍ରିୟାନୁଷ୍ଠାନ କମିଟି ଅଣ୍ଟା ଭିଡ଼ିଛି । ଏହି ପରିପ୍ରେକ୍ଷୀରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଜି ଅପରାହ୍ନ ୪ଘଟିକା ସମୟରେ ଯୁବସମାଜସେବୀ କୃତିବାସ ବେହେରାଙ୍କ ଆବାହକତ୍ୱରେ ବରହମପୁର ଗ୍ରା:ପ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବରିଷ୍ଠ ନାଗରିକ ରବିନାରାୟଣ ଚୌଧୁରୀ ସଭାପତିତ୍ୱ କରିଥିବା ବେଳେ ଆଖପାଖ ୧୧ଗୋଟି ଗ୍ରାମପଞ୍ଚାୟତରୁ ବହୁ ବୁଦ୍ଧିଜୀବୀ ଆଲୋଚନାରେ ଅଂଶଗ୍ରହଣ କରି ବରହମପୁର ଠାରେ ଏକ ନୂତନବ୍ଲକ ଗଠନ ନିମନ୍ତେ ସରକାରଙ୍କ ଠାରେ ଦାବୀ ଉପସ୍ଥାପନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ସାଂସଦଙ୍କ ନୀଳଗିରି ବ୍ଲକ ପ୍ରତିନିଧି କରୁଣାକର ପଣ୍ଡା,ନୀଳଗିରି ବ୍ଲକ ଉପାଧକ୍ଷ ଜ୍ୟୋତିର୍ମୟ ପୋଥାଳ, ରାଧାଗୋବିନ୍ଦ ପସା, ହେମେନ୍ଦ୍ର ପଣ୍ଡା, ଜୟନ୍ତ ବିନ୍ଧାଣି, ଭଗବାନ ସାହୁ, ଜୟନ୍ତ ପଟ୍ଟନାୟକ, ଚିତ୍ତରଞ୍ଜନ ପାଣିଗ୍ରାହୀ, ଅଭୟ ବାରିକ, ଆଲୋକ ମହାପାତ୍ର, ବିଶ୍ୱଜିତ ସେଠୀ, ରବୀନ୍ଦ୍ର ସାହୁ, ପ୍ରଫୁଲ୍ଲ ବେହେରା,ରଜତ ପାତ୍ର, ମହେନ୍ଦ୍ର ବେହେରା, ରାଜେନ୍ଦ୍ର ସିଂ ଓ ବହୁ ବୁଦ୍ଧିଜୀବି ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।ପରବର୍ତ୍ତୀ ବୈଠକ ଆସନ୍ତା ୧୯ ତାରିଖ ରବିବାର ଦିନ ହେବାପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ତେବେ ବଣସୀମା ଅଂଚଳଟି ଝରଣାଘାଟି ପର୍ଯ୍ୟନ୍ତ ବ୍ୟାପିଥିବାବେଳେ, ନୀଳଗିରି ବ୍ଲକରେ କୌଣସି କାର୍ଯ୍ୟପାଇଁ ୨୫ କିଲୋମିଟର ରାସ୍ତା ଅତିକ୍ରମ କରିବାକୁ ପଡୁଥିବାରୁ ବହୁ ସମସ୍ୟା ଉପୁଜୁଛି । ଏହାକୁ ଦୃଷ୍ଟିରେ ରଖି ସରଳୀକରଣ ପାଇଁ ଏଭଳି ନୂତନ ବ୍ଲକର ଆବଶ୍ୟକତା ଅଛି ବୋଲି ସାଧାରଣରେ ମତପ୍ରକାଶ ପାଇଥିଲା।

## ଜରି ପାଲ ବଂଟନରେ ଅନିୟମିତତା : ସାଧାରଣରେ ଅସନ୍ତୋଷ

ଧର୍ମଶାଳା, ୧୩/୧୦ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ବଡ଼କାଏମା ପଂଚାୟତରେ ଗରିବ ଚାଳ ଛପର ପରିବାର ଲୋକଙ୍କୁ ଜରି ପାଲ ଦିଆ ଯିବା ପରିବର୍ତ୍ତେ ଧନୀ ଶ୍ରେଣୀର ଲୋକଙ୍କୁ ଜରି ପାଲ ବଂଟନ କରାଯାଇଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଲଘୁଚାପ ଜନିତ ବର୍ଷା ଲାଗି ରହିଥିବା କାରଣରୁ , ଅସହାୟ ଗରିବ ଚାଳ ଛପର ଘରେ ବସବାସ କରୁଥିବା ଲୋକ ମାନଙ୍କୁ ବର୍ଷା ଦାଉରୁ ସୁରକ୍ଷା ନିମନ୍ତେ ପ୍ରଶାସନ ପକ୍ଷରୁ ପାଲ ଯୋଗା ଦେବାର ବ୍ୟବସ୍ଥା କରିଛନ୍ତି । ସେଥି ପାଇଁ ସ୍ଥାନୀୟ ଆର ଆଇ ଙ୍କ ରିପୋର୍ଟ ଅନୁସାରେ ତହସିଲ ପ୍ରଶାସନ ପକ୍ଷରୁ ପାଲ ବଂଟନ କରାଯାଉଛି । ହେଲେ ଗରିବ ହିତାଧିକାରୀ ମାନଙ୍କୁ ପାଲ ବଂଟନ କ୍ଷେତ୍ରରେ ଅନିୟମିତତା ହୋଇଥିବା ନେଇ ବଡକାଏମା ପଂଚାୟତ ନାଉପାଲ ଗ୍ରାମର କେତେକ ବାସିନ୍ଦା ଅଭିଯୋଗ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ଏହି ଗାଁ ରେ କିଛି ଅସାଧୁ ବ୍ୟକ୍ତି ଯେଉଁ ମାନଙ୍କ ର କୋଠାଘର ରହିଛି ସେମାନେ କିଛି ଦଳୀୟ କର୍ମୀ ଙ୍କ ସହାୟତାରେ ପାଲ କୁ ହାତେଇ ନେଇଛନ୍ତି । ଯାହା ଫଳରେ ପ୍ରକୃତ ଗରିବ ଅସହାୟ ବ୍ୟକ୍ତି ମାନେ ପାଲ ଅଭାବରୁ ଭଙ୍ଗା ଚାଳ ଛପର ଘରେ ବର୍ଷା ପାଣି ରେ ହଇରାଣ ହରକତ ହୋଇ ଜୀବନ କାଟୁଛନ୍ତି । ସେହିପରି ଏହି ପଂଚାୟତ ଅନନ୍ତପୁରଗାଁ ର ବିଲସାହି ରେ ଥିବା ୫ରୁ ଉର୍ଦ୍ଧ୍ୱ ପରିବାର ଚାଳ ଛପର ଘରେ ବସବାସ କରୁଥିବା ବେଳେ ସେମାନଙ୍କ ପାଖେ ଖଣ୍ଡେ ହେଲେ ଜରି ପାଲ ପହଂଚି ପାରିନଥିବା ସ୍ଥାନୀୟ ଗୋବିନ୍ଦ ମଳିକ ଅଭିଯୋଗ କରିଛନ୍ତି । ଲୋକେ ଭଙ୍ଗା ଘରେ ପାଲ ପକାଇବା ପାଇଁ ପାଉନଥିବା ବେଳେ କିଛି ଅସାଧୁ ଲୋକେ କୋଠା ଘରରେ ରହି ଜରିପାଲ ହାତେଇ ନେଉଥିବା ଜଣାପଡିଛି । ପାଲ ବଂଟନରେ ହେଉଥିବା କୁ ସ୍ଥାନୀୟ ବିଧାୟକ ହିମାଂଶୁ ଶେଖର ସାହୁ ଙ୍କ ନିକଟରେ ପହଂଚାଇବା ପାଇଁ କିଛି ଗ୍ରାମବାସୀ ନିବେଦନ କରିଛନ୍ତି । ଏ ଘଟଣା ଉପରେ ବିଧାୟକ ଏବଂ ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି । ଏ ସଂକ୍ରାନ୍ତରେ କାଏମା ଆର ଆଇ ମାନସ ବେଜଙ୍କୁ ପଚାରିବାରୁ ସେଭଳି କୌଣସି ଅନିୟମିତତା ହୋଇ ନଥିବା କହିଥିବା ବେଳେ ପାଲ କମ ଥିବାରୁ ପ୍ରଥମେ ଆବେଦନ କରିଥିବା ଲୋକଙ୍କୁ ବଂଟନ କରାଯାଇଚି ଏବଂ ବାଦ ପଡିଥିବା ହିତାଧିକାରୀଙ୍କୁ ଯଥାଶୀଘ୍ର ପାଲ ଯୋଗାଇ ଦିଆଯିବ ବୋଲି କହିଛନ୍ତି ।

## କେନ୍ଦ୍ରାପଡା ପୌରସଂସ୍ଥା ତରଫରୁ ଜବରଦଖଲ ଉଚ୍ଛେଦ

କେନ୍ଦ୍ରାପଡ଼ା, ୧୩/୧୦ (ନି.ପ୍ର): କେନ୍ଦ୍ରାପଡାର ଗଣପର୍ବ ଗଜଲକ୍ଷ୍ମୀ ପୂଜାରେ ପ୍ରବଳ ଭିଡ ହେବାରୁ ଯାତାୟତରେ ଜନ ସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହା ଜଣାପଡିବା ପରେ କେନ୍ଦ୍ରାପଡା ପୁରୁଣା ବସଷ୍ଟାଣ୍ଡ ଏବଂ ମାଛ ମାର୍କେଟ ମୁଖ୍ୟ ରାସ୍ତାରେ ପ୍ରାୟ ୫-୭ ଫୁଟ ଲେଖାଏଁ ରାସ୍ତାକୁ ମାଡି ଦୋକାନୀମାନେ ନିଜ ନିଜର ବ୍ୟବସାୟ ପସରା ବସାଇଛନ୍ତି ।

## ଇସ୍ପାତ ଜେନେରାଲ ହସ୍ପିଟାଲର ବିଶେଷଜ୍ଞ ଡାକ୍ତରୀ ଦଳର ଅନୁକରଣୀୟ ବହୁବିଧ ପ୍ରୟାସ ମାଧ୍ୟମରେ କୋମା ରୋଗୀଙ୍କ ଆରୋଗ୍ୟ ହାସଲ

ରାଉରକେଲା, ୧୩/୧୦ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ)ର ଉତ୍ସର୍ଗୀକୃତ ଚିକିତ୍ସକ ଦଳ ସମନ୍ୱିତ ବହୁବିଧ ଚିକିତ୍ସା ମାଧ୍ୟମରେ ଜଣେ ଗୁରୁତର କୋମା ରୋଗୀଙ୍କୁ ସଫଳତାର ସହ ଆରୋଗ୍ୟ କରି ପୁଣି ଥରେ ତାଙ୍କର ଅସାଧାରଣ ଚିକିତ୍ସା ଦକ୍ଷତା ପ୍ରଦର୍ଶନ କରିଛନ୍ତି।



ଜଣେ ୭୧ ବର୍ଷୀୟ ଅବସରପ୍ରାପ୍ତ ପ୍ରଫେସର, ୪୮ ଘଣ୍ଟାରୁ ଅଧିକ ସମୟ ଧରି ଚେତାଶୂନ୍ୟ ରହିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଆଇଜିଏଚର କାଜୁଆଲ୍ଟିକୁ ଅଣାଯାଇଥିଲା। ରୋଗୀଙ୍କୁ ନ୍ୟୁରୋସର୍ଜରୀ ବିଭାଗ ଅଧୀନରେ ଭର୍ତ୍ତି କରାଯାଇଥିଲା ଏବଂ ତୁରନ୍ତ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ମସ୍ତିଷ୍କର ସିଟି ସ୍କାନ୍‌ରୁ ତାଙ୍କର ବାଇଲାଟେରାଲ୍ ଫ୍ରଣ୍ଟୋ-ଟେମ୍ପୋରୋ-ପାରିଏଟାଲ୍ ସବଆକ୍ୟୁଟ୍ ଏସଡ଼ିଏଚ ହୋଇଥିବା ଜଣାଯାଇଥିଲା। ଏହା ବ୍ୟତୀତ, ସେ ସେପ୍ଟିସେମିଆ ସହିତ ଉଭୟ ତଳ ଅଙ୍ଗର ଗଭୀର ସେଲୁଲାଇଟିସ୍‌ରେ ପୀଡିତ ଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଗ୍ରହଣ କରାଯାଇଥିଲା।
ଡାକ୍ତରଖାନାରେ ରୋଗୀଙ୍କୁ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିଲା, ଚେତା ଫେରିଆଣିବା ପାଇଁ ସମସ୍ତ ଗଭୀର ଯତ୍ନ ନିଆଯାଇଥିଲା ଏବଂ ଅସ୍ତ୍ରୋପଚାର ପାଇଁ ନିଆଯାଇଥିଲା। ନ୍ୟୁରୋସର୍ଜରୀର ବରିଷ୍ଠ ପରାମର୍ଶଦାତା ଡକ୍ଟର ମନୋଜ କୁମାର ଦେଓଙ୍କ ଦ୍ୱାରା ଏକ ବରହୋଲ୍ ପ୍ରକ୍ରିୟା ସମ୍ପନ୍ନ କରାଯାଇଥିଲା। ଏଥିରେ ସିଷ୍ଟର ଅର୍ଚ୍ଚନା ଓଟିରେ ସହାୟତା ପ୍ରଦାନ କରିଥିଲେ। ବରିଷ୍ଠ ବିଶେଷଜ୍ଞ ଡକ୍ଟର ଗିରିଜା ଶଙ୍କର ସାହୁ ଏବଂ ପ୍ଲାଷ୍ଟିକ୍ ସର୍ଜରୀର ବରିଷ୍ଠ ପରାମର୍ଶଦାତା ଡକ୍ଟର ରୁବି ସିଂହଙ୍କ ଦ୍ୱାରା ଉଭୟ ତଳ ଅଙ୍ଗର ସେଲୁଲାଇଟିସ୍ ପ୍ରଭାବଶାଳୀ ଭାବରେ ପରିଚାଳନା କରାଯାଇଥିଲା।
ରୋଗୀ ପ୍ରାୟ ଗୋଟିଏ ମାସ ପର୍ଯ୍ୟନ୍ତ ଆଇସିୟୁରେ ଭେଣ୍ଟିଲେଟରରେ ରହିଥିଲେ, ଯେଉଁଠାରେ ତାଙ୍କୁ ଅତିରିକ୍ତ ସିଏମଓ, ଆନାସ୍ଥେସିଆ ଏବଂ ଆଇସିୟୁ ମୁଖ୍ୟ ଡକ୍ଟର ସଞ୍ଜୁକ୍ତା ପାଣିଗ୍ରାହୀଙ୍କ ଦ୍ୱାରା ସ୍ୱତନ୍ତ୍ର ଯତ୍ନ ନିଆଯାଇଥିଲା। ଭେଣ୍ଟିଲେଟରରୁ ସଫଳତାର ସହ ବାହାରିବା ପରେ, ତାଙ୍କୁ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ସିଷ୍ଟର ସାଇନି, ସିଷ୍ଟର ଗୁଲାବ, ସିଷ୍ଟର ଗୌରୀ, ସିଷ୍ଟର ସସ୍ମିତା, ସିଷ୍ଟର ମନୀଷା ଏବଂ ଅନ୍ୟମାନଙ୍କ ଦ୍ୱାରା ନିରନ୍ତର ଚିକିତ୍ସା ତଦାରଖ ଏବଂ ଉତ୍ସର୍ଗୀକୃତ ନର୍ସିଂ ଯତ୍ନରେ, ରୋଗୀଙ୍କଠାରେ ଉଲ୍ଲେଖନୀୟ ଉନ୍ନତି ଦେଖାଯାଇଥିଲା, ଏବଂ ସେ ସମସ୍ତ ଚେତନା ଫେରି ପାଇଥିଲେ ଏବଂ ଖାଦ୍ୟ ଗ୍ରହଣ କଲେ ତଥା ତାଙ୍କ ପରିବାର ସଦସ୍ୟଙ୍କୁ ଚିହ୍ନି ସେମାନଙ୍କ ସହିତ ଯୋଗାଯୋଗ କରିପାରିଲେ।
ପ୍ରାୟ ୬୦ ଦିନ ହସ୍ପିଟାଲରେ ରହିବା ପରେ, ରୋଗୀ ଧୀରେ ଧୀରେ ସୁସ୍ଥ ହୋଇଛନ୍ତି ଏବଂ ତାଙ୍କର ସୁନ୍ଦର କବିତା ଦ୍ୱାରା କର୍ମଚାରୀ ଏବଂ ପରିଦର୍ଶକଙ୍କୁ ଆମୋଦିତ କରୁଛନ୍ତି। ଏହି ଚିକିତ୍ସା ଆଇଜିଏଚର ଉନ୍ନତ ଚିକିତ୍ସା କ୍ଷମତା, ଦଳଗତ କାର୍ଯ୍ୟ ଏବଂ ଅଞ୍ଚଳର ସର୍ବୋତ୍ତମ ପ୍ରତିଷ୍ଠାନ ରୂପେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପ୍ରତି ପ୍ରତିବଦ୍ଧତାକୁ ଦୋହରାଉଛି।

## ମାଲକାନଗିରି ଜିଲ୍ଲାରେ ପଲସ୍ ପୋଲିଓ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ଜିଲ୍ଲାପାଳ

ମାଲକାନଗିରି, ୧୩/୧୦ (ନି.ପ୍ର): ଆଜି ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ପଲସ ପୋଲିଓ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଜିଲ୍ଲାପାଳ ନିଜେ ୫ ବର୍ଷରୁ କମ୍ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମାଲକାନଗିରି ଜିଲ୍ଲାକୁ ସମ୍ପୂର୍ଣ୍ଣ ରୂପେ ପୋଲିଓ ମୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଛନ୍ତି । ନିରନ୍ତର ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଏନଆଇଡି ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ଏବଂ ନଜର ରଖିବା ପାଇଁ ୧୨ ଅକ୍ଟୋବରରେ ମାଲକାନଗିରି ଜିଲ୍ଲାରେ ପୋଲିଓ ପାଇଁ ଉପ-ଜାତୀୟ ଟୀକାକରଣ ଦିବସ ଆୟୋଜନ କରାଯାଉଛି । ୧୩ ଏବଂ ୧୪ ଅକ୍ଟୋବର ଦୁଇ ଦିନରେ ଘର ଘର ବୁଲି ଶିଶୁଙ୍କୁ ପୋଲିଓ ଟୀକା ଦିଆଯିବ। ଉପ-ଜାତୀୟ ଟୀକାକରଣ ସମୟରେ ସମୁଦାୟ ୦ ରୁ ୫ ବର୍ଷ ବୟସର ୭୫ ହଜାର ୨୫୦ ଜଣ ଶିଶୁଙ୍କୁ ଟୀକାକରଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ଜିଲ୍ଲାରେ ୫୪ଟି ମୋବାଇଲ୍ ଦଳ ଏବଂ ୫୮ଟି ଟ୍ରାଞ୍ଜିଟ୍ ଦଳ ସହିତ ମୋଟ ୭୫୨ ଟିକାକରଣ ବୁଥ୍ ଯୋଜନା କରାଯାଇଛି । ୬୧ଟି ଟିକାକରଣ କେନ୍ଦ୍ରରେ ୧୫୦୪ ଜଣ ଟିକାଦାତା ପୋଲିଓ ଟୀକାକରଣ ପାଇଁ ନିୟୋଜିତ ହେବେ। ସମଗ୍ର ଜିଲ୍ଲାରେ କାର୍ଯ୍ୟକ୍ରମ ତଦାରଖ କରିବା ପାଇଁ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯାଇଛି। ଉପ-ଜାତୀୟ ଟୀକାକରଣ ସମୟରେ ଟୀକାକରଣ ପରେ ଯେକୌଣସି ପ୍ରତିକୂଳ ଘଟଣା ପାଇଁ ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ସଜାଗ ରହିଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସୁପରିଟେଣ୍ଡେଂଟ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଡିପିଏମ୍ ଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## କାଞ୍ଜିଆ ହୋଦାରେ ଭର୍ତ୍ତି ପାଇଁ ଗାଈ ଗୋରୁଙ୍କୁ ଧରିବା ଅଭିଯାନ ଆରମ୍ଭ : ଉଭୟ ଏଡିଏମଙ୍କ ଉପସ୍ଥିତିରେ ଶୁଭାରମ୍ଭ

ସୁବର୍ଣ୍ଣପୁର, ୧୩/୧୦ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସୋନପୁର ସହରର ସମସ୍ତ ମୁଖ୍ୟ ରାସ୍ତା ତଥା ଗଳି ମାନଙ୍କରେ ବୁଲୁଥିବା ଗାଈ ଗୋରୁ ମାନଙ୍କୁ କାଞ୍ଜିଆ ହୋଦାରେ ଭର୍ତ୍ତି କରିବା ଅଭିଯାନ ଶୁଭାରମ୍ଭ କରାଗଲା । ସୁବର୍ଣ୍ଣପୁର ଏଡିଏମ ରାଜେନ୍ଦ୍ର ମାଝୀ ଓ ଅଞ୍ଜଳିନା ପଧାନଙ୍କ ତତ୍ତ୍ୱାବଧାନରେ ଓ ପୌର ପରିଷଦ ନିର୍ବାହୀ ଅଧିକାରୀ ଋଷି ମାଝୀ, ଆର.ଟି. ଓ. ଅକ୍ଷୟ ଜେନାଙ୍କ ସଂଯୋଜନାରେ ଆଜି ଏ ଅଭିଯାନ ଆରମ୍ଭ ହୋଇଛି । ପୂର୍ବରୁ ବୁଲା ଗାଈ ଗୋରୁଙ୍କ ମାଲିକ ମାନଙ୍କ ପାଇଁ ଜିଲ୍ଲାପାଳ ଓ ଏସପିଙ୍କ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ ସହରର ନଳିନୀ ଛକ ଠାରେ ଅନୁଷ୍ଠିତ ହୋଇଥିଲା । ଆଜି ଗାନ୍ଧୀ ପଡିଆ ଓ ନଳିନୀ ଛକରୁ ଏ ଅଭିଯାନ ଆରମ୍ଭ କରାଯାଇଥିବା ବେଳେ ସୋନପୁର ସହରରେ ଗାଈଗୋରୁଙ୍କ ଦ୍ୱାରା ହେଉଥିବା ଟ୍ରାଫିକ ସମସ୍ୟା ଦୂର କରିବା, ଦୁର୍ଘଟଣା ରୋକିବା ପାଇଁ ପ୍ରଶାସନ ସହର ବାସୀଙ୍କୁ ନିବେଦନ କରିଛି । ଜିଲ୍ଲା ପ୍ରଶାସନ, ସୋନପୁର ପୌର ପ୍ରଶାସନ ଓ ଜିଲ୍ଲା ପୋଲିସ ପ୍ରଶାସନ, ପ୍ରାଣୀ ସମ୍ପଦ ବିଭାଗ ଓ ଆଞ୍ଚଳିକ ପରିବହନ ବିଭାଗ ଓ ସହରର ବିଭିନ୍ନ ସାମାଜିକ ସଙ୍ଗଠନର ମିଳିତ ଉଦ୍ୟମରେ ଏହି ଅଭିଯାନ ଆରମ୍ଭ କରାଯାଇଥିବା ସୂଚନା ମିଳିଛି କ୍ଷ ଓ ସମୁଦାୟ ୨୮ ଗୋଟି ଗାଈ ଗୋରୁଙ୍କୁ ଆଜି ପୌର ପରିଷଦର କାଓ କେଚର୍ ଗାଡ଼ିରେ ଧରାଯାଇ କାଞ୍ଜି ହାଉସରେ ଭର୍ତି କରାଯାଇଛି । ଆଗକୁ ଲଗାତାର ଭାବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ଗାଈ ଗୋରୁଙ୍କୁ କାଞ୍ଜିଆ ହୋଦାରେ ଭର୍ତି କରାଯିବ ବୋଲି ଖବର ଅଛି । ନିୟମାନୁଯାୟୀ ସଂପୃକ୍ତ ଗାଈଗୋରୁ ମାନଙ୍କ ମାଲିକ ମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜ ନିଜ ଗାଈଗୋରୁ ମାନଙ୍କୁ ନ ମୁକୁଳାଇବେ ତେବେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୌର ପରିଷଦ ପକ୍ଷରୁ କୁହାଯାଇଛି ।

## ଗଜଲକ୍ଷ୍ମୀଙ୍କ ନିକଟରେ କୁଙ୍କୁମାର୍ଚ୍ଚନା ପୂଜା

ଜୟପୁର, ୧୩/୧୦ (ନି.ପ୍ର): ଜୟପୁର ରାଜାନହର ଛକରେ ଧୁମ ଧାମରେ ପାଳିତ ହେଉଛି ଗଜଲକ୍ଷ୍ମୀ ପୂଜା । ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ପୂଜା ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ପୂଜା ଅନୁଷ୍ଠିତ ହେବ । ଜୟପୁର ରାଜାନହର ଛକ ଠାରେ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜା ମହୋତ୍ସବରେ ଆଜି କୁଙ୍କୁମାର୍ଚ୍ଚନା ପୂଜା ଆୟୋଜନ ହୋଇଥିଲା । ମହିଳା ମାନେ ଚନ୍ଦନ, ସିନ୍ଦୁର, ଫୁଲ, ହଳଦିଆ ଫୁଲ, ଧୂପକାଠି, କୁଙ୍କୁମ, ପାନ ପତ୍ର, ନଡିଆ, କଦଳୀ ଆଦି ଧରି ପୂଜାରେ ସାମିଲ ହୋଇଥିଲେ ।

## କୋରାପୁଟ ଇପିଏଫ୍ ପେନସନର୍ସ ଆସୋସିଏସନ୍‌ର ବୈଠକ

ଜୟପୁର, ୧୩/୧୦ (ନି.ପ୍ର): ଜୟପୁର ଯାଦବ ଭବନ ଠାରେ କୋରାପୁଟ ଇପିଏଫ୍ ପେନସନର୍ସ ଆସୋସିଏସନ୍ ର ବୈଠକ ସଭାପତି ନଳିନୀକାନ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆଜିର ସଭାରେ ଆଲୋଚନା ପାଇଁ ସଭାପତି ସଭ୍ୟ ସଂଗ୍ରହ ଓ ନବୀକରଣ, ସର୍ବନିମ୍ନ ପେନସନ୍ ମାସିକ ୯୦୦୦/ ଟଙ୍କା ସହ ସ୍ୱାସ୍ଥ୍ୟ ସେବା, ମହଙ୍ଗା ଭତା ଯୋଡ଼ିବା ପାଇଁ ଆନ୍ଦୋଳନ, ଉଚ୍ଚ ହାର ପେନସନ୍ ପାଇଁ ପ୍ରଚେଷ୍ଟା,ଅଷ୍ଟମ ରାଜ୍ୟ ସ୍ତରୀୟ ବାର୍ଷିକ ସମ୍ମିଳନୀ, ଅବିଭକ୍ତ କୋରାପୁଟ ଜିଲ୍ଲାର ମିଳିତ ସମ୍ମିଳନୀ ଆଦି ପ୍ରସ୍ତାବ ରଖିଥିଲେ। ସେବା କାଗଜ କଳ ଶ୍ରମିକ ସଂଘ ର ସଭାପତି ଶ୍ରୀ ପ୍ରମୋଦ କୁମାର ମହାନ୍ତି ଉଚ୍ଚ ହାର ପେନସନ୍ ସମ୍ବନ୍ଧରେ ସୂଚନା ଦେଇ କହିଥିଲେ ଯେ, କେସିସି ବ୍ୟାଙ୍କ ଏବଂ ଅନ୍ୟ କେତେକ ସଂସ୍ଥା ରେ ଅବସରପ୍ରାପ୍ତ ଶ୍ରମିକ କର୍ମଚାରୀ ମାନେ ଉଚ୍ଚ ହାର ପେନସନ୍ ପାଇଁ ଯୋଗ୍ୟ ବିବେଚିତ ହୋଇ ପାଉଛନ୍ତି କିନ୍ତୁ ଅଧିକାଂଶ ସ୍ଥଳରେ ଆବେଦନ କରିଥିବା କର୍ମଚାରୀ ମାନଙ୍କ ଆବେଦନ ଖାରଜ ହୋଇଛି । ଏହାର କାରଣ ଦର୍ଶାଇ ପୂନର୍ବାର ପଦକ୍ଷେପ ନେବାକୁ ରାଜ୍ୟ ଓ ଜାତୀୟ ସ୍ତରର ନେତୃତ୍ୱଙ୍କୁ ନିବେଦନ କରାଯାଇଛି। କିନ୍ତୁ, ସର୍ବନିମ୍ନ ପେନସନ ପାଇଁ ଆନ୍ଦୋଳନ ସଫଳ ହେବା ପର୍ଯ୍ୟନ୍ତ ଅନବରତ ଲାଗି ରହିବ । ସେଥିପାଇଁ ଆଗାମୀ ନଭେମ୍ବର ୧୬ ତାରିଖ ଦିନ ସମଗ୍ର ଦେଶରେ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯିବ । ଜିଲ୍ଲା ସଂଗଠନର ନେତା ଦୁର୍ଗା ପ୍ରସାଦ ଦାଶ ଆଗାମୀ ନଭେମ୍ବର ତିନି ତାରିଖ ପୂର୍ବରୁ ନୂତନ ସଭ୍ୟ ସଂଗ୍ରହ ଓ ନବୀକରଣ କାର୍ଯ୍ୟ ସାରି ସ୍ୱତନ୍ତ୍ର ପାଣ୍ଠି ସଂଗ୍ରହ ପାଇଁ ନିବେଦନ କରିଥିଲେ । ଅଷ୍ଟମ ରାଜ୍ୟ ସମ୍ମିଳନୀ ରେ ଯୋଗ ଦେବା ପାଇଁ ଅକ୍ଟୋବର ଶେଷ ସପ୍ତାହରେ ବୈଠକ ଅନୁଷ୍ଠିତ ହେବ। ତା' ସହ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ଅବିଭକ୍ତ କୋରାପୁଟ ଜିଲ୍ଲାର ଇପିଏଫ୍ ପେନସନଭୋଗୀ ମାନଙ୍କର ବୈଠକକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଆଜିର ସଭାରେ ସର୍ବଶ୍ରୀ ପି ଗୌରୀ ଶଙ୍କର ରାଓ, ବସନ୍ତ ବେହେରା, ଜି.ପ୍ରସାଦ ରାଓ, କିଶୋର ଚନ୍ଦ୍ର ପଣ୍ଡା, ସୁଦର୍ଶନ ବିଷୋୟୀ, ଭାସ୍କର ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଚାଷୀଙ୍କ ସମସ୍ୟା ଶୁଣିଲେ ସମବାୟ ସମିତି ସହନିବନ୍ଧକ

କେନ୍ଦ୍ରାପଡ଼ା, ୧୩/୧୦ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଆଳିର ଆଳି କଟକ ସେଂଟ୍ରାଲ କୋ ଅପରେଟିଭ ବ୍ୟାଙ୍କର ଚାଷୀମାନଙ୍କ ପାଇଁ ଥିବା ସମବାୟ ସମିତି ମଧ୍ୟରୁ ନୂତନ ଭାବେ ଗଢି ଉଠିଥିବା ଜୁଆଣିଆ ଓ ପେତପଡା ସମବାୟ ସମିତି ଅନ୍ୟତମ। ଦୀର୍ଘଦିନର ବାଦ ବିବାଦ ପରେ ଜୁଆଣିଆ ଓ ପେତପଡା ସମବାୟ ସମିତିର ସମ୍ପାଦକ ଭାବେ ଗୋବିନ୍ଦପୁର ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ବିରଜା ପ୍ରସାଦ ଦାସ ଦାୟିତ୍ୱ ନେଇଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଦୁଇଟି ଜୁଆଣିଆ ଓ ପେତପଡା ସମବାୟ ସମିତିର ପୂର୍ବକାର୍ଯ୍ୟରତ ସମ୍ପାଦକ ଦ୍ୱୟଙ୍କ ନାମରେ କୋଟି କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ହୋଇଥିଲା। ଏନେଇ ଉଭୟ ପ୍ରାଥମିକ ସମବାୟ ସମିତିର ଚାଷୀମାନେ ମୁଖ୍ୟମନ୍ତ୍ରୀ, ମୁଖ୍ୟସଚିବ, ସମବାୟ ମନ୍ତ୍ରୀ, ରେଜିଷ୍ଟର ସମବାୟ ସମିତି,କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକଙ୍କ ନିକଟରେ ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିଲା। ବାରମ୍ବାର ଚାଷୀମାନେ ଅଭିଯୋଗ ଆଣିବା ପରେ ଓଡିଶା ଷ୍ଟେଟ କୋ ଅପରେଟିଭ ବ୍ୟାଙ୍କ ର ଚିଫ ଜେନେରାଲ ମ୍ୟାନେଜରଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଦୁଇ ସମବାୟ ରେ ସ୍ୱତନ୍ତ୍ର ଅଡିଟ ହେବା ସହ ଦୁର୍ନୀତିର ପ୍ରମାଣ ମିଳିବା ପରେ ଦାୟିତ୍ୱରେ ଥିବା ଦୁଇ ସମ୍ପାଦକଙ୍କୁ ନିଲମ୍ବିତ କରାଯାଇଥିଲା ଓ ଦୀର୍ଘଦିନ ଧରି ଏହି ସମବାୟ ସମିତିରେ କାହାକୁ ଦାୟିତ୍ୱ ଦିଆନଯିବା ଫଳରେ ଚାଷୀମାନେ ସରକାରୀ ଯୋଜନାରେ ଚାଷ ପାଇଁ ଋଣ, ସାର, ବିହନ, ଫସଲବୀମା ଆଦି ପାଇବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଶେଷରେ ସେମାନେ ବାଧ୍ୟ ହୋଇ ଓଡିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କ ସ୍ଥାନରେ ଅନ୍ୟ ସମ୍ପାଦକଙ୍କୁ ସମବାୟ ସମିତି ଦୁଇଟିର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲେ ମଧ୍ୟ ସମ୍ପାଦକ ନିଯୁକ୍ତି ହୋଇପାରିନଥିଲା। ପୁନଃ ଏ ସମ୍ପର୍କରେ ଚାଷୀ ମାନେ ଏଆରସିଏସ, ଡିଆରସିଏସ ଓ ଜିଲ୍ଲାପାଳଙ୍କୁ ଭେଟି ତାଙ୍କ ଦୁଃଖ ଜଣାଇଥିଲେ। ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ସମାଧାନ ର ବାଟ ଫିଟିଥିଲା କ୍ଷ ଆଜି କେନ୍ଦ୍ରାପଡ଼ା ସମବାୟ ସହନିବନ୍ଧକ ଉଭୟ ପେତପଡା ଓ ଜୁଆଣିଆ ସମବାୟ ସମିତିର ସମ୍ପାଦକ ଭାବେ ଗୋବିନ୍ଦପୁର ସମବାୟ ସମିତି ର ସମ୍ପାଦକ ବିରଜା ପ୍ରସାଦ ଦାସଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି ଓ ତତ ସହିତ ଉଭୟ ପେତପଡା ଓ ଜୁଆଣିଆ ସମବାୟ ସମିତିର ପୂର୍ବ ନିଲମ୍ବିତ ସମ୍ପାଦକମାନଙ୍କୁ ଆଗାମୀ ୧୪.୧୦.୨୦୨୫ ତାରିଖ ଦିବା ସାଢ଼େ ୧୨ଟା ସୁଦ୍ଧା ସମବାୟ ସହ ନିବନ୍ଧକ କେନ୍ଦ୍ରାପଡ଼ାଙ୍କ କାର୍ଯ୍ୟାଳୟରେ ସମସ୍ତ ଦସ୍ତାବିଜ ସହ ଦାୟିତ୍ୱ ହସ୍ତାନ୍ତର କାଗଜପତ୍ର ଦାଖଲ କରିବାକୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ଯାହାକୁ ନେଇ ଉଭୟ ସମବାୟ ସମିତିର ଚାଷୀମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି।

# ଦୀପାବଳିରେ ରାଶି ଅନୁସାରେ ଘରକୁ ଆଣନ୍ତୁ ଏହିସବୁ ଜିନିଷ, ବଦଳିଯିବ ଭାଗ୍ୟ !



ଆଲୋକର ପର୍ବ ଦୀପାବଳି ହେଉଛି ସୁଖ ଏବଂ ସମୃଦ୍ଧିର ପର୍ବ। ଏହି ପର୍ବ କେବଳ ଘରକୁ ଆଲୋକିତ କରିବାର ସମୟ ନୁହେଁ ବରଂ ଜୀବନରେ ଧନ, ସମୃଦ୍ଧି ଏବଂ ସୌଭାଗ୍ୟ ଆଣିବାର ଏକ ସୁବର୍ଣ୍ଣ ସୁଯୋଗ। ଜ୍ୟୋତିଷଶାସ୍ତ୍ର ଅନୁସାରେ, ଦୀପାବଳିରେ କିଣାକିଣିର ବିଶେଷ ମହତ୍ତ୍ୱ ରହିଛି। ଯଦି ଆପଣ ଆପଣଙ୍କ ରାଶି ଅନୁସାରେ ଶୁଭ ଜିନିଷ କିଣନ୍ତି, ତେବେ ଦେବୀ ଲକ୍ଷ୍ମୀ ଆପଣଙ୍କ ଉପରେ ତାଙ୍କର ଆଶୀର୍ବାଦ ବର୍ଷା କରନ୍ତି ଏବଂ ଆପଣଙ୍କ ଜୀବନରୁ ଦାରିଦ୍ର୍ୟ ଦୂର ହୁଏ। ପଞ୍ଜାଙ୍ଗ ଅନୁସାରେ, ଏହି ବର୍ଷ ଦୀପାବଳି ସୋମବାର, ୨୦ ଅକ୍ଟୋବର, ୨୦୨୫ ରେ ପାଳନ କରାଯିବ। ଏହି ଶୁଭ ଅବସରରେ ଆପଣଙ୍କ ରାଶିର ଶାସକ ଗ୍ରହ ଅନୁସାରେ କିଣାକାଟା କରିବା ଦ୍ୱାରା ଆପଣ ସର୍ବାଧିକ ଲାଭ ପାଇପାରିବେ।

***<u>ଦୀପାବଳିରେ ଆପଣଙ୍କ ରାଶି ଅନୁସାରେ ଏହି ଜିନିଷ କିଣନ୍ତୁ !</u>***

ମେଷ
ରାଶି : ମଙ୍ଗଳ
ଶୁଭ କ୍ରୟ: ମେଷ ରାଶି ପାଇଁ ରୂପା ପାତ୍ର କିମ୍ବା ରୂପା ମୁଦ୍ରା କିଣିବା ବହୁତ ଶୁଭ ହେବ। ଏହା ସହିତ, ଆପଣ ପିତ୍ତଳ, ଲାଲ କିମ୍ବା ତମ୍ବା ଜିନିଷ ମଧ୍ୟ କିଣିପାରିବେ। ଏହି କ୍ରୟଗୁଡ଼ିକ ଆପଣଙ୍କ କ୍ୟାରିଅରରେ ଉନ୍ନତି ଆଣିବ।

ବୃଷ
ରାଶି : ଶୁକ୍ର
ଶୁଭ କ୍ରୟ: ବୃଷ ରାଶିର ଜାତବ୍ୟକ୍ତିଙ୍କ ପାଇଁ, ରୂପା ମୁଦ୍ରା, ଶ୍ରୀଯନ୍ତ୍ର, ଗୋମତୀ ଚକ୍ର, କିମ୍ବା ହୀରା ଖଚିତ ଅଳଙ୍କାର କ୍ରୟ ଅତ୍ୟନ୍ତ ଲାଭଦାୟକ ହେବ। ଏହା ଆପଣଙ୍କ ଘରେ ଧନ ଏବଂ ସମୃଦ୍ଧି ବୃଦ୍ଧି କରିବ।

ମିଥୁନ
ରାଶି : ବୁଧ
ଶୁଭ କ୍ରୟ: ଏହି ରାଶିରେ ଜନ୍ମିତ ବ୍ୟକ୍ତିମାନେ କଂସା ପାତ୍ର, ସାଜସଜ୍ଜା ସାମଗ୍ରୀ କିମ୍ବା ମଣିପଥର କ୍ରୟ କରିପାରିବେ। ଏହାକୁ ଜ୍ଞାନ ଏବଂ ସମୃଦ୍ଧିର ପ୍ରତୀକ ବୋଲି ବିବେଚନା କରାଯାଏ। ଗଣେଶ ମୂର୍ତ୍ତି କିଣିବା ମଧ୍ୟ ଆପଣଙ୍କ ପାଇଁ ଶୁଭ।

କର୍କଟ
ରାଶି : ଚନ୍ଦ୍ର
ଶୁଭ କ୍ରୟ: କର୍କଟ ରାଶିର ଜାତବ୍ୟକ୍ତିଙ୍କ ପାଇଁ, ରୂପା ସାମଗ୍ରୀ, ବିଶେଷକରି ରୂପା ଅଳଙ୍କାର କିମ୍ବା ମୁଦ୍ରା କ୍ରୟ କରିବା ବହୁତ ଲାଭଦାୟକ ହେବ। ଆପଣ ମୁକ୍ତା ହାର ମଧ୍ୟ କିଣିପାରିବେ।

ସିଂହ
ରାଶି : ସୂର୍ଯ୍ୟ
ଶୁଭ କ୍ରୟ: ସିଂହ ରାଶିର ଜାତବ୍ୟକ୍ତିଙ୍କ ପାଇଁ, ସୁନା ଅଳଙ୍କାର, ତମ୍ବା ପାତ୍ର, କିମ୍ବା ମାଣିକ ମଣି କ୍ରୟ ଲାଭଦାୟକ ହେବ। ଯଦି ଆପଣଙ୍କର ବଜେଟ କମ ଅଛି, ତେବେ ଆପଣ ସୁନା ପ୍ଲେଟେଡ ଜିନିଷ ମଧ୍ୟ କ୍ରୟ କରିପାରିବେ। ଏହି କ୍ରୟ ଆପଣଙ୍କ ଆତ୍ମବିଶ୍ୱାସକୁ ବୃଦ୍ଧି କରିବ ଏବଂ ସଫଳତାର ସମ୍ଭାବନାକୁ ବୃଦ୍ଧି କରିବ।

କନ୍ୟା
ରାଶି ଗ୍ରହ: ବୁଧ
ଶୁଭ କ୍ରୟ: କନ୍ୟା ରାଶି ପାଇଁ, ପିତ୍ତଳ କିମ୍ବା ଫୁଲ କୁଣ୍ଡ, ମଣିପାତ୍ର, କିମ୍ବା ଗଣେଶ ମୂର୍ତ୍ତି କିଣିବା ଶୁଭ। ଏହି ଜିନିଷଗୁଡ଼ିକ ଆପଣଙ୍କ ବୁଧକୁ ଶକ୍ତିଶାଳୀ କରିବ ଏବଂ ସମୃଦ୍ଧି ଆଣିବ।

ତୁଳା
ରାଶି ଗ୍ରହ: ଶୁକ୍ର
ଶୁଭ କ୍ରୟ: ତୁଳା ରାଶି ପାଇଁ, ରୂପା ଜିନିଷ କିଣିବା ସର୍ବୋତ୍ତମ। ଆପଣ ହୀରା ଖଚିତ ଅଳଙ୍କାର, ରୂପା ମୁଦ୍ରା କିମ୍ବା ଶ୍ରୀଯନ୍ତ୍ର କିଣିପାରିବେ। ଏହି କ୍ରୟ ଆର୍ଥିକ ବାଧା ଦୂର କରିବ।

ବିଛା
ରାଶି ଗ୍ରହ: ମଙ୍ଗଳ
ଶୁଭ କ୍ରୟ: ବିଛା ରାଶି ପାଇଁ, ତମ୍ବା ପାତ୍ର, ଲାଲ ରଙ୍ଗର ଜିନିଷ କିମ୍ବା ସମ୍ପତ୍ତିରେ ନିବେଶକୁ ଶୁଭ ବୋଲି ବିବେଚନା କରାଯାଏ। ଏହା ଆପଣଙ୍କ ଭାଗ୍ୟକୁ ଉଜ୍ଜ୍ୱଳ କରିବାରେ ସାହାଯ୍ୟ କରିବ।

ଧନୁ
ରାଶି ଗ୍ରହ: ବୃହସ୍ପତି
ଶୁଭ କ୍ରୟ: ଧନୁ ରାଶି ସୁନା ଅଳଙ୍କାର, ପିତ୍ତଳ ପାତ୍ର କିମ୍ବା ଧାର୍ମିକ ପୁସ୍ତକ କିଣିବା ଉଚିତ। ଏହା ଆପଣଙ୍କୁ ଜ୍ଞାନ, ସମ୍ମାନ ଏବଂ ଆର୍ଥିକ ଲାଭ ପ୍ରଦାନ କରିବ।

ମକର
ରାଶି : ଶନି
ଶୁଭ କ୍ରୟ: ମକର ରାଶି ପାଇଁ, ଲୁହା କିମ୍ବା ଷ୍ଟିଲ ପାତ୍ର (ଯେପରିକି ଏକ ନିରାପଦ କିମ୍ବା ଫ୍ରାଇଂ ପ୍ୟାନ) କିମ୍ବା ଯାନବାହନ କିଣିବା ଶୁଭ ବୋଲି ବିବେଚନା କରାଯାଏ। ଆପଣ ନୀଳମଣି ମଣି ମଧ୍ୟ କିଣିପାରିବେ।

କୁମ୍ଭ
ରାଶି : ଶନି
ଶୁଭ କ୍ରୟ: କୁମ୍ଭ ରାଶିର ଲୋକମାନେ ଲୁହା ଜିନିଷ, ଯାନବାହନ କିମ୍ବା ଇଲେକ୍ଟ୍ରୋନିକ ଉପକରଣ କିଣିପାରିବେ। ଏହା ସହିତ, ଦାନ ପାଇଁ କଳା ତିଳ କିମ୍ବା ସୋରିଷ ତେଲ କିଣିବା ମଧ୍ୟ ଅତ୍ୟନ୍ତ ଶୁଭ।

ମୀନ
ରାଶି : ବୃହସ୍ପତି
ଶୁଭ କ୍ରୟ: ମୀନ ରାଶି ପାଇଁ, ସୁନା, ପିତ୍ତଳ ପାତ୍ର କିମ୍ବା ହଳଦୀ ଗୁଣ୍ଡ କିଣିବା ବହୁତ ଲାଭଦାୟକ। ଏହା ଆପଣଙ୍କ ଜୀବନରେ ଖୁସି ଏବଂ ସୌଭାଗ୍ୟ ଆଣିଥାଏ।




ହିମୋଗ୍ଲୋବିନ ହେଉଛି ଆମ ଲୋହିତ ରକ୍ତ କଣିକାରେ ମିଳୁଥିବା ଏକ ପ୍ରୋଟିନ୍। ଏହାର ପ୍ରାଥମିକ କାର୍ଯ୍ୟ ହେଉଛି ଫୁସ୍‌ଫୁସ୍‌ରୁ ଶରୀରର ପ୍ରତ୍ୟେକ ଅଂଶକୁ ଅମ୍ଳଜାନ ପରିବହନ କରିବା ଏବଂ କାର୍ବନ ଡାଇଅକ୍ସାଇଡ୍ ବାହାର କରିବା। ଶରୀରରେ ପର୍ଯ୍ୟାପ୍ତ ପରିମାଣର ହିମୋଗ୍ଲୋବିନ ରହିବା ଶକ୍ତିକୁ ବଜାୟ ରଖେ, ଥକ୍କାପଣ କମ୍ କରେ ଏବଂ ଅଙ୍ଗଗୁଡ଼ିକୁ ସଠିକ୍ ଭାବରେ କାର୍ଯ୍ୟକ୍ଷମ କରେ। ଏହା ବ୍ୟତୀତ ହିମୋଗ୍ଲୋବିନ ଶରୀରରେ ରକ୍ତର ସଠିକ୍ ପରିମାଣ ଏବଂ ଗୁଣବତ୍ତା ବଜାୟ ରଖିବାରେ ସାହାଯ୍ୟ କରେ। ଏହା ଗର୍ଭବତୀ ମହିଳାମାନଙ୍କ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ। କାରଣ ଶିଶୁର ବିକାଶ ସମ୍ପୂର୍ଣ୍ଣ ଭାବରେ ମା'ଙ୍କ ରକ୍ତ ଏବଂ ପୁଷ୍ଟିସାର ଉପରେ ନିର୍ଭର କରେ। ତେଣୁ ସ୍ୱାସ୍ଥ୍ୟ ପାଇଁ ପର୍ଯ୍ୟାପ୍ତ ହିମୋଗ୍ଲୋବିନ ଲେବଲ୍ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ହିମୋଗ୍ଲୋବିନ ଅଭାବ, କିମ୍ବା ରକ୍ତହୀନତା, ଶରୀରରେ ଅମ୍ଳଜାନ ଅନାହାର ସୃଷ୍ଟି କରେ, ଯାହା ଥକ୍କାପଣ, ମୁଣ୍ଡ ବୁଲାଇବା, ମୁଣ୍ଡ ବିନ୍ଧା ଏବଂ ଦୁର୍ବଳତା ସୃଷ୍ଟି କରେ। ଗୁରୁତର ଅଭାବ ହାର୍ଟ ଏବଂ ଫୁସ୍‌ଫୁସ୍ ଉପରେ ଅତିରିକ୍ତ ଚାପ ପକାଇଥାଏ ଏବଂ ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିପାରେ। ଏହା ଧ୍ୟାନ ଏବଂ କାର୍ଯ୍ୟଦକ୍ଷତାକୁ ମଧ୍ୟ ପ୍ରଭାବିତ କରେ। ଦୀର୍ଘକାଳୀନ ହିମୋଗ୍ଲୋବିନ ଅଭାବ ଶରୀରର ଅଙ୍ଗ ଏବଂ ମାଂସପେଶୀକୁ ପର୍ଯ୍ୟାପ୍ତ ପରିମାଣର ଅମ୍ଳଜାନ ପାଇବାରୁ ବାଧା ଦେଇପାରେ, ଯାହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ। ତେଣୁ ନିୟମିତ ଭାବରେ ହିମୋଗ୍ଲୋବିନ ଲେବଲ୍ ଯାଞ୍ଚ କରିବା ଏବଂ ଅଭାବ ଚିହ୍ନଟ ହେଲେ ସମୟୋଚିତ ଏବଂ ଉପଯୁକ୍ତ ପଦକ୍ଷେପ ନେବା ଗୁରୁତ୍ୱପୂର୍ଣ୍ଣ। ଜାଣନ୍ତୁ ପ୍ରେଗ୍‌ନାନ୍ସି ସମୟରେ ହିମୋଗ୍ଲୋବିନ ପରୀକ୍ଷା କାହିଁକି ଗୁରୁତ୍ୱପୂର୍ଣ୍ଣ...

ସ୍ୱାସ୍ଥ୍ୟ ବିଶେଷଜ୍ଞ କୁହନ୍ତି, ଗର୍ଭାବସ୍ଥାରେ, ମା' ଏବଂ ଶିଶୁ ଉଭୟଙ୍କ ପାଇଁ ପର୍ଯ୍ୟାପ୍ତ ପୁଷ୍ଟି ଏବଂ ଅମ୍ଳଜାନ ସୁନିଶ୍ଚିତ କରିବା ପାଇଁ ଜଣେ ମହିଳାଙ୍କ ରକ୍ତ ପରିମାଣ ବୃଦ୍ଧି ପାଏ। ତଥାପି ଏହି ସମୟରେ ହିମୋଗ୍ଲୋବିନ ଲେବନ୍ ପ୍ରାୟତଃ ହ୍ରାସ ପାଏ କାରଣ ରକ୍ତରେ ଲୋହିତ ରକ୍ତ କଣିକା ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଏ ନାହିଁ। ଗର୍ଭାବସ୍ଥାରେ କମ୍ ହିମୋଗ୍ଲୋବିନ ଲେବଲ୍ ମା'ଙ୍କଠାରେ ଥକ୍କାପଣ, ଦୁର୍ବଳତା ଏବଂ ମୁଣ୍ଡବିନ୍ଧା ସୃଷ୍ଟି କରିପାରେ।

ଯଦି ଅଭାବ ଗୁରୁତର ହୁଏ, ତେବେ ଏହା ହାର୍ଟ ଏବଂ ଫୁସଫୁସ ଉପରେ ଅଧିକ ଚାପ ପକାଇପାରେ ଏବଂ ଶରୀରର ପ୍ରତିରକ୍ଷା ପ୍ରଣାଳୀକୁ ଦୁର୍ବଳ କରିପାରେ। ଏହା ବ୍ୟତୀତ, କମ ହିମୋଗ୍ଲୋବିନ ଶିଶୁର ବିକାଶକୁ ପ୍ରଭାବିତ କରିପାରେ ଏବଂ ପ୍ରସବ ଜଟିଳତା, ଯେପରିକି ଅତ୍ୟଧିକ ରକ୍ତସ୍ରାବ କିମ୍ବା ସମୟ ପୂର୍ବରୁ ପ୍ରସବ ହେବାର ବିପଦ ବଢ଼ାଇପାରେ। ନିୟମିତ ଯାଞ୍ଚ ଆପଣଙ୍କ ଡାକ୍ତରଙ୍କୁ ଉପଯୁକ୍ତ ଖାଦ୍ୟ, ପରିପୂରକ ଏବଂ ଚିକିତ୍ସା ସୁପାରିଶ କରିବାରେ ସାହାଯ୍ୟ କରିପାରିବ, ଯାହା ମା ଏବଂ ଶିଶୁ ଉଭୟଙ୍କ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବ।

ପାଳଙ୍ଗ, ସବୁଜ ପନିପରିବା, ଡାଲି ଏବଂ ବାଦାମ ଭଳି ଆଇରନ ଯୁକ୍ତ ଖାଦ୍ୟ ଖାଆନ୍ତୁ।
ଭିଟାମିନ ଉ ଯୁକ୍ତ ଫଳ ଖାଆନ୍ତୁ
ଡାକ୍ତରଙ୍କ ପରାମର୍ଶ ବିନା ସପ୍ଲିମେଣ୍ଟ କିମ୍ବା ଔଷଧ ଖାଆନ୍ତୁ ନାହିଁ।
ଦୃଢ଼ ରୋଗ ପ୍ରତିରୋଧକ ଶକ୍ତି ବଜାୟ ରଖିବା ପାଇଁ ପର୍ଯ୍ୟାପ୍ତ ନିଦ ଏବଂ ବିଶ୍ରାମ ନିଅନ୍ତୁ।
ଯଦି ଆପଣ ଦୁର୍ବଳ, ମୁଣ୍ଡ ବୁଲାଉଥିବା କିମ୍ବା କ୍ଳାନ୍ତ ଅନୁଭବ କରୁଛନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।

# ଆଲକହଲ୍ ପିଉଛନ୍ତି କି, ହୋଇଯାନ୍ତୁ ସାବଧାନ: ନଚେତ୍ ହୋଇପାରେ ସାଂଘାତିକ...

ଅଧିକାଂଶ ମହିଳା ଆଲକହଲ୍ ପିଉଥିବା ଦେଖିବାକୁ ମିଳୁଛି । ହେଲେ ଆପଣ ଜାଣନ୍ତି କି ଏହା ନା କେବଳ କ୍ୟାନ୍‌ସର, ହୃଦ୍‌ରୋଗ ଏବଂ ଅନ୍ୟାନ୍ୟ ଘାତକ ରୋଗର ଆଶଙ୍କା ବୃଦ୍ଧି କରିଥାଏ ବରଂ ତ୍ୱଚା ପାଇଁ ମଧ୍ୟ ଏହା କ୍ଷତିକାରକ। ୱାର୍ଲଡ ହେଲ୍‌ଥ ଅର୍ଗାନାଇଜେଶନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ମୁତାବକ ଆଲ୍‌କହଲ୍ ଶରୀର ପାଇଁ କ୍ଷତିକାରକ। ଏହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ଫଳରେ ତ୍ୱଚା କୁଣ୍ଡେଇହେବା, ଆଲର୍ଜି ଭଳି ସମସ୍ୟା ଦେଖାଦେଇଥାଏ। ଏହା ଡ୍ରାଏ ସ୍କିନ୍ ସମସ୍ୟା ସହ ଆଖି ଲାଲ୍ ପଡ଼ିବା ଏବଂ ଓଠ ଫାଟିବା ସମସ୍ୟାର ମୂଳ କାରଣ ସାଜିଥାଏ। ଡବ୍ଲ୍ୟୁଏଚ୍‌ଓ ରିପୋର୍ଟ ମୁତାବକ ଦିନରେ ୧ ପେଗ୍‌ରୁ ଅଧିକ ଆଲ୍‌କହଲ୍ ପିଉଥିବା ମହିଳାଙ୍କ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମିଯାଏ। ଫଳରେ ତ୍ୱଚାରେ ସହଜରେ ବିଭିନ୍ନ ରୋଗ ସଂକ୍ରମଣ ହୋଇଥାଏ। କେବଳ ଏତିକି ନୁହେଁ, ଏମାନଙ୍କ ତ୍ୱଚା ଅଧିକ ସମ୍ବେଦନଶୀଳ (ସେନ୍‌ସିଟିଭ୍) ଥିବାରୁ କ୍ୟାନ୍‌ସର ଆଶଙ୍କା ବଢ଼ିଯାଏ। ଆଲ୍‌କହଲ୍ ପିଇବା ଯୋଗୁ ଅନେକଙ୍କଠାରେ ନିଦ୍ରାହୀନତା ଦେଖାଯାଏ। ତ୍ୱଚାରେ ଲାଲ୍ ହୋଇ ଫଳିଯିବା, ଆଖିତଳ କଳା ପଡ଼ିବା, ମୁହଁ ଫୁଲିଯିବା ଭଳି ଲକ୍ଷଣ ଦେଖାଦିଏ। ଏମାନଙ୍କଠାରେ ଅଧିକାଂଶ ସମୟରେ ହାଇବ୍ଲଡ୍‌ପ୍ରେସର ଏବଂ ନିଦ୍ରାହୀନତା ସମସ୍ୟା ଦେଖାଦେଇଥାଏ। କମ୍ ଶୋଇବା କାରଣରୁ ଆଖିତଳେ ଡାର୍କ ସର୍କଲ, ଏଜ୍ ଲାଇନ, ରିଙ୍କଲ୍ ମାର୍କ, ସ୍କିନ୍ ଟୋନ୍ ଡାର୍କ ହେବା ଭଳି ସମସ୍ୟା ଦେଖାଦିଏ। ଆଲ୍‌କହଲ୍ ଶରୀରରେ ଅଧିକ ହିଷ୍ଟାମାଇନ୍ ନିର୍ଗତ କରିଥାଏ। ତେଣୁ ତ୍ୱଚାର ତଳଭାଗରେ ଥିବା ବ୍ଲଡ୍ ଭେଜେଲ୍ ଫୁଲିଯାଇଥାଏ। ଫଳରେ ମୁହଁ ଓ ପୂରା ଶରୀର ମୋଟା ଦେଖାଯାଏ।



# ଫିଟ ଏବଂ ସ୍ମାର୍ଟ ଦେଖାଯିବା ପାଇଁ ଏସବୁ ରଙ୍ଗର ପୋଷାକ ପରିଧାନ କରନ୍ତୁ !

ଯେତେବେଳେ ବି ପୋଷାକ କଥା ଉଠେ... ତାହାର ରଙ୍ଗ ଏବଂ ଶୈଳୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ପ୍ରାୟତଃ ଦେଖାଯାଏ ଏପରି କିଛି ରଙ୍ଗ ଅଛି ସେହି ରଙ୍ଗରର ପୋଷାକ ପିନ୍ଧିବା ଦ୍ୱାରା ସେ ମହିଳା ହୁଅନ୍ତୁ ଅବା ପୁରୁଷ ଫିଟ ଏବଂ ସ୍ମାର୍ଟ ଦେଖାଯାଇଥାଆନ୍ତି।

ପୋଷାକ ରଙ୍ଗ କେବଳ ଆପଣଙ୍କୁ ଆକର୍ଷଣୀୟ ଲୁକ ଦେଇ ନଥାଏ। ଏହା ଶରୀରର ଆକୃତିକୁ ମଧ୍ୟ ସନ୍ତୁଳିତ କରିଥାଏ। ତେବେ ଆସନ୍ତୁ ଏପରି କିଛି ରଙ୍ଗ ବିଷୟରେ ଜାଣିବା ଯେଉଁ ରଙ୍ଗର ପୋଷାକ ପିନ୍ଧିବା ଦ୍ୱାରା ଜଣେ ବ୍ୟକ୍ତି ଫିଟ ଏବଂ ସ୍ମାର୍ଟ ଦେଖା ଯାଇଥାଆନ୍ତି।

ନେଭି ବ୍ଲୁ ରଙ୍ଗ ବହୁତ ପଲିସ୍ଡ ଏବଂ ସଫା ଲୁକ୍ ଦେଇଥାଏ। ଏହି ରଙ୍ଗର ପୋଷାକ ପିନ୍ଧି ଆପଣ ଅଫିସ୍, ପାର୍ଟି କିମ୍ବା ଯେକୌଣସି ଛୋଟବଡ଼ କାର୍ଯ୍ୟକ୍ରମକୁ ଯାଇପାରିବେ।



ଏହି କ୍ରମରେ ଆସୁଛି ୱାଇନ୍ ରେଡ୍ ରଙ୍ଗ। ଏହି ରଙ୍ଗର ପୋଷାକ ଉତ୍ସବ ଲୁକ୍ ପାଇଁ ସର୍ବୋତ୍ତମ ରଙ୍ଗ । ଯଦି ଆପଣ ଏକ ଉତ୍ସବ କିମ୍ବା ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି, ତେବେ ୱାଇନ୍ ରେଡ୍ ରଙ୍ଗର ପୋଷାକ ପରିଧାନ କରନ୍ତୁ। ଏହି ରଙ୍ଗର ମୁଖ୍ୟ କଥା ହେଉଛି ଏହା ଶରୀରକୁ ପତଳା ଦେଖାଯିବାରେ ସାହାଯ୍ୟ କରେ।

ଏହି କ୍ରମରେ କଳା ଓ ସବୁଜରଙ୍ଗକୁ ବି ସବୁଠାରୁ ଭଲ ରଙ୍ଗ ଭାବେ ବିବେଚନା କରାଯାଉଛି। ଆପଣଙ୍କ ଶରୀର ଯଦି ପୃଥଳକାୟ ଅଛି। ତେବେ ଆପଣଙ୍କ ଉପରେ କେଉଁ ରଙ୍ଗ ମାନିବ ବୋଲି ଦ୍ୱନ୍ଦ୍ୱରେ ରହିଛନ୍ତି ତେବେ କଳା ଓ ସବୁଜ ରଙ୍ଗକୁ ବାଛି ନିଅନ୍ତୁ।

ପତଳା ଏବଂ ଷ୍ଟାଇଲିସ୍ ଦେଖାଯିବା ପାଇଁ ସବୁବେଳେ ଛୋଟ ପ୍ରିଣ୍ଟ ଥିବା ପୋଷାକ ପିନ୍ଧନ୍ତୁ। ଠିକ ଫିଟିଙ୍ଗ ହେଉଥିବା ପୋଷାକ ପରିଧାନ କରନ୍ତୁ। ଢିଲା କିମ୍ବା ଅତ୍ୟଧିକ ଟାଇଟ୍ ପୋଷାକ ପିନ୍ଧନ୍ତୁ ନାହିଁ।




ପ୍ରତ୍ୟେକଟି ମଣିଷ ଏକ ଦାଗଶୂନ୍ୟ,ଚମକଦାର ଏବଂ ବ୍ରଣମୁକ୍ତ ମୁହଁ ଚାହାଁନ୍ତି। ତଥାପି, ବୟସ ବୃଦ୍ଧି ପାଇବା ସହିତ କିମ୍ବା ଜୀବନଶୈଳୀ ପରିବର୍ତ୍ତନ ହେବା ସହିତ, ତ୍ୱଚା ସମସ୍ୟା ମଧ୍ୟ ବୃଦ୍ଧି ପାଏ। ବିଶେଷକରି ବ୍ରଣ, ଲାଲପଣ ଏବଂ ଜ୍ୱଳନ ମୁହଁର ଚମକକୁ ହରଣ କରିଦିଏ। ତ୍ୱଚାକୁ ଉଜ୍ଜ୍ୱଳ କରିବା ପାଇଁ ଆମେ ପାର୍ଲର ଯାଇ ହଜାର ହଜାର ଟଙ୍କାର ପ୍ୟାକ୍ ମୁଖରେ ପ୍ରୟୋଗ କରନ୍ତି। ହେଲେ ଏପରି କିଛି ଘରୋଇ ପ୍ୟାକ୍ ଅଛି; ଯାହାକୁ ପ୍ରୟୋଗ କଲେ ବିନା ଟଙ୍କାରେ ବି ତ୍ୱଚାର ଚମକ ବୃଦ୍ଧି ପାଇବ।

ଅନେକ ଲୋକ ମହଙ୍ଗା ଉତ୍ପାଦ ଉପରେ ନିର୍ଭର କରନ୍ତି, କିନ୍ତୁ ସତ୍ୟ ହେଉଛି ଯେ ତ୍ୱଚା ପାଇଁ ପ୍ରକୃତ ଆରାମ କେବଳ ପ୍ରକୃତିର ଉପଚାରରୁ ମିଳିଥାଏ।

ସେଭଳି ଏକ ପ୍ୟାକ୍ ହେଉଛି ନିମ୍ ଫେସ୍ ପ୍ୟାକ୍। ନିମ୍ ବା ଯାହାକୁ ଆମ ଓଡ଼ିଆରେ କୁହନ୍ତି ଲିମ୍ବ। ଲିମ୍ବ ପତ୍ରର ଲେପ ମୁହଁରେ ଲଗାଇବା ଦ୍ୱାରା ତ୍ୱଚାରୁ ଜୀବାଣୁ ହ୍ରାସ୍ ପାଏ। ଫଳରେ ମୁହଁରୁ ବ୍ରଣ ହେବା କମିବା ସହ ଦାଗଶୂନ୍ୟ ମଧ୍ୟ ହୋଇଥାଏ। ଲିମ୍ବରେ ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟିଫଙ୍ଗାଲ୍ ଏବଂ ଆଣ୍ଟି-ଇନ୍‌ଫ୍ଲେମାଟ୍ରିରି ଗୁଣ ଅଛି, ଯାହା ତ୍ୱଚାରେ ଥିବା ଜୀବାଣୁକୁ ଦୂର କରେ ଏବଂ ଜ୍ୱଳନକୁ ହ୍ରାସ କରେ। ଏହି କାରଣରୁ ବ୍ରଣ, ଏବଂ ଚର୍ମ ସଂକ୍ରମଣ ପାଇଁ ଲିମ୍ବକୁ ସବୁଠାରୁ ପ୍ରଭାବଶାଳୀ ଘରୋଇ ଉପଚାର ଭାବରେ ବିବେଚନା କରାଯାଏ। ଯଦି ଆପଣଙ୍କର ତେଲିଆ ତ୍ୱଚା ଏବଂ ବାରମ୍ବାର ବ୍ରଣ ହେଉଥାଏ। ତେବେ ନିମ ଏବଂ ମୁଲତାନି ମାଟି ଫେସ୍ ପ୍ୟାକ୍ ଆଶ୍ଚର୍ଯ୍ୟଜନକ ଭାବରେ କାମ କରିପାରିବ। ଏହାକୁ ତିଆରିବା ପାଇଁ ଗୋଲାପ ଜଳ ସହିତ ଲିମ୍ବ ପାଉଡର ଏବଂ ମୁଲତାନି ମାଟି ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହି ପ୍ୟାକ୍ ତ୍ୱଚାରୁ ଅତିରିକ୍ତ ତେଲ ଶୋଷିତ କରେ, ଛିଦ୍ରକୁ ବନ୍ଦ୍ କରେ ଏବଂ ମୁହଁକୁ ଥଣ୍ଡା କରେ। ସପ୍ତାହରେ ୧-୨ ଥର ବ୍ୟବହାର କରନ୍ତୁ।

ଶୁଷ୍କ ତ୍ୱଚା ପାଇଁ ଲିମ୍ବ ସହ ମହୁ ମିଶ୍ରଣ କରି ଲେପ ଦେବା ଖୁବ୍ ଭଲ ହୋଇଥାଏ। ଯଦି ଆପଣଙ୍କର ତ୍ୱଚା ଶୁଷ୍କ କିମ୍ବା ଲାଲ ହେବାର ସମ୍ଭାବନା ଥାଏ, ତେବେ ଲିମ୍ବ ଏବଂ ମହୁ ପ୍ୟାକ୍ ସର୍ବୋତ୍ତମ।

# ସିଗାରେଟ୍‌ଠାରୁ ବଳିଗଲା ତମାଖୁ



ଅନେକ ସମୟରେ ସିଗାରେଟ୍ ଅଧିକ ବିପଦଜନକ ନା ତମାଖୁ ? ଏନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥାଏ। ଏହିଭଳି ପ୍ରଶ୍ନର ଅଧିକାଂଶ ଲୋକ ପ୍ରାୟତଃ ସିଗାରେଟ୍ ବୋଲି ଉତ୍ତର ଦେଇଥାଆନ୍ତି।

ନିକଟରେ ସିଗାରେଟ ଓ ତମାଖୁକୁ ନେଇ ଏକ ଗବେଷଣା କରାଯାଇଥିଲା। ଏହି ଗବେଷଣାରୁ ଜଣାପଡିଛି ଯେ ତମାଖୁ ଆମ ଶରୀରକୁ ସିଗାରେଟ୍ ଅପେକ୍ଷା ଅନେକ ଗୁଣରେ କ୍ଷତି ପହଞ୍ଚାଇଥାଏ। ବାସ୍ତବ କଥା ହେଉଛି ସିଗାରେଟ୍ ଧୂଆଁ ବାୟୁରେ ବାଷ୍ପୀଭୂତ ହୋଇଯାଏ, କିନ୍ତୁ ତମାଖୁ ସିଧାସଳଖ ଆମ ପାଟିର କୋଷଗୁଡ଼ିକୁ କ୍ଷତି ପହଞ୍ଚାଇଥାଏ। ଯାହା ଆମ ଶରୀର ପ୍ରତି କ୍ଷତି କାରଣ ସାବ୍ୟସ୍ତ ହୋଇଥାଏ। ଏହା ଧୀରେ ଧୀରେ କର୍କଟ ରୋଗରେ ପରିଣତ ହୁଏ। ତେଣୁ ଏହି ରିପୋର୍ଟ ତମାଖୁ ସେବନ କରୁଥିବା ଲୋକଙ୍କ ପାଇଁ ଏକ ଚେତାବନୀ ଯେ ସେମାନଙ୍କର ଏ ଛୋଟ ଅଭ୍ୟାସ ଆଗକୁ ଯାଇ ଜୀବନ ମଧ୍ୟ ନେଇପାରେ। ତେଣୁ ସମୟ ଥାଉଥାଉ ସଚେତନ ହୋଇଯିବା ନିହାତି ଆବଶ୍ୟକ। ଏକ ବିଶ୍ୱସ୍ତରୀୟ ଗବେଷଣାରୁ ଜଣାପଡିଛି ଯେ ପ୍ରତିଦିନ ତମାଖୁ ସେବନ କରୁଥିବା ଲୋକଙ୍କ ଶରୀରରେ କର୍କଟ କୋଷଗୁଡ଼ିକୁ ଦ୍ରୁତ ଗତିରେ ବିକଶିତ କରେ ଏବଂ ସମଗ୍ର ପାଟିରେ ବ୍ୟାପିଯାଏ। ଅନେକ କ୍ଷେତ୍ରରେ, ଏହି କର୍କଟ ରୋଗ ଗଳାକୁ ମଧ୍ୟ ବ୍ୟାପିଥାଏ। ବୈଜ୍ଞାନିକମାନଙ୍କ ମତରେ, ତମାଖୁରେ ମିଳୁଥିବା ନାଇଟ୍ରୋସାମାଇନ୍ ଏବଂ ପଲିସାଇକ୍ଲିକ୍ ଆରୋମାଟିକ୍ ହାଇଡ୍ରୋକାର୍ବନ ପରି ପଦାର୍ଥ ସିଧାସଳଖ ଆମ କୋଷରେ ଡିଏନଏକୁ କ୍ଷତି ପହଞ୍ଚାଏ ଏବଂ ସୁସ୍ଥ କୋଷଗୁଡ଼ିକୁ ମାରି କର୍କଟ କୋଷଗୁଡ଼ିକୁ ବୃଦ୍ଧି କରେ। ଏହି କ୍ରମରେ ଦେଖିବାକୁ ଗଲେ ସିଗାରେଟରେ ନିକୋଟିନ୍ ଏବଂ ଟାର୍ ଅଧିକ ପରିମାଣରେ ଥାଏ। ଏଗୁଡ଼ିକ ଆମ ଫୁସଫୁସକୁ କ୍ଷତି ପହଞ୍ଚାଏ, କିନ୍ତୁ ଏଥିରୁ ନିର୍ଗତ ଧୂଆଁ ଶରୀର କିମ୍ବା କୋଷ ସହିତ ସିଧାସଳଖ ସଂସ୍ପର୍ଶରେ ଆସି ନଥାଏ, ଯାହା ଫଳରେ ଏହା ତମାଖୁ ଅପେକ୍ଷା କମ୍ କ୍ଷତିକାରକ ହୋଇଥାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଆବର୍ଜନାରୁ ସ୍ୱାସ୍ଥ୍ୟ ସଙ୍କଟ ଏବଂ ବିଶ୍ୱସ୍ତରୀୟ ଅସହମତି

ସୁଇଜରଲ୍ୟାଣ୍ଡର ଜେନେଭା ସହରରେ, ମିଳିତ ଜାତିସଂଘର ୟୁରୋପୀୟ ମୁଖ୍ୟାଳୟରେ, କାନାଡୀୟ କଳାକାର ବେଞ୍ଜାମିନ୍ ଭନ୍ ୱଙ୍ଗଙ୍କ ଦ୍ୱାରା ନିର୍ମିତ ଏକ କଳାକୃତି 'ଦି ଥିଙ୍କର୍ସ ବର୍ଡେନ୍' ପ୍ରଦର୍ଶିତ ହୋଇଥିଲା । ପ୍ଲାଷ୍ଟିକ୍ ବସ୍ତୁରେ ନିର୍ମିତ ଏହି କଳାକୃତି କେବଳ ଏକ ସାଜସଜ୍ଜାର ବିଷୟ ନଥିଲା ବରଂ ଏହା ଏକ ଗଭୀର ସଙ୍କଟର ପ୍ରତୀକ ଥିଲା, ଯାହା ଉପରେ ଆଲୋଚନା ପାଇଁ ପ୍ରାୟ ୧୮୦ ଦେଶର ପ୍ରତିନିଧି ଏକାଠି ହୋଇଥିଲେ। ପ୍ଲାଷ୍ଟିକ୍ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ଏକ ଆନ୍ତର୍ଜାତୀୟ ସ୍ତରରେ ବାଧ୍ୟତାମୂଳକ ଆଇନଗତ ଚୁକ୍ତିନାମା ପ୍ରସ୍ତୁତ କରିବା ଏହି ଆଲୋଚନାର ମୂଳ ଉଦ୍ଦେଶ୍ୟ ଥିଲା, କିନ୍ତୁ ଦୁର୍ଭାଗ୍ୟବଶତଃ ଏହା କୌଣସି ସହମତି ବିନା ଶେଷ ହୋଇଛି । ଏହି ବିଫଳତା ପଛରେ ଅନେକ କାରଣ ରହିଛି, କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ପ୍ଲାଷ୍ଟିକର ମାନବ ସ୍ୱାସ୍ଥ୍ୟ ଉପରେ ପଡୁଥିବା ପ୍ରଭାବ, ଯାହାକୁ ନେଇ ବିଶ୍ୱ ସମୁଦାୟ ଏବେ ମଧ୍ୟ ବିଭାଜିତ। ପ୍ଲାଷ୍ଟିକ୍ ଆଜି ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି । ଏହାର ବହୁମୁଖୀ ବ୍ୟବହାର ଏବଂ ଶସ୍ତା ଉତ୍ପାଦନ ଖର୍ଚ୍ଚ ଯୋଗୁଁ ଏହା ମେଡିକାଲ ଉପକରଣଠାରୁ ଆରମ୍ଭ କରି ପ୍ୟାକେଜିଂ ସାମଗ୍ରୀ ପର୍ଯ୍ୟନ୍ତ ସବୁକିଛିରେ ବ୍ୟବହୃତ ହେଉଛି । କିନ୍ତୁ ଏହାର ସୁବିଧା ସହିତ ଏକ ବଡ଼ ସମସ୍ୟା ମଧ୍ୟ ଜଡ଼ିତ – ଏହାର ଅକ୍ଷୟ ପ୍ରକୃତି । ଜୀବାଶ୍ମ ଇନ୍ଧନରୁ ତିଆରି ଏହି ପଦାର୍ଥ ସହଜରେ ନଷ୍ଟ ହୁଏ ନାହିଁ, ଯାହା ଫଳରେ ଏହା ଆବର୍ଜନା ଏବଂ ପ୍ରଦୂଷଣର ମୁଖ୍ୟ କାରଣ ପାଲଟିଛି। ତେବେ, ଏହି ସଙ୍କଟ କେବଳ ଆବର୍ଜନା ପରିଚାଳନାରେ ସୀମିତ ନୁହେଁ, ବରଂ ଏହା ଏକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଭାବରେ ଉଭା ହୋଇଛି । ଏକ ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ପ୍ଲାଷ୍ଟିକ୍ ସାମଗ୍ରୀରେ ୧୬,୦୦୦ରୁ ଅଧିକ ପ୍ରକାରର ରାସାୟନିକ ପଦାର୍ଥ ବ୍ୟବହୃତ ହେବାର ସମ୍ଭାବନା ରହିଛି । ଚିନ୍ତାର ବିଷୟ ହେଉଛି, ଏଥିମଧ୍ୟରୁ ୧୦,୦୦୦ରୁ ଅଧିକ ରାସାୟନିକର ମାନବ ସ୍ୱାସ୍ଥ୍ୟ କିମ୍ବା ପରିବେଶ ଉପରେ କ'ଣ ପ୍ରଭାବ ପଡ଼ିପାରେ, ସେ ବିଷୟରେ କୌଣସି ଠୋସ୍ ତଥ୍ୟ ଉପଲବ୍ଧ ନାହିଁ । 'ନେଚର' ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, **PVC, PET**, ପଲିୟୁରେଥେନ୍ ଭଳି ପ୍ରମୁଖ ପ୍ଲାଷ୍ଟିକ୍ ପ୍ରକାରରେ ୪,୦୦୦ରୁ ଅଧିକ କ୍ଷତିକାରକ ରାସାୟନିକ ରହିପାରେ । ଏହି ରାସାୟନିକଗୁଡ଼ିକ ଅକ୍ଷୟ ହୋଇଥିବାରୁ, ସେଗୁଡ଼ିକ ଧୀରେ ଧୀରେ ପାଣି, ମାଟି ଏବଂ ବାୟୁରେ ମିଶି ଖାଦ୍ୟ ଶୃଙ୍ଖଳ ମାଧ୍ୟମରେ ମଣିଷ ଶରୀରରେ ପ୍ରବେଶ କରୁଛି।

ବିଶେଷଜ୍ଞମାନଙ୍କ ମତରେ, ପ୍ଲାଷ୍ଟିକ୍ ପ୍ରଦୂଷଣ ଯୋଗୁଁ ବିଶ୍ୱକୁ ପ୍ରତିବର୍ଷ ଅତି କମ୍‌ରେ ୧.୫ ଟ୍ରିଲିୟନ ଡଲାରର ସ୍ୱାସ୍ଥ୍ୟଗତ ବୋଝ ବହନ କରିବାକୁ ପଡୁଛି । ପ୍ଲାଷ୍ଟିକରେ ଥିବା ଫ୍ଥାଲେଟ୍ସ, ବିସଫେନୋଲ୍ (**BPA**), ପଲିକ୍ଲୋରିନେଟେଡ୍ ବାଇଫିନାଇଲ୍ (**PCBs**) ଏବଂ ପର- ଓ ପଲି-ଫ୍ଲୋରୋଆଲ୍କାଇଲ୍ ପଦାର୍ଥ (**PFAS**) ଭଳି ରାସାୟନିକଗୁଡ଼ିକ ଅନ୍ତଃସ୍ରାବୀ ଗ୍ରନ୍ଥିକୁ ବ୍ୟାହତ କରୁଥିବା (**endocrine disruptors**) ଭାବରେ ଜଣାଶୁଣା। ଏହି ରାସାୟନିକଗୁଡ଼ିକ ଖାଦ୍ୟ ପାତ୍ର, ପାଣି ବୋତଲ, ଶିଶୁଙ୍କ ଖେଳନା, କସମେଟିକ୍ସ ଏବଂ ମେଡିକାଲ ଉପକରଣରେ ବହୁଳ ଭାବରେ ବ୍ୟବହୃତ ହୁଏ । ବର୍ଷ ବର୍ଷ ଧରି ହୋଇଥିବା ଗବେଷଣାରୁ ଜଣାପଡିଛି ଯେ ଏହି ରାସାୟନିକଗୁଡ଼ିକର ସଂସ୍ପର୍ଶରେ ଆସିବା ଦ୍ୱାରା ଥାଇରଏଡ୍ ସମସ୍ୟା, ଉଚ୍ଚ ରକ୍ତଚାପ, କିଡନୀ ଓ ଟେଷ୍ଟିକୁଲାର କର୍କଟ, ଏବଂ ଗର୍ଭକାଳୀନ ମଧୁମେହ ଭଳି ରୋଗର ଆଶଙ୍କା ବଢ଼ିଥାଏ । ଏକ ଅଧ୍ୟୟନ ଅନୁଯାୟୀ, କେବଳ ୨୦୧୮ରେ ଫ୍ଥାଲେଟ୍ସ ସଂସ୍ପର୍ଶରେ ଆସିବା ଯୋଗୁଁ ପ୍ରାୟ ୩.୫ ଲକ୍ଷ ହୃଦରୋଗ ଜନିତ ମୃତ୍ୟୁ ହୋଇଥିଲା।

ଏହି ସମସ୍ୟାର ଆଉ ଏକ ଭୟଙ୍କର ଦିଗ ହେଉଛି ମାଇକ୍ରୋପ୍ଲାଷ୍ଟିକ୍ – ପାଞ୍ଚ ମିଲିମିଟରରୁ ଛୋଟ ପ୍ଲାଷ୍ଟିକ କଣିକା । ଏହି କ୍ଷୁଦ୍ର କଣିକାଗୁଡ଼ିକ ଆଜି ମଣିଷର ରକ୍ତ, ମା' କ୍ଷୀର, ପ୍ଲାସେଣ୍ଟା ଏବଂ ଏପରିକି ହୃତ୍‌ପିଣ୍ଡ ଓ ମସ୍ତିଷ୍କ କୋଷରେ ମଧ୍ୟ ମିଳିଲାଣି । ଏକ ରିପୋର୍ଟ ଅନୁସାରେ, ଜଣେ ବ୍ୟକ୍ତି ପ୍ରତି ସପ୍ତାହରେ ପାଖାପାଖି ଗୋଟିଏ କ୍ରେଡିଟ୍ କାର୍ଡ ଆକାରର ପ୍ଲାଷ୍ଟିକ୍ ଖାଦ୍ୟ ଓ ପାନୀୟ ମାଧ୍ୟମରେ ଗ୍ରହଣ କରୁଛି । ଏହି ମାଇକ୍ରୋପ୍ଲାଷ୍ଟିକ୍‌ର ଦୀର୍ଘକାଳୀନ ପ୍ରଭାବ ଏବେବି ସମ୍ପୂର୍ଣ୍ଣ ସ୍ପଷ୍ଟ ହୋଇନଥିଲେ ମଧ୍ୟ, ଏହା ଶରୀରରେ ପ୍ରଦାହ ସୃଷ୍ଟି କରିବା ସହ ବିଭିନ୍ନ ପ୍ରକାରର ଜଟିଳ ରୋଗର କାରଣ ହୋଇପାରେ ବୋଲି ବୈଜ୍ଞାନିକମାନେ ଆଶଙ୍କା କରୁଛନ୍ତି। ମସ୍ତିଷ୍କରେ ଏହାର ଉପସ୍ଥିତି ବ୍ୟକ୍ତିର ଭାବପ୍ରବଣତା ଓ ନିଷ୍ପତ୍ତି ନେବା କ୍ଷମତାକୁ ପ୍ରଭାବିତ କରିପାରେ ବୋଲି ମଧ୍ୟ ଜଣାପଡିଛି ।

ଏତେସବୁ ବୈଜ୍ଞାନିକ ପ୍ରମାଣ ସତ୍ତ୍ୱେ, ଜେନେଭା ଆଲୋଚନା ବିଫଳ ହେବାର ମୁଖ୍ୟ କାରଣ ହେଉଛି ଦେଶମାନଙ୍କ ମଧ୍ୟରେ ଥିବା ମତଭେଦ । କେତେକ ଦେଶ, ବିଶେଷକରି ପ୍ଲାଷ୍ଟିକ୍ ଉତ୍ପାଦନକାରୀ ରାଷ୍ଟ୍ରମାନେ, ଏହି ସମସ୍ୟାକୁ କେବଳ ଆବର୍ଜନା ପରିଚାଳନା ସ୍ତରରେ ସୀମିତ ରଖିବାକୁ ଚାହୁଁଛନ୍ତି । ସେମାନେ ପ୍ଲାଷ୍ଟିକ୍ ଉତ୍ପାଦନକୁ ନିୟନ୍ତ୍ରଣ କରିବା କିମ୍ବା ଏହାର ସ୍ୱାସ୍ଥ୍ୟଗତ ପ୍ରଭାବକୁ ଚୁକ୍ତିନାମାରେ ସାମିଲ କରିବାକୁ ବିରୋଧ କରୁଛନ୍ତି । ଅନ୍ୟପଟେ, ଅନେକ ବିକାଶଶୀଳ ଦେଶ ଏବଂ ପରିବେଶ ସଂଗଠନଗୁଡ଼ିକ ପ୍ଲାଷ୍ଟିକର ସମ୍ପୂର୍ଣ୍ଣ ଜୀବନଚକ୍ର – ଉତ୍ପାଦନଠାରୁ ଆରମ୍ଭ କରି ବ୍ୟବହାର ଓ ନିଷ୍କାସନ ପର୍ଯ୍ୟନ୍ତ – ସବୁକିଛିକୁ ନିୟନ୍ତ୍ରଣ କରିବା ସପକ୍ଷରେ ଯୁକ୍ତି ବାଢୁଛନ୍ତି ।

ଏହି ପ୍ରସଙ୍ଗରେ ଭାରତର ଆଭିମୁଖ୍ୟ ମଧ୍ୟ ଚିନ୍ତାଜନକ । ଭାରତ ପ୍ରାୟ ୨୦ଟି ରାଜ୍ୟରେ ଏକକ-ବ୍ୟବହାର ପ୍ଲାଷ୍ଟିକ୍ ଉପରେ ପ୍ରତିବନ୍ଧକ ଲଗାଇଥିଲେ ମଧ୍ୟ, ଏହା ମୁଖ୍ୟତଃ ଏକ ଆବର୍ଜନା ପରିଚାଳନା ସମସ୍ୟା ଭାବରେ ଦେଖୁଛି । ଆନ୍ତର୍ଜାତୀୟ ସ୍ତରରେ ଭାରତ, ପ୍ଲାଷ୍ଟିକ୍ ଚୁକ୍ତିରେ ସ୍ୱାସ୍ଥ୍ୟ ପ୍ରସଙ୍ଗକୁ ସାମିଲ କରିବା ନେଇ ଆପତ୍ତି ଉଠାଇଛି ଏବଂ ଏହାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (**WHO**)ର ବିଚାରାଧୀନ ବିଷୟ ବୋଲି କହିଛି । ଏହି ଆଭିମୁଖ୍ୟ ସମସ୍ୟାର ଗମ୍ଭୀରତାକୁ ଅଣଦେଖା କରୁଛି । ଯେତେବେଳେ ପ୍ଲାଷ୍ଟିକ୍ ଉତ୍ପାଦନ ୧୯୫୦ରେ ୨ ନିୟୁତ ଟନ୍‌ରୁ ବୃଦ୍ଧି ପାଇ ୨୦୨୨ରେ ୪୭୫ ନିୟୁତ ଟନ୍‌ରେ ପହଞ୍ଚିଛି ଏବଂ ୨୦୬୦ ସୁଦ୍ଧା ଏହା ତିନିଗୁଣ ହେବାର ଆକଳନ କରାଯାଉଛି, ସେତେବେଳେ କେବଳ ଆବର୍ଜନା ପରିଚାଳନା ଉପରେ ଧ୍ୟାନ ଦେବା ଯଥେଷ୍ଟ ନୁହେଁ ।

ପ୍ଲାଷ୍ଟିକ୍ ପ୍ରଦୂଷଣ ଆଉ କେବଳ ଏକ ପରିବେଶଗତ ସମସ୍ୟା ହୋଇ ରହିନାହିଁ; ଏହା ଏକ ବିଶ୍ୱସ୍ତରୀୟ ଜନସ୍ୱାସ୍ଥ୍ୟ ସଙ୍କଟରେ ପରିଣତ ହୋଇଛି । ଯେପର୍ଯ୍ୟନ୍ତ ବିଶ୍ୱର ସମସ୍ତ ଦେଶ, ବିଶେଷକରି ଭାରତ ଭଳି ଦେଶ, ଏହାର ସ୍ୱାସ୍ଥ୍ୟଗତ ବିପଦକୁ ସ୍ୱୀକାର କରିନାହାନ୍ତି ଏବଂ ଉତ୍ପାଦନ ସ୍ତରରୁ ଏହାର ନିୟନ୍ତ୍ରଣ ପାଇଁ ବାଧ୍ୟତାମୂଳକ ପଦକ୍ଷେପ ନେବାକୁ ସହମତ ହୋଇନାହାନ୍ତି, ସେପର୍ଯ୍ୟନ୍ତ ଜେନେଭା ଭଳି ଆଲୋଚନା ବିଫଳ ହେଉଥିବ ଏବଂ ମାନବ ସଭ୍ୟତା ଧୀରେ ଧୀରେ ଏକ ପ୍ଲାଷ୍ଟିକ୍ ବିଷର ଶିକାର ହେଉଥିବ । ବର୍ତ୍ତମାନ ସମୟ ଆସିଛି, କେବଳ ପ୍ଲାଷ୍ଟିକ୍ ଆବର୍ଜନାକୁ ନୁହେଁ, ବରଂ ପ୍ଲାଷ୍ଟିକର ସମ୍ପୂର୍ଣ୍ଣ ଶୃଙ୍ଖଳକୁ ନିୟନ୍ତ୍ରଣ କରିବା ପାଇଁ ଏକ ଦୃଢ଼, ବାଧ୍ୟତାମୂଳକ ଏବଂ ସ୍ୱାସ୍ଥ୍ୟ-କୈନ୍ଦ୍ରିକ ଆନ୍ତର୍ଜାତୀୟ ଚୁକ୍ତିନାମା ପ୍ରସ୍ତୁତ କରାଯାଉ।

# ଭାରତ କ'ଣ କେବଳ ଏକ ବଜାର ?



## ଗୋପାଳ ମହାପାତ୍ର

ସମସ୍ତଙ୍କୁ ବୋଧହୁଏ ଜଣାନାହିଁ ଭାରତ ଆମେରିକୀୟ କମ୍ପାନୀ ଓପନଏଆଇ ର ଦ୍ୱିତୀୟ ବୃହତ୍ ବଜାରରେ ପରିଣତ ହେବାକୁ ଯାଉଛି। ଆମେରିକାର କମ୍ପାନୀ ଗୁଗୁଲ, ଫେସବୁକ, ଏକ୍ସ, ଆମାଜନ ଓ ମେଟା ଭଳି କମ୍ପାନୀ ମାନଙ୍କର ଅଧିକ ବ୍ୟବହାରକାରୀ ହେଉଛନ୍ତି ଭାରତୀୟ। ଏ ବାବଦରେ ଅନେକେ ଜାଣିନାହାଁନ୍ତି ଯେ ଚୀନର କମ୍ପାନୀ ମାନଙ୍କର ଉତ୍ପାଦ ଭାରତରେ କେତେ ପରିମାଣରେ ବିକ୍ରୀ ହେଉଛି। ୨୦୨୪-୨୫ ଆର୍ଥୀକ ବର୍ଷରେ ଚୀନ କମ୍ପାନୀ ମାନଙ୍କର ଭାରତରେ ବ୍ୟବସାୟ ଥିଲା ସାଢ଼େ ୯ଲକ୍ଷ କୋଟି ଟଙ୍କା। ଅର୍ଥାତ୍ ୧୪୨ କୋଟି ଲୋକଙ୍କ ଦେଶ ଭାରତ ଆମେରିକା, ଜାପାନ ଏବଂ ଜର୍ମାନୀରୁ ଯେତିକି ଆମଦାନୀ କରୁଛି ତାର ଏକ ଚତୁର୍ଥାଂଶ ଅର୍ଥର ଜିନିଷ ଚୀନ ସିଧାସଳଖ ଭାବେ ଭାରତର ବଜାର ହାଟ, ମଲ ମାନଙ୍କରେ ବିକ୍ରୀ କରୁଛି। ଚୀନର ନାମୀ କମ୍ପାନୀ ଯଥା ଏଁଟ ଫାଇନାନସିଆଲ, ଟେନସେଟ, ଫୋସୁନ, ଅଲିବାବା ଆଦି କମ୍ପାନୀ ମାନେ ଭାରତୀୟ କମ୍ପାନୀ (ପେଟିଏମ୍?, ସ୍ୱିଗି, ଜୋମାଟୋ) ଓଲା, ବାଇଜୁ ମାନଙ୍କରେ ପୁଞ୍ଜିନିବେଶ କରି ବା ଭାରତୀୟ କମ୍ପାନୀ ମାନଙ୍କ ସହ ବ୍ୟବସାୟ କରି ଫାଇଦା (ଲାଭ) ଉଠାଇବାରେ ଲାଗିଛନ୍ତି। ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ କମ୍ପାନୀ ମଧ୍ୟ ଚୀନର ଫାଷ୍ଟ ଫେସନ/ଇକମର୍ସର ଏଜେଣ୍ଟ ଅଟେ। ଚୀନର ଏହି କମ୍ପାନୀ ଉପରେ ଟ୍ରମ୍ପ ପ୍ରତିବନ୍ଧକ ଲଗାଇଛନ୍ତି।

ଏଣୁ ସ୍ପଷ୍ଟ ଯେ ଏଆଇ ର ନୂଆ ଟେକନିକ ହେଉ ବା ପୋଷ୍ଟାଲ, କୋରିଅର ମାଧ୍ୟମରେ ବିକ୍ରୀ କରାଯାଉଥିବା ଶସ୍ତା କପଡ଼ା, ସବୁ ପ୍ରକାରର ବିକାଶ ନିର୍ମାଣ ତଥା ଔଦ୍ୟୋଗିକ- ବୃଦ୍ଧି କ୍ରାନ୍ତି ପାଇଁ ଭାରତ ଏକ ଦୁଧିଆଳି ଗାଇ ଯାହାକୁ ଦୁହିଁବାର ଅଧିକାର ବିଦେଶୀ କମ୍ପାନୀ ମାନଙ୍କ ପାଖରେ ରହିଛି ଅଥବା ଭାରତ ସରକାରଙ୍କ ପାଖରେ ରହିଛି। ଏଥିପାଇଁ ଦାୟୀ କିଏ ? ଏଥିପାଇଁ ଆମେ ଭାରତର ୧୪୨ କୋଟିରୁ ଅଧିକ ଲୋକ ହିଁ ଦାୟୀ କି ? ଆମେ ଜନସାଧାରଣ ଏଇଥିପାଇଁ ଦାୟୀ ଯେ ଆମେ କେବେ ଏପ୍ରସଙ୍ଗରେ ଚିନ୍ତାକରୁନାହେଁ। ସରକାର ମଧ୍ୟ ଏଥିପାଇଁ ଦାୟୀ, ନେତାମାନେ ଏସବୁ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେବା ପରିବର୍ତ୍ତେ ଲୋକଙ୍କୁ ଆଶ୍ରିତ, ପରାଶ୍ରିତ, ଆଳସ୍ୟ ପରାୟଣ, ଲାଳସି, ହିନ୍ଦୁ- ମୁସଲମାନ କଥାରେ ରଖି ଦେଇଛନ୍ତି। ଇତିହସରୁ ସ୍ପଷ୍ଟ ଯେ ପ୍ରାକ୍ କାଳରେ ହାଟ, ମେଳା ବ୍ୟବସ୍ଥା ଥିଲା ଓ ଲୋକେ ହାଟରୁ ଓ ମେଳାରୁ ଆବଶ୍ୟକୀୟ ଜିନିଷ ଆଣୁଥିଲେ ଓ କୃଷିଯାତ ଦ୍ରବ୍ୟ ମଧ୍ୟ ସେଠାରେ ବିକ୍ରୀ କରୁଥିଲେ। ଇଂରେଜ ମାନେ ଭାରତକୁ ଆସିବା ପୂର୍ବରୁ ଚାଷ, ପାରମ୍ପରିକ ହସ୍ତକଳା, କୁଟୀରଶିଳ୍ପ, ବର୍ଣ୍ଣବ୍ୟବସ୍ଥାରେ କାମଧନ୍ଦା ଓ ରୋଜଗାରର ସ୍ୱଶାସନ ଥିଲା। ଇଂରେଜମାନେ ଭାରତକୁ ଆସିବା ପରେ ବଜାର ବ୍ୟବସ୍ଥାକୁ ଆପଣେଇଥିଲେ। ଭାରତକୁ କପା, ମସଲା ଏବଂ ବିଭିନ୍ନ ପ୍ରକାରର କଞ୍ଚାମାଲ ଆଣି ବିକ୍ରୀ କରି ଭାରତୀୟ ଲୋକଙ୍କୁ ଲୁଟିବାରେ ଲାଗିଲେ। ବ୍ରିଟେନର କାରଖାନାରେ ନିର୍ମିତ ଜିନିଷର ଗ୍ରାହକ ପାଲଟିଗଲେ ଭାରତୀୟ ଜନସାଧାରଣ। ଭାରତୀୟ ଗରୀବ ହେବାରେ ଲାଗିଲେ କିନ୍ତୁ ଲୋକଙ୍କ କୌଶଳ ପରମ୍ପରାଗତ କୁଟୀର ଶିଳ୍ପ ତଥାପି ବଞ୍ଚିତ ରହିଲା। କଞ୍ଚାମାଲ ବିକ୍ରୀକରି ଭାରତୀୟମାନେ ଲାଭ କମାଇ ପାରୁଥିଲେ। ଭାରତର ମେଳା, ହାଟ, ବଜାରରେ ସ୍ୱଦେଶୀ ଜିନିଷ ମିଳୁଥିଲା। ଦଶହରା, ଦୀପାବଳୀ ଭଳି ଉତ୍ସବରେ ମାଟିର ଦୀପ, ଦେଶୀ-ସ୍ୱଦେଶୀ ବାଣ ବ୍ୟବହାର ଥିଲା। ଏବେ ଭାରତରେ ଚୀନରେ ପ୍ରସ୍ତୁତ ବିଭିନ୍ନ ପ୍ରକାରର ବାଣ ଏବଂ ଚାଇନିଜ ଲାଇଟ ବଜାରରେ ବ୍ୟାପକ ଭାବରେ ଉପଲବ୍ଧ। ସରକାର ସ୍ୱଦେଶୀ କଥା କହୁଛନ୍ତି କିନ୍ତୁ ଦେଶରେ ବ୍ୟାପକ ଭାବେ ଚୀନ ଜିନିଷର ବିକ୍ରୀ ବଢୁଛି ତାକୁ ରୋକିବା ଦିଗରେ କୌଣସି ଠୋସ ପଦକ୍ଷେପ ଗ୍ରହଣ କରୁନାହାଁନ୍ତି।

ଏସବୁ କଥାର ବିଶ୍ଳେଷଣ କରାଯିବାର ଉଦ୍ଦେଶ୍ୟ ମଧ୍ୟ ରହିଛି। ସରକାର ଏବେ ଭାରତ ବିଶ୍ୱର ମହାଶକ୍ତି ହେବାକୁ ଯାଉଛି ବୋଲି କହୁଛନ୍ତି ଓ ବର୍ତ୍ତମାନ ସମୟକୁ ଅମୃତକାଳ, ସ୍ୱର୍ଣ୍ଣିମ ସମୟ ବୋଲି କହୁଛନ୍ତି। ଭାରତ ବିଶ୍ୱର ଅନ୍ୟ ଦେଶର ପ୍ରମୁଖ ବଜାରରେ ପରିଣତ ହେବା କ'ଣ ସୁବର୍ଣ୍ଣକାଳ ? ଆଶ୍ରିତ- ପରାଶ୍ରିତ ହେବା କ'ଣ ଅମୃତକାଳ ? କ'ଣ ଏହାହିଁ ହିନ୍ଦୁ ଆଇଡିଆ ଅଫ ଇଣ୍ଡିଆ ଥିଲା ? ହିନ୍ଦୁତ୍ୱ ଓ ହିନ୍ଦୁରାଷ୍ଟ୍ର କଥା କହୁଥିବା ଲୋକଙ୍କର କ'ଣ ଏହାହିଁ ଇଚ୍ଛା ? କ'ଣ ଏହାହିଁ ରାଜନୈତିକ ଆର୍ଥୀକ ସ୍ୱାଧୀନତା, ନିଡ଼ରତା, ନିର୍ଭୟତା ଓ ସ୍ୱାଭିମାନ ଅଥବା ପୁରୁଷାର୍ଥ ଅଟେ ? ଆତ୍ମନିର୍ଭରତା, ସ୍ୱଦେଶୀପଣ ଏବେ ଖାଲି କଥାରେ କଥାରେ ରହିଛି। ପ୍ରକୃତ ପକ୍ଷେ ମିଥ୍ୟା, ଅନ୍ଧବିଶ୍ୱାସ, ଅହଂକାର, ଛନ୍ଦ କପଟର ଅପସଂସ୍କୃତି ଏବେ ଜୋରଦାର ଚାଲିଛି ଯାହା କଳ୍ପନା ବି କରିହେବନି। ସବୁ କିଛି ବଜାରରେ ପରିବର୍ତ୍ତନ ହୋଇଯାଇଛି । ରାଜନୀତି ମଧ୍ୟ ବଜାରର ଧନ୍ଦା ପାଲଟିଯାଇଛି ଓ ସଭ୍ୟତା- ସଂସ୍କୃତି, ରାଷ୍ଟ୍ରବାଦ, ଚଳଣି-ଚେହେରା-ଚରିତ୍ର ସବୁ ଫାଇଦା, ଲାଭ ଏବଂ ସ୍ୱାର୍ଥର ପ୍ରଭାବରେ ପ୍ରଭାବିତ। ଏଭଳି ସବୁ କୌଣସି ଦେଶରେ ଦେଖିବାକୁ ମିଳିବ ନାହିଁ। ସବୁ ଦେଶ ସବୁ ଜାତି ପରିଶ୍ରମ, ଉଦ୍ୟମଶୀଳତା, ଇମାନଦାରୀ, ସାହାସ, ପୁରୁଷାର୍ଥ, ନିଡ଼ରତା ବା ସେଇ ସଂସ୍କାର, ସେଇ ବିଚାର ଓ ଚିନ୍ତା କୁ ନେଇ ଆଗକୁ ବଢ଼ିବାରେ ଲାଗିଛନ୍ତି। ପ୍ରଥମେ ନିର୍ମାଣ ପରେ ଧନ୍ଦା। କିନ୍ତୁ ଭାରତରେ ଅର୍ଥବ୍ୟବସ୍ଥା କଥା ଛାଡ଼ ରାଜନୀତି, ରାଷ୍ଟ୍ରବାଦ, କୂଟନୀତି, ସମାଜ, ଧର୍ମକୁ ମଧ୍ୟ ଧନ୍ଦାରେ ପରିଣତ କରାଯାଇଛି।

ଜଣାନାହିଁ ବିଜେପି ସରକାରର ନେତାମାନେ ଏପରିକି ମୋହନ ଭାଗବତ ସାବରକର, ଗୋଲବାଲେକର ଙ୍କ ରାଷ୍ଟ୍ରବାଦ ପଢ଼ିଛନ୍ତି କି ନାହିଁ ? ଯଦି ପଢ଼ିଥାନ୍ତେ ଏ ବାବଦରେ ଚିନ୍ତନ ମନ୍ଥନ ନିଶ୍ଚୟ କରନ୍ତେ। ମର୍ଯ୍ୟଦା ପୁରୁଷୋତ୍ତମ ରାମଙ୍କ ରାମରାଜ୍ୟ ଏବଂ ଭାରତମାତାଙ୍କ ବିଚାର କଥା କୁଆଡ଼େ ଗଲା ? ଏ ଦେଶର ହିନ୍ଦୁମାନେ କ'ଣ ମର୍ଯ୍ୟଦାର ରାମରାଜ୍ୟ ଚାହାଁନ୍ତି ନା ରାବଣର ଲୋଭି, ସ୍ୱାର୍ଥୀ, ଅହଂକାରୀ ଶାସନ ଚାହାଁନ୍ତି ? ଅତିବାଦ, ଉପଭୋକ୍ତାବାଦ, ବଜାରବାଦ, ଧନ୍ଦାବାଦ କ'ଣ ରାମରାଜ୍ୟ କି ? ଯଦି ଆଜିର ସତ୍ୟତା ଆମର ପ୍ରାରବ୍ଧ ତେବେ ସ୍ୱଦେଶୀ, ଆତ୍ମନିର୍ଭରତା, ଆତ୍ମାନୁଶାସନ, ନୈତିକତା, ଚଳଣି-ଚେହେରା-ଚରିତ୍ର ଏବଂ ସତ୍ୟମେବ ଜୟତେ ଭଳି କଥା ଆମେ କହୁଛେ କାହିଁକି ? ବଜାରର ମଧ୍ୟ ସାଧୁତା- ଧର୍ମ ମଧ୍ୟ ରହିଛି ଯଦି ବଜାର ସ୍ୱନିର୍ମିତ। ଇଂରେଜ ମାନେ ଭାରତ ଆସିଥିଲେ ଓ ତାଙ୍କ ବେପାର କଲେ କିନ୍ତୁ ଭାରତୀୟ ମାନେ କେବେ ଆଶ୍ରିତ, କାମ କରିବା ପାଇଁ ଅନାଗ୍ରହ କିମ୍ବା ସମୟ ଗଡ଼ାଇବା (ଟାଇଢ୍?ପାସ୍?) କରିବାର ମାନସିକତା ଦେଖାଇ ନଥିଲେ। ନେହେରୁ ଏବଂ କଂଗ୍ରେସ ସମାଜବାଦ କଥା କହୁଥିଲେ। ଖାଦ୍ୟ ସଙ୍କଟ ବେଳେ ରାସନ ସାମଗ୍ରୀର ବ୍ୟବସ୍ଥା କରିଥିଲେ ତାସହିତ ଦେଶରେ କଳକାରଖାନା ମଧ୍ୟ ସ୍ଥାପନ କରିଥିଲେ। ବିଦେଶୀ ପୁଞ୍ଜିର ବିପଦ କଥାକୁ ମଧ୍ୟ ନଜରରେ ରଖିଥିଲେ ଏଣୁ ଲୋକଙ୍କୁ ସମର୍ଥ ଓ ସକ୍ଷମ କରିବା ପାଇଁ ଶିକ୍ଷା ଓ ଟେକନିକର ବିକାଶକୁ ଗୁରୁତ୍ୱ ଦେଇଥିଲେ। ନେହେରୁଙ୍କ ସମାଜବାଦରେ ଲୋକଙ୍କ ଟଙ୍କା ବାଣ୍ଟିବାର କଥା ନଥିଲା କିମ୍ବା ନିର୍ବାଚନ ପୂର୍ବରୁ ଏବେର ସରକାର ଯେମିତି ବିହାରର ମହିଳାଙ୍କୁ ଦଶ ଦଶ ହଜାର ଟଙ୍କା ଦେଇଛନ୍ତି ସେପରି ଧୂର୍ତ୍ତତା ନଥିଲା। ସେତେବେଳର ରାଜନୀତିର ବିଚାରଧାରା ଭିନ୍ନଥିଲା। ରାଜନୀତି ରାଜନୀତି ହିଁ ଥିଲା। ରାଜନୀତିକୁ ନେଣଦେଣର ବଜାରରେ ପରିଣତ କରାଯାଇନଥିଲା।

ଗାନ୍ଧୀ- ନେହେରୁଙ୍କ ସମୟରେ ଟାଟା ବିରଳା ମଧ୍ୟଥିଲେ କିନ୍ତୁ ଗାନ୍ଧୀ-ନେହେରୁ କେବେ ଟାଟା ବିରଳାଙ୍କ ହାତରେ କଣ୍ଢେଇ ହୋଇନଥିଲେ କିମ୍ବା ବଂହୁରାଷ୍ଟ୍ରୀୟ କମ୍ପାନୀ ହାତରେ – ଭାରତର ବଜାରକୁ ଟେକି ଦେଇନଥିଲେ। କିନ୍ତୁ ଏବେ ସରକାର ମାତ୍ର ହାତଗଣତି କେତେକ ଧନକୁବେରଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେବାରେ ଲାଗିଛନ୍ତି। ବିଶ୍ୱର ଅନ୍ୟ କୌଣସି ଦେଶରେ ଏଭଳି ଘଟଣା ଦେଖିବାକୁ ମିଳିବ ନାହିଁ। ଭାରତରେ ହାତଗଣତି କିଛି କମ୍ପାନୀ ଏପରିକି ସରକାର ବିଦେଶୀ କମ୍ପାନୀ ସହ ବ୍ୟବସାୟକୁ ଲାଭଜନକ ବୋଲି ଭାବୁଛନ୍ତି। ଫର୍ମୁଲା ମାତ୍ର ଗୋଟିଏ। ଏହା ହେଉଛି କିଛି କମ୍ପାନୀଙ୍କ ବ୍ୟବସାୟ। ଦେଶର ଶ୍ରମିକଙ୍କ ଶ୍ରମ, ବୁଦ୍ଧି, ଜ୍ଞାନ, ଗବେଷଣା ଏବଂ ନିର୍ମାଣର ଆବଶ୍ୟକତା କ'ଣ ଅଛି ଯଦି ବ୍ୟବସାୟରେ ଲାଭ ହେଉଛି ! ୧୪୨ କୋଟି ଲୋକଙ୍କ ଦୃଷ୍ଟିକୁ ଭିନ୍ନ କଥାରେ ଭ୍ରମିତ କର ଓ ସେମାନଙ୍କୁ ମାଗଣା ରାସନ ଓ ପଇସା ବାଣ୍ଟ ତେବେ ଲୋକେ ଶିକ୍ଷାର ଆବଶ୍ୟକତା ବୁଝିବେ କାହିଁକି ଓ ପରିଶ୍ରମ ବା କରିବେ କାହିଁକି ? କେବଳ ଭିଡ଼ (ଲୋକଙ୍କ ସଂଖ୍ୟା) ରେ ହିଁ ଧନ୍ଦାର ଆକଳନ ଚାଲିଲେ ଭାରତ କ'ଣ ବିକଶିତ ହୋଇ ପାରିବ ? ଏବେ ରାମଙ୍କ ମର୍ଯ୍ୟଦା, ସାତ୍ୱିକତା, ସତ୍ୟ, ସାଧୁତା, ଚରିତ୍ର, ନୈତିକତା ଏକପ୍ରକାର ଅନାବଶ୍ୟକ ହୋଇ ପଡିଛି। ସୁନାର ଲଙ୍କା ନିର୍ମାଣ କରିବାର ଅଛି ତ ରାବଣର ରାସ୍ତା ଅନୁସରଣ କର। ଏବେ ଚିନ୍ତା କରିବା ବା ବିଚାର କରିବା ପାଇଁ କାହା ପାଖରେ ସମୟ ନାହିଁ। ବିଦେଶୀ କମ୍ପାନୀ ମାନଙ୍କୁ କିଛି କରିବାକୁ ପଡୁନାହିଁ କାରଣ ଭାରତର କିଛି କମ୍ପାନୀ ସେମାନଙ୍କ ଏଜେଣ୍ଟ ଭଳି କାମ କରୁଛନ୍ତି। ଭାରତୀୟ କମ୍ପାନୀ ମାନଙ୍କ ଦ୍ୱାରା ସେମାନେ ବ୍ୟବସାୟ ବୃଦ୍ଧି କରିବାରେ ସକ୍ଷମ ହେଉଛନ୍ତି।

+ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

# ନିର୍ଦ୍ଧନ କିଏ ?



## ଅନୀତା ପଟ୍ଟନାୟକ

ଥରେ ଜଣେ ରାଜା ଅନୁସନ୍ଧାନ କରିବାକୁ ଚାହିଁଲେ ଯେ ପ୍ରକୃତରେ ଗରିବ କିଏ ? ସେ ଆଦି ଶଙ୍କରାଚାର୍ଯ୍ୟଙ୍କର ଜଣେ ପ୍ରଗାଢ଼ ଭକ୍ତ ଥିଲେ। ସେ ପ୍ରତିଦିନ ମହାଲକ୍ଷ୍ମୀଙ୍କର ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ରଚିତ 'କନକ ଧାରା' ସ୍ତୋତ୍ର ପାଠ କରୁଥିଲେ। ତେଣୁ ଦାରିଦ୍ର୍ୟତା କ'ଣ ? ସେ ବିଷୟରେ ତାଙ୍କର ଜ୍ଞାନ ନଥିଲା। ରାଜା ମନ୍ତ୍ରୀଙ୍କୁ ପଚାରିଲେ, ଗରିବତ୍ୱ କେତେ ପ୍ରକାରର। ମନ୍ତ୍ରୀ କହିଲେ, ରାଜା ଆପଣ ରାଜ୍ୟ ବୁଲି ଦେଖିଲେ ଗରୀବତ୍ୱ କାହାକୁ କହନ୍ତି ବୁଝିପାରିବେ। ମନ୍ତ୍ରୀଙ୍କ ପରାମର୍ଶକ୍ରମେ ରାଜା ସାଦ ଦିନର ପାରିଧି ରଖିଲେ।

ପ୍ରଥମ ଦିନ ରାଜା ମନ୍ତ୍ରୀଙ୍କ ସହ ଯାଉଥିବାର ଦେଖିଲେ ମନ୍ଦିର ସମ୍ମୁଖରେ କିଛି ଲୋକ ଭିକ୍ଷା କରୁଛନ୍ତି। ପଡ଼ିଥିବା ଖାଦ୍ୟ ଖାଇବା ପାଇଁ କୁକୁର, ଷଣ୍ଢ, ଗାଇ ଏମାନଙ୍କ ସହିତ ସେମାନଙ୍କୁ ପ୍ରତିଯୋଗିତା କରିବାକୁ ପଡୁଛି। ରାଜା ମନ୍ତ୍ରୀଙ୍କୁ ପଚାରିଲେ ମୁଁ ଏସବୁ କ'ଣ ଦେଖୁଛି। ମନ୍ତ୍ରୀ କହିଲେ ଜନ୍ମ ଜନ୍ମାନ୍ତରରେ ଏମାନେ କାହାକୁ ଖାଦ୍ୟ ନଦେଇଥିବାରୁ ଏ ଜନ୍ମରେ ନିର୍ଦ୍ଧନତାର ଶିକାର ହୋଇଛନ୍ତି। ସେଥିପାଇଁ ପରା କଥାରେ ଅଛି ଦେଲେ ପାଇ।

ରାଜା ଓ ମନ୍ତ୍ରୀଙ୍କର ରଥ ଆଉ କିଛି ବାଟ ଆଗେଇ ଗଲା। ରାଜା ଦେଖିଲେ ଏକ ଗହଳିପୂର୍ଣ୍ଣ ସ୍ଥାନରେ କିଛି ଲୋକେ ଗୋଟିଏ ଲୋକକୁ ନୀଚ, ଖଚଡ଼, ବଦମାସ କହି ତାର କୁଡ଼ିଆଟିକୁ ଭାଙ୍ଗି ଦେଉଛନ୍ତି। ରାଜା ମନ୍ତ୍ରୀଙ୍କୁ କହିଲେ ଟିକେ ଓହ୍ଲାଇ ଯାଇ ପ୍ରକୃତରେ କ'ଣ ହୋଇଛି ବୁଝି ଆସ। ମନ୍ତ୍ରୀ କିଛି ସମୟ ପରେ ଫେରିଆସି କହିଲେ, ଲୋକଟି ନୀଚତ୍ୱମର ପରିଣାମ ଭୋଗୁଛି ତାର ନୀଚ ଓ ବଦମାସ ପ୍ରବୃତ୍ତି ଯୋଗୁ ଲୋକମାନେ ତାର ଘର ଉପରେ ଆକ୍ରମଣ କରି ଭାଙ୍ଗି ଦେଇଛନ୍ତି। ରାଜା ମନ୍ତ୍ରୀଙ୍କୁ ପଚାରିଲେ ନୀଚତ୍ୱ କ'ଣ ନିର୍ଦ୍ଧନତାର ଏକ ଲକ୍ଷଣ ? ମନ୍ତ୍ରୀ କହିଲେ ହଁ। ମନୁଷ୍ୟ ନିଜ ଭିତରେ ନୀଚ ଭାବ ରଖିବା ଉଚିତ ନୁହେଁ। ଏଥର ରାଜା ଓ ମନ୍ତ୍ରୀ ରଥକୁ ଧରି ଆଉ କିଛି ବାଟ ଆଗେଇ ଗଲେ। ସେମାନେ ଦେଖିଲେ, ଗୋଟିଏ ଲୋକ କାନ୍ଦୁଛି। ରାଜାଙ୍କ ନିର୍ଦ୍ଦେଶକ୍ରମେ ମନ୍ତ୍ରୀ ସେ ଲୋକ କାହିଁକି କାନ୍ଦୁଛି ସେ ବିଷୟରେ ବୁଝିବାକୁ ଗଲେ। ଲୋକଟି କହିଲା ସ୍ତ୍ରୀର ପରାମର୍ଶକ୍ରମେ ଜାଳେଣି ପାଇଁ କାଠ ସଂଗ୍ରହ ନକରି ସ୍ତ୍ରୀକୁ ଖୁସି କରିବା ପାଇଁ ଶଗଡ଼ର ନିଜ ଚକାଗୁଡ଼ିକ କାଟି ପକାଇଥିଲା। ବର୍ତ୍ତମାନ ଶଗଡ଼ ଚାଲିବ କିପରି ଏହି ଭାବନରେ ମୂର୍ଖ କାନ୍ଦୁଛି। ରାଜା ପଚାରିଲେ ମୂର୍ଖତ୍ୱ କ'ଣ ନିର୍ଦ୍ଧନତାର ଏକ ପ୍ରତୀକ। ମନ୍ତ୍ରୀ କହିଲେ ନିଶ୍ଚୟ। ରାଜା ଓ ମନ୍ତ୍ରୀ ରଥରେ ଆଉ କିଛି ବାଟ ଆଗେଇ ଗଲେ। ସେମାନେ ଦେଖିଲେ ଗୋଟିଏ ସ୍ତ୍ରୀ ଲୋକ କାନ୍ଦୁଛି। ମନ୍ତ୍ରୀ ଲୋକଙ୍କ ଠାରେ ପଚାରି ବୁଝିବାରେ ଜାଣିଲେ, ସ୍ତ୍ରୀଲୋକଟି ପ୍ରତିଦିନ କିଛି ନା କିଛି କାରଣ ପାଇଁ କାନ୍ଦେ। ତାର ଗଛରୁ ରାତିରେ କିଏ ଫୁଲ ନେଇଗଲେ, ସ୍ୱାମୀ ଘରର କିଛି ଜିନିଷ ନେଇଗଲେ, ତାକୁ ସୁସ୍ୱାଦୁ ଖାଦ୍ୟ ଓ ଶାଢ଼ୀ ନ ମିଳିଲେ ଇତ୍ୟାଦି ଇତ୍ୟାଦି ପାଇଁ କାନ୍ଦେ। ମନ୍ତ୍ରୀଙ୍କୁ ରାଜା ପଚାରିଲେ ନିତ୍ୟ ଦୁଃଖି କ'ଣ ନିର୍ଦ୍ଧନତାର ଚିହ୍ନ। ମନ୍ତ୍ରୀ କହିଲେ ହଁ ମହାଭାଗ ! ଆପଣ ଯାହା କହୁଛନ୍ତି ତାହା ଠିକ୍।

ମନ୍ତ୍ରୀ ଓ ରାଜା ଆଉ କିଛି ବାଟ ଗଲାପରେ ଦେଖିଲେ ଗୋଟିଏ ଲୋକ ଅସ୍ଥିର ହୋଇ ଭୟରେ ଥରୁଛି। ସେ ପଡ଼ିଯିବାପରି ହେଉଛି। କାରଣ କ'ଣ ପଚାରିବାରେ ସେ ଲୋକଟି କହିଲା ମୋର ସବୁ କିଛି ପଡ଼ି ଯାଉଥିବା ଚାଲିଯାଉଥିବା ପରି ମନେ ହେଉଛି। ମୋର ସ୍ତ୍ରୀ ଓ ପିଲାମାନେ ମତେ ଛାଡ଼ି ଚାଲିଯାଇପାରନ୍ତି। ନଇବଢ଼ି ହୋଇ ମୋର ଘର ଭାଙ୍ଗିଯାଇପାରେ। ତେଣୁ ଆଜି ମୋର ଏହି ଅବସ୍ଥା। ରାଜା ଏ କଥା ଶୁଣି ମନ୍ତ୍ରୀଙ୍କୁ କହିଲେ ଅସ୍ଥାମିତା ପଡ଼ିଯାଉଥିବାର ଭୟ କ'ଣ ଦାରିଦ୍ର୍ୟତାର ଏକ ଲକ୍ଷଣ ? ମନ୍ତ୍ରୀ କହିଲେ ହଁ। କିଛି ବାଟ ଆଗେଇ ଯିବାପରେ ସେମାନେ ଦେଖିଲେ ଗୋଟିଏ ଲୋକକୁ ବିଛା କାମୁଡ଼ି ଦେଇଛି। ତାକୁ ମନ୍ତ୍ରୀ ପଚାରିବାରେ ସେ କହିଲି ଡିବିରି ଜାଳିବାରେ ପଇସା ଖର୍ଚ୍ଚ ହୋଇଯିବ ଭାବି କୃପଣତା କରି ମୁଁ ରାତିରେ ଆଲୁଅ ଜାଳି ନଥିଲି। ମତେ ଏକ ବିଛା କାମୁଡ଼ି ଦେଇଛି। ବଇଦ ପାଖରେ ଟଙ୍କା ଖର୍ଚ୍ଚ କରିବାକୁ ଇଚ୍ଛା ହେଉନାହିଁ। ମନ୍ତ୍ରୀ ଫେରିଆସି ରାଜାଙ୍କୁ ଏକଥା କହିବାରେ ରାଜା କହିଲେ କୃପଣତା କ'ଣ ଦାରିଦ୍ର୍ୟତାର ଲକ୍ଷଣ। ମନ୍ତ୍ରୀ କହିଲେ ହଁ। ଏହାପରେ ରଥ କିଛି ବାଟ ଆଗେଇ ଗଲା। ମନ୍ତ୍ରୀ ଦେଖିଲେ, ପାଠ ପଢ଼ି ନଥିବା କିଛି ଲୋକେ ବିଦ୍ୟାଳୟରେ ବିଦ୍ୟାଶିକ୍ଷା ଦେଉଛନ୍ତି। ଦିନ ଦ୍ୱିପ୍ରହରରେ କିଛି ଲୋକ ଦୀପ ଧରି ଚାଲିଛନ୍ତି। କାଳେ ରାସ୍ତାରେ ଝୁଣ୍ଟି ପଡ଼ିବେ ସେଥିପାଇଁ। ଏପରି କାହିଁକି ହେଉଛି ରାଜା ଜାଣିବାକୁ ଚାହିଁବାରୁ ମନ୍ତ୍ରୀ ବୁଝି ଆସି କହିଲେ ଏହା ଅଜ୍ଞନତାର ଚିହ୍ନ। ରାଜା ପଚାରିଲେ ଅଜ୍ଞାନତା କ'ଣ ଦାରିଦ୍ର୍ୟର ଲକ୍ଷଣ। ମନ୍ତ୍ରୀ କହିଲେ ହଁ। କନକଧାରା ସ୍ତୋତ୍ରରେ ମହାଲକ୍ଷ୍ମୀ ଏହି ସାତଟି ନିର୍ଦ୍ଧନତାକୁ ଦୂର କରିଥାନ୍ତି। ସେ ଦିନ ରାଜା ବୁଝିପାରିଥିଲେ ନିର୍ଦ୍ଧନତା କ'ଣ ?

+ଅବସରପ୍ରାପ୍ତ ପ୍ରଧାପିକା,
ସିଡିଏ, କଟକ,
ମୋ : ୯୬୯୨୯୮୦୦୨୬




## କୋଣାର୍କ

### ଧ୍ରୁବ ଚରଣ ବେହେରା

ଶବ୍ଦ ଯାଦୁଗରେ ହୃଦୟ ଗତ୍ରରେ
ଆଙ୍କିବି କବିତା ଶିଳାର ଶୋଭା
ଭଗ୍ନ ବିନ୍ୟାରେ ଜୀବନ ଭରିବି
ଲାଗୁଥିବା ସତେ ଜୀବନ୍ତ ଆଭା ।
ବାରଷ ବଢେଇ ବାର ବରଷରେ
ସ୍ଥାପି ଇତିହାସ ପ୍ରତି ରେଣୁରେ
ଗଢି ଦେଲେ କଳା ହସୁଛି ଅନାଇ
ଭାସ୍କର୍ଯ୍ୟ ଫୁଟିଛି ପ୍ରତି କୋଣରେ ।
ଅମୂଲ୍ୟ ନିହାଣ ପିଟି ପିଟି ଧୈର୍ଯ୍ୟେ
ତୋଳିଲେ ଲହୁ ଓ ରକ୍ତର ସୌଧ
ଏବେବି ହସୁଛି ସ୍ମୃତି ଛାପ ଧରି
ଅମର ହୋଇଛି ପ୍ରେମ ଆୟୁଧ ।
ପ୍ରତି ପାଦେ ଯା'ର ଶବ୍ଦର ଭଣ୍ଡାର
କଳା ପାଗୋଡାରେ ହସେ ବର୍ଣ୍ଣାଳୀ
ବାହୁନି କାନ୍ଦୁଛି ତ୍ୟାଗର ଗାରିମା
ସୁ ପୁତ୍ର ଧରମା ତ୍ୟାଗକୁ ଭାଳି ।
ନର୍ତ୍ତକୀର ନାଚୁଛି ନାଟ୍ୟ ମଣ୍ଡପରେ
ଶୁଭୁ ନାହିଁ ପଛେ ପଦ ଘୁଙ୍ଗୁର
ତଥାପି କଳ୍ପନା କଳାରେ ଗୁମୁରେ
ଏହି ସେ କୋଣାର୍କ ପ୍ରୀତିର ପୁର ।
ଆଦ୍ୟରୁ ପ୍ରସ୍ତାରେ ପ୍ରେମର ବାହୁକୁ
ପଲକେ ପଡିଲେ ଶୋଭିତା ଶିରୀ
କିଏ କଳିବ ତା' ରଙ୍ଗର ଚାରୁକୁ
ଲାଗେ ଯାଦୁଗର କଳା ନଗରୀ ।
ଅନ୍ତର ତାହାର ରୁଗ୍ଣ ହୋଇ ଝଡେ
ବୃଦ୍ଧ ପ୍ରସ୍ତର କି ପ୍ରାଚୀ କିରଣେ
ପରିଣତ ତାକୁ କରୁଅଛି କ୍ଷୀଣ
ସନ୍ତାନ ସନ୍ତନ୍ତୀ ନାହାଁନ୍ତି ଜଣେ ।
ବିସ୍ମୟ ହୁଅଇ ପ୍ରେମର ପୂଜାରୀ
ପଲକରେ ଦେଖି ସେ ଭବ୍ୟ ପୁରୀ
ସପ୍ତାଶ୍ଚର୍ଯ୍ୟା ଠାରୁ ଲାଗଇ ନିଆରା
ଆହାଃ ଲାବଣ୍ୟ କୋଣାର୍କ ଶିରୀ ।
ଅଷ୍ଟଧାତୁ ଠାରୁ ଉଚ୍ଚ ତା'ର ମାନ
କଳା ଘୋଡା ସତେ କଳିଙ୍ଗ କ୍ଷ୍ୟାତି
ଧନ୍ୟ ସେହି ରାଜା ଭାସ୍କର୍ଯ୍ୟ ପୂଜକ
ରଖି ଦେଇଗଲେ ସୁବର୍ଣ୍ଣ କୀର୍ତ୍ତି ।
କଳିଙ୍ଗ କୋଳରେ ବିଦ୍ୟମାନ ସୂର୍ଯ୍ୟ
ଝଟକେ ସୁନେଲୀ ନବ କିରଣେ
ଅମରତ୍ୱ ତା'ର ସ୍ଥାପତ୍ୟ ବୈଭବ
ରୂପ ଅନୁପମ ଭାରତ ଭୂମେ ।
ଯେତେ ଦେଖୁଥିଲେ ମନ ବୁଝେ ନାହିଁ
ସତ୍ୟ ଧର୍ମ ର ସେ ଭବ୍ୟ ମନ୍ଦିର
ଚାରୁ ଚିନ୍ମୟର ନଭଶ୍ଚୁମ୍ବୀ ଶୋଭା
କୋଣାର୍କ କଳିଙ୍ଗ କଳା ସହର ।
ନୀଳ ଆକଶାକୁ ରହିଛି ଅନାଇଁ
ଗାଉଛି କବିତା ବ୍ୟଥା କାହାଣୀ
ଅମର କୀରତି ପାଷାଣ କଳାର
ଏହି ପା କୋଣାର୍କ ସୁନ୍ଦର ମଣି ।

+ସୀମା ପ୍ରହରୀ , ମଣିପୁର
ମୋ-୮୩୨୮୯୩୦୫୫୪

## ତୁମେ ଆଉ ମୁଁ

### ରାମ ଚନ୍ଦ୍ର ପ୍ରଧାନ



ବୈଶାଖ ମାସର ମାଦଳ ପାଞ୍ଜି ମୁଁ
ତୁମେ ଉତ୍କଳୀୟ ଓଷା
ଜ୍ୟେଷ୍ଠ ମଳ ମାସ ଅସହ୍ୟ ତାତି ମୁଁ
ତୁମେ ହିମାଳୟ ବସା ।
ଆଷାଢ଼ ମାସର ରୁକୁଣା ରଥ ମୁଁ
ତୁମେ ରଜଦୋଳି ଗୀତ
ଶ୍ରାବଣ ମାସର କାଉଡ଼ି ଭାର ମୁଁ
ତୁମେ ପଥପ୍ରାନ୍ତ ମିତ ।
ଭାଦ୍ରବ ମାସର ସାଧବ ପୁଅ ମୁଁ
ତୁମେ ମୋର ସାଧବାଣୀ
ଆଶ୍ୱିନ ମାସର ନଈପଠା ମୁଁ ଯେ'
ତୁମେ କାଶତଣ୍ଡୀ ରାଣୀ ।
କାର୍ତ୍ତିକ ମାସର ମହା ପଞ୍ଚୁକ ମୁଁ
ତୁମେ ହବିଷର ହଣ୍ଡା
ମାର୍ଗଶିର ମାସ ମାଣବସା ମୁଁ ଯେ'
ତୁମେ ପୁରଦିଆ ମଣ୍ଡା ।
ପଉଷ ମାସର ଶାମ୍ବ ଦଶମୀ ମୁଁ
ତୁମେ ଧନୁ ମୁଆଁ ମିଠା
ମାଘ ମାସର ମୁଁ ମକର ଚାଉଳ
ତୁମେ ଢ଼ିଙ୍କି ଚୁନା ପିଠା ।
ଫଗୁଣ ମାସର ରଙ୍ଗ ଅବିର ମୁଁ
ତୁମେ ମୋର ରଙ୍ଗବତୀ
ଚଇତ ମାସର ଚଉପଦୀ ମୁଁ ଯେ'
ତୁମେ ମୋର ଚିତ୍ରଗିତୀ ।

+ଶିକ୍ଷକ
ଟେକ୍ନିକାଲ୍ ହାଇସ୍କୁଲ୍,
ଆସିକା, ଗଞ୍ଜାମ
ମୋ:୯୮୬୧୬୩୮୭୩୬

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୧୪ ଅକ୍ଟୋବର ୨୦୨୫, ମଙ୍ଗଳବାର

# କବିତାମାଳା

## ବିରହର ବେଦନା
### ସ୍ୱାଗତିକା ତରାଇ



ଥିଲା ଏକ ଝିଅ କାମିନୀ,
ଆଖିରେ ଆଖିଏ ସ୍ୱପ୍ନ,
ପ୍ରେମରେ ବିଶ୍ୱାସ କରି
ଦେଇଥିଲା ହୃଦୟକୁ ଅର୍ପଣ ॥
କେଉଁଠୁ ଆସିଲା ଏକ ପ୍ରେମିକ,
କେତେ କଥା କହି ମନ ମୋହିନେଲା,
ଦୁଇଟି ଆତ୍ମାକୁ ମିଶାଇ,
ଜୀବନକୁ ଆନନ୍ଦରେ ଭରି ଦେଲା ॥
ଦିନଗୁଡ଼ିକ ହେଲା ସୁନ୍ଦର,
ସୂର୍ଯ୍ୟ-ଚନ୍ଦ୍ର-ତାରା ସାକ୍ଷୀ,
ସେଇ ପ୍ରେମ ରଙ୍ଗେ ପ୍ରେମିକାର,
ହୃଦୟ ହେଲା ନୀଳ ବର୍ଣ୍ଣା ଆକାଶୀ ।।
କିନ୍ତୁ କିଏ ଜାଣିଥିଲା,
ସେଇ ବନ୍ଧୁ ଦିନେ
ହେଇଯିବ ପରଦେଶୀ,
କର୍ଣ୍ଣରେ ଶୁଣିଲା
ପ୍ରେମିକର ହୃଦୟ ଆକର୍ଷିତ ଆଜି,
ଅନ୍ୟ ଏକ ତରୁଣୀ ଲାଗି ॥
କଥା କମିଗଲା, ହସ ହରାଇଲା,
ଦିନେ ଥିଲା ଝିଅ ପାଇଁ
ସାଗର ସମାନ ପ୍ରେମ,
ରବିର ଅଳପ କିରଣେ ତାହା,
ନୀରବରେ ଶୁଖିଗଲା ।
ମାଟି ଖସିଗଲା ଝିଅର ପାଦରୁ,
ଭାଙ୍ଗିଲା ସବୁ ସ୍ୱପ୍ନ ମାନସରେ,
'କାହିଁକି ମୋତେ ଛାଡିଚାଲିଗଲ ବନ୍ଧୁ ?'
ଲେଖେ ପ୍ରଶ୍ନ ହୃଦୟର ଦୁଆରେ,
ଲୁହ ମିଶା ବିଳାପରେ ॥
ବିରହ ଅଗ୍ନିରେ ଝିଅଟି ଜଳିଲା,
ଆର୍ତ୍ତ ନାଦେ ତାର ରାତି ପାହିଗଲା,
ତଥାପି ପ୍ରେମର ପବିତ୍ରତାରେ,
ତାର ମନ ତାକୁ ଶୁଭେଚ୍ଛା ଜଣେଇଦେଲା ।
ସମୟ ବୋହି ଚାଲିଲା,
ଲୁହରେ ଗଳ୍ପ ଲେଖିଗଲା,
କିନ୍ତୁ ପ୍ରେମର ସ୍ଥାନ ଖାଲି,
ମିଳିଲାନି ବୋଲି ତା ପରଦେଶୀ ଭଳି॥
ସମାଜ ସତ ପ୍ରେମକୁ କରେ ପ୍ରତ୍ୟାହାର,
କିନ୍ତୁ ପୁସ୍ତକେ ଲେଖେ ସତ ପ୍ରେମ ହିଁ ଅମର,
କିନ୍ତୁ ବାସ୍ତବ ସତ୍ୟ ଯେ ଆପଣ ଜାଣନ୍ତି
ବିରହ ହିଁ ଲେଖେ ଅକୁହା ଗଳ୍ପର ପ୍ରଣୟ ପ୍ରୀତି ।

❤ଜେଲରୋଡ଼, ବାଲେଶ୍ୱର

## କର୍ଫ୍ୟୁ
### ସୁଚରିତା ମହାନ୍ତି



ଗାଁ ଠୁ ସହର
କେହି ମୁକ୍ତି ପାଇନଥାନ୍ତି
ଥରେ କର୍ଫ୍ୟୁ ଲାଗିଗଲେ
ଦଙ୍ଗା ହୁଏ ନିଆଁ ଜଳେ
ମଣିଷ ପାଲଟେ ପିଶାଚ
ହଣାହଣି ଚାଲେ
ରକ୍ତ ରଞ୍ଜିତ ହୁଏ ମାଟି

କଥା କଟାକଟି ଫିଙ୍ଗା ଫିଙ୍ଗି
ବାରୁଦର ଗନ୍ଧ
ଠୋ ଠା ଗୁଳି ବର୍ଷଣ

କେହି କାହା ଠାରୁ କମ୍ ନୁହନ୍ତି
ଏକୁ ଆରେକ ବଳି

ଏଠି ବଳି ପଡ଼େ ନିରୀହ ମଣିଷ
କାହିଁକି ଏତେ ଘୃଣା
ଏତେ ତର୍ଜମା

ଏତେ ବାଦବିବାଦ
ଯଦି ମଣିଷ ହୋଇ
ମଣିଷ ପଣିଆ ଭୁଲି ଯାଇଛ

ତା'ହେଲେ ଅନ୍ୟ ମୁଣ୍ଡରେ
ଦୋଷ ଥାପି ନିଜକୁ ଏତେ ବଡ଼ ବୋଲି
ଭାବୁଛ କେମିତି ?

ଅନ୍ୟକୁ ହାଣି କାଟି ଜାଳି
କି ବା' ଲାଭ
ଥରେ ପଚାରତ ତମ ବିବେକକୁ ।

❤ବାରିପଦା,ମୟୂରଭଞ୍ଜ
ମୋ: ୮୯୧୭୫୭୧୨୦୨

## ସମ୍ପର୍କ
### ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ଛାତି ତଳେ ଲହୁ ଜମାଟ ବାନ୍ଧିଲେ
ଆଖି ସହି ପାରେ ନାହିଁ
ଛାତି ସହ ଆଖି ସମ୍ପର୍କଟା କ'ଣ
ଜମା ବୁଝି ହୁଏ ନାହିଁ,
ନିଜକୁ ତାତାଇ ଉତ୍ତପ୍ତ କରାଇ
ପଡ଼ିଯାଏ ସିଏ ନାଲି
ଲହୁଗୁଡା ଯେତେ ବହିଯାଉ ସତେ
ଲୁହ ହୋଇ କିଛି ବୋଲି,
ସାହିଯାଏ କଷ୍ଟ କେଉଁ ବନ୍ଧନ କୁ
ବାନ୍ଧି ରଖିବାର ପାଇଁ...
ଛାତି ସହ ଆଖି ସମ୍ପର୍କଟା କ'ଣ
ଜମା ବୁଝି ହୁଏ ନାହିଁ ॥
କେବେ ହୁଏ ଖୁସି କେବେ ରୁଷେ ବେଶୀ
ରାଗେ କେବେ ଜରଜର
ଚପଳା ପରାଏ କେବେ କେବେ ସେହି
ହେଉଥାଏ ତର ତର,
ଆଘାତ ଲାଗିଲେ ଛାତି ତଳେ କେବେ
ଫୁଲି ଯାଏ ସିଏ କାହିଁ....
ଛାତି ସହ ଆଖି ସମ୍ପର୍କଟା କ'ଣ
ଜମା ବୁଝି ହୁଏ ନାହିଁ ॥
କେବେ ଇଚ୍ଛା କରେ ରହି ନିରୋଳାରେ
ଚାହିଁବାକୁ ନୀଳାକାଶେ
ପୁଣି କେବେ କେବେ ଚାନ୍ଦିନୀ ରାତିରେ
ଚାନ୍ଦ ସହ ମିଶି ହସେ,
ହସିବା କାନ୍ଦିବା ରହସ୍ୟ ଘେରରେ
ଯାଏ ଆସେ ତା'ର ନାହିଁ.....
ଛାତି ସହ ଆଖି ସମ୍ପର୍କଟା କ'ଣ
ଜମା ବୁଝି ହୁଏ ନାହିଁ ॥

❤ଚକାପଦା
ମୋ: ୯୧୭୮୪୭୫୪୩୭

## ଏକ ଭିନ୍ନ ତାତ୍ପର୍ଯ୍ୟର କୁଆଁର ପୁନେଇଁ
### ଶ୍ରୀମତୀ ସୁଲକ୍ଷଣୀ ସାହୁ



ଚାନ୍ଦକୁ ଅର୍ଘ୍ୟ, ଶୁଭ୍ର ଖଇରେ ଚାନ୍ଦ ବନ୍ଦାଣ !
କୁଆଁରୀର ଚାନ୍ଦଠେଁ ପ୍ରତିଦ୍ୱନ୍ଦିତାର ସାନ୍ଦ୍ର ଏକ ସମର୍ପଣ
ଚାନ୍ଦଟିଏ ହୋଇ ଗଢ଼ି ଉଠିବା ହେତୁ ଚାନ୍ଦ ଠୁଁ ଆଶିଷ ଗ୍ରହଣ ।
ଅସ୍ତଗତ ବରଣେ,ବହଳ ବହଳ ଅନ୍ଧାରକୁ ଚିରି
ଛଳ ଛଳ ନିଗିଡା ଜୋଛନାର ଉଜ୍ଜଳତାକୁ ନତମସ୍ତକ ଭାବ
ହେଇପାରେ କୁଆଁର ପୁନେଇଁର ନିଆରା ଏକ ତାତ୍ପର୍ଯ୍ୟ ।

ତା' ପାରିବାପଣକୁ ଅଚିହ୍ନା ଚାନ୍ଦର ବଧୂ ଆଳରେ ଭୁଲେଇ
ଟିକି ମନେ ଚାନ୍ଦ ତାରା ଛୁଇଁବା ଉଦ୍ୟମ ନସଜେଇ
ପରିସ୍ଥିତିର ମୁକାବିଲାରେ ନୂଆ ସପନ ବୁଣିବା ନଶିଖେଇ
ଆଖିରେ ତା' ଧୂଳିଦିଆ ମତବାଦର ପୁନେଇଁଚାନ୍ଦ ବନ୍ଦାଣ
ଧାପେ ଆଲୁଅକୁ ଫୁଙ୍କି ଆଲୋକବର୍ତ୍ତିକା ଲିଭେଇବାର ସଙ୍କୁଚିତ ପ୍ରୟାସ ॥

ଚାନ୍ଦ ସମ ସୁନ୍ଦର ବର ନୁହେଁ କି ଅବାନ୍ତର କଳନା
କଅଁଳିଆ ମନେ ସତରେ କଣ ଜରୁରୀ ଏଇ ଭ୍ରମ ଧାରଣା !
ଜ୍ଞାନର ଆଲୋକେ ଚାନ୍ଦଟିଏ ହେଇ
କ'ଣ ଆଡେଇ ପାରିବନି ସେ ସମାଜର ଘନ ଅନ୍ଧାରକୁ !
ନିଜ କାନ୍ଧରେ କଣ ବୋହି ପାରିବନି ସଂସାରର ଜଞ୍ଜାଳକୁ !

❤ସହକାରୀ ଶିକ୍ଷୟିତ୍ରୀ, ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ,
ଖରିଆର ରୋଡ

## ଅଲିଭା ଦାଗ
### ପ୍ରତିଭା ଦାଶ



ତୁମେ ଯେବେ ଥିଲ ମୋ ଜୀବନେ
ଆଙ୍କି ଦେଲ ହୃଦୟେ ମୋର
ତୁମ ସେ ଅଭୁଲା ସୁନ୍ଦର ଏକ ପ୍ରତିଛବି
ଯେଉଁଠି ନା ରହିଛି କଳା ଦାଗ
ନା ବିଷାଦର ଛାୟା ।
ତୁମେ ସେ ଅଲିଭା ଦାଗ ।
ବାଢ଼ିଥିଲ ତୁମେ ପ୍ରେମର ପସରା
ମୁଁ ଗଲି ସେଠିକି ହୃଦୟ ମେଲାଇ
ଭାବିଥିଲି ମୁଁ ମଧ୍ୟ ତୁମ ଅନ୍ତରେ
ରହିବି ଅତୁଟ ପ୍ରେମ ବନ୍ଧନେ
ନା ରହିବେ କେହି ବାଧକ
ନା ରହିବ ସଂସାରର ପ୍ରତିବନ୍ଧକ
ତୁମେ ସେ ଅଲିଭା ଦାଗ ।
ପ୍ରତି ମୁହୂର୍ତ୍ତରେ ରହିଥିଲ ମୋ ମନ ମନ୍ଦିରେ
ପୂଜକ ସାଜି କରୁଥିଲି ନିତି
ଅନାଶନ ଅନାବିଳରେ ପୂଜା ଆରାଧନା
କଳନା କରିଥିଲି ହେବି ତୁମ
ଜୀବନର ଅପସରୀ ବନ୍ୟା
ତୁମେ ସେ ଅଲିଭା ଦାଗ ।
ଏକ ପିଛୁଳାକେ ସବୁ ହେଲା ଧୂଳିସାତ୍
ସପନଟି କଳ୍ପନାରେ ରହିଗଲା
ନା ତୁମକୁ ମୁଁ କରି ପାରିଲି ନିଜର
ନା ଅନ୍ତରରୁ ପାରିଲି ଭୁଲି
ଝୁରୁଛି ସେ ଅନ୍ତରଙ୍ଗ ମୁହୂର୍ତ୍ତକୁ
ତୁମେ ସେ ଅଲିଭା ଦାଗ ।

❤ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଡୁମେରପାଣି
ଜିଲ୍ଲା - ନୂଆପଡ଼ା
ମୋ:-୬୮୯୪୫୨୮୪୯୩



## ଭଲ ପାଏ ବୋଲି
### ମନୋଜ କୁମାର ମେହେର

ଭଲ ପାଏ ବୋଲି ଭୂଲି ତ ପାରୁନି
ଅତୀତ ଦିନର ସ୍ମୃତି,
ତୁମ କଥା ଭାବି ସୁଖେ ଅବା ଦୁଃଖେ
କଟିଯାଏ ଦିନରାତି ॥

କଥା ଦେଇଥିଲ ସାଥୀ ହେବାପାଇଁ
ନିମିଷେ ଗଲ ତ ଭୁଲି,
ଧୋକା ଦେଇମୋତେ ପର କରିଦେଇ
କାହିଁ ପ୍ରିୟା ଗଲ ଚାଲି ॥

ଛୁଆବେଳ ଧୂଳି ଘର ଖେଳ କଥା
ସତେ କି ଗଲ ପାସୋରି,
ସେଇ କଥା ଆଜି ମନେ ଭାବିଭାବି
ଦୁଃଖରେ ହେଉଛି ଘାରି ॥

କରିବାର ଥିଲା ଯଦି ହିଁ ଛଳନା
କାହିଁ ପାଉଥିଲ ଭଲ,
କ୍ଷଣିକ ପାଇଁକି ଜୀବନରେ ଆସି
କରିଦେଲ କଲବଲ ॥

ମିଛ ମରୀଚିକା ପଛରେ ଧାଇଁ ମୁଁ
ପାଉଛି ଯନ୍ତ୍ରଣା କେତେ,
ଜୀବନଠୁ ବେଶୀ ଭଲ ପାଉଥିଲି
ଭୂଲି ପାରୁନାହିଁ ସତେ ॥

ଯେଉଁଠି ଥିଲେ ବି ସୁଖରେ ରହତୁ
ଏତିକି ମୋହର ଅଳି,
ଜୀବନେ ତୋହର ହେବି ନାହିଁ ବାଧା
ତୋତେ ଭଲପାଏ ବୋଲି ॥

❤ବଣ୍ଡାକୁଟୁରା, ଜୁନାଗଡ଼
କଳାହାଣ୍ଡି
ମୋ-୯୩୩୭୭୯୩୧୫୭

## ମହତ ଭାବନା
### ଅର୍ଜ୍ଜୁନ ଘଡ଼େଇ



ନଡ଼ିଆ ଗଛର ଉପର ବରଡ଼ା
ତଳ ବରଡ଼ାକୁ କହିଲା,
ସତେ କେତେ ଭାଗ୍ୟବାନ ଅଟେ ମୁହିଁ
ତୁମ ରୂପ, ଭେକ ସରିଲା ।
ଶୁଖିଲା ଦେହରେ ଥରୁଛ ଯେମିତି
ନିରାଶ୍ରୟ ମନେ ହୁଅ
ଗଛେ ପିଟି ହୋଇ ସାମାନ୍ୟ ପବନେ
କାହିଁ ଏତେ କଷ୍ଟ ପାଅ ?
ଉପର ବରଡ଼ା କଥା ନସରୁଣୁ
ମଝି ବରଡ଼ା ଟି କହିଲା,
ତୁମେ ସବୁ ସୁଖ ଭୋଗ କର ଭାଇ
ମୋର ଦିନ କାଳ ସରିଲା ।
ତୁମ ପରି ଦିନେ କଅଁଳ ଖରା ଓ
ଉତ୍ତାପ ଝାଞ୍ଜି ମୁଁ ଖାଇଛି,
ଶୀତ, କାକର ଓ ବରଷାଧାରାକୁ
ଏ ଦେହରେ କେତେ ସହିଛି ।
ଏବେ ମନେ ମନେ ଭାବୁଛି ମୁଁ ଭାଇ
ମୋ ଦିନ କାଳ ଆସୁଛି,
ଏମିତି ମୁଁ ଦିନେ ଶୁଖିଲା ବଦନେ
ତଳକୁ ରହିବି ଝୁଲିକି ।
ମଝି ବରଡ଼ାର କଥା ଶୁଣି ସାରି
ତଳ ବରଡାଟି କହିଲା,
ଚିନ୍ତା କର ନାହିଁ, ଦୁଃଖ କର ନାହିଁ
ଜୀବ କାଳ ଯଦି ସରିଲା ।
ସମୟ ଚକ୍ରରେ ଏସବୁ ଘଟିବ
ସଭିଏଁ ହୋଇବା ବୂଢା,
ଦେହରୁ ଶୁଖିବ ରକତ, ମାଉଁସ
ଦେବା ନିଷ୍ଟେ ପତ୍ରଝଡ଼ା ।
କିଏ କେତେବେଳେ ଗଛରୁ ଖସିବା
କୋଉଠି ପଡ଼ିବା ଯାଇ,
ଚୁଲି ଜାଳ ହୋଇ, ପାଉଁଶ ହୋଇବା
ଶରୀର ଦିଶିବ ନାହିଁ ।
ମୋ'ପରି ଦିନେ ତୁମରି ଅବସ୍ଥା
ନିଷ୍ଚୟ ଘଟିବ ଜାଣ,
ସବୁ ପରା ସେଇ ବିଧାତାଙ୍କ ଲୀଳା
କିଛି ନୁହେଁ ଅଘଟଣ ।
ଯେଉଁ ବୃକ୍ଷେ ଆମ ଜୀବନ ଜଡିତ
ସେ ବୃକ୍ଷ ଅଟେ ମହାନ,
ତା'ଫଳ ହୁଅଇ ଶ୍ରୀଫଳ ଭାବରେ
ଦେବତା ପାଖେ ପୂଜନ ।
ମୂଳୁ ଶିରଯାଏ ସବୁରି କାମରେ
ହୁଅଇ ଯେ ଦରକାର,
ପର ହିତ ପାଇଁ ଜୀବନ ଯେ ଦିଏ
ଧନ୍ୟ ଏ ଜୀବନ ତାର ।
ଛୁଆ ଦିନୁ ମୁହିଁ ବୁଢ଼ା ହେବାଯାଏ
ସହି ସବୁ ଦୁଃଖ, ସୁଖ,
ଆଜି ମୋର ଏଇ ଅବସ୍ଥା ପାଇଁକି
ନୁହଁଇ ମୁହିଁ ବିମୁଖ ।
ବିଧାତାର ବଳେ କେ ତଳେ, ଉପରେ
ହୋଇଛେ ଆମେ ସଂସ୍ଥାନ,
କାହା କାଳ କେତେବେଳେ ପୂରିଯିବ
ବିଧାତା କରେ ଘଟଣ ।
ଗୋଟିଏ ଗଛରେ ଆଗପଛ ହୋଇ
ଜନମ ହୋଇଛେ ଭାଇ,
ଆଗ ପଛ, ଉଚ୍ଚ, ନୀଚ ଭାବନାକୁ
ମନରୁ ଦେବା ଦୂରେଇ ।
ଯେତେଦିନ ଏଇ ବୃକ୍ଷ ସହ ଥିବା
ଦୁଃଖ, ସୁଖ ବାଣ୍ଟୁଥିବା,
ସାନବଡ଼, ଆଗପଛ ଚିନ୍ତାକରି
କାହିଁକି ଦୁଃଖ କରିବା ?
ସାନମାନେ ଯଦି ବଡ ମନ ଦେଖି
ହସ ଖୁସି ବାଣ୍ଟିଦେବେ
ଶୁଖିଲା ଶରୀର, ରୂପ ଥିଲେ ଥାଉ
ଶାନ୍ତିରେ ମରଣ ହେବ ।

❤ଅବସରପ୍ରାପ୍ତ ଉଚ୍ଚବିଦ୍ୟାଳୟ
ପ୍ରଧାନଶିକ୍ଷକ
ଦାଣ୍ଡମୁକୁନ୍ଦପୁର, ପିପିଲି, ପୁରୀ
ମୋ--୯୪୩୮୦୪୮୬୧୫

## ମଉଳା ଫୁଲର ଭାଷା
### ପ୍ରଶାନ୍ତ କୁମାର ଦାଶ



ଭଙ୍ଗା ମନେ ମୋର
କେତେଯେ ବେଦନା
ମଉଳାଇ ସବୁ ଆଶା
ଧୋକାଦେଇ ତୁମେ
ଗଲାପରେ ପ୍ରିୟା
ନାହିଁ ମୋ ମୁଖରେ ଭାଷା ।।
ପ୍ରେମର ଗାଲିଚା
ବିଛାଇ ଥିଲତ
ପ୍ରୀତି ଅନୁରାଗ ନେଇ
ଏବେ କିନ୍ତୁ ଗଲ
ବହୁତ୍ ଦୂରକୁ
ମୋଠୁ ସାତପର ହେଇ ।।
ସାତସୁରେ ଏବେ
ଶୁଣୁଛି ସଜନୀ
ପ୍ରତୀକ୍ଷାର ପ୍ରେମଗୀତି
ଜିତ୍ୱା ମୋହରେ
ଜିଇଁଚି ଜୀବନ
ଭରସାକୁ କରି ଇତି ।।
ଫୁଲର ସହରେ
ନଅର ତୋଳିଛି
କଣ୍ଟାକୁ ଦୂରେଇ ଦେଇ
ନିଦାଘ ତାତିର
ତାଡନାରେ ସ୍ୱପ୍ନ
ମୋ ଆଖି ଉହାଡେ ନାହିଁ ।।
ହସ ଖୁସି ଶାନ୍ତି
ସୁଖରୁ ସଜନୀ
ଟିକିଏ ଉଧାର ଦିଅ
ହାରି ଯାଇଥିବା
ଆହତ ପ୍ରାଣକୁ
ଆପଣାର କରିନିଅ ।।
ଚାହେଁ ପ୍ରିୟା ତୁମ
ପ୍ରୀତି ଅନୁରାଗ
ଆଦର ସତେଜ ସ୍ନେହ
ଆସ ଟିକେ ହସି
ପାଖେ ବସି ମତେ
ମିଳନ କାହାଣୀ କୁହ ।।

❤କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦

## ସଖୀ ତୁମେ !
### ବୃନ୍ଦାବନ ପ୍ରଧାନ



ବୁଝି ପାରିବନି କେବେ ତୁମେ
ମନର ମରମ ବେଦନା
ଜାଣିପାରିବନି କେବେ ତୁମେ
ସେ ଦିନର ଦୁଃଖର ଜାତନା ।
ତମେ ତ ଏ ଆଇ ଜମାନାର ଝିଅ
ତମ ହସରେ କାହିଁ ସେ ରସ
ବୁନ୍ଦା ବୁନ୍ଦା ଜଳ ପରି
ଆର୍ଟିଫିସିଆଲ୍ ହସ ।
ମୋ ଜୀବନ ଜଳୁଛି ଦଗ୍ଧ ପ୍ରାୟ
ତୀବ୍ର ଛଳନାର ଆଇନାରେ
ପାରୁନି ସଖି ମୁଁ ଜାଣି
କିଏ ନିଜ କିଏ ଆପଣା ଏଠିରେ ।
କଲମର ସ୍ୟାହି ପରି ଏଠି
ଜୀବନ ମୋହର
କେତେବେଳେ କେଉଁ ଠାରେ
ଅଟକିଯିବ ସେହି ଗାର ।
ତଥାପି ତ ସଖି ତୁମରି ମରମେ
ନାହିଁ ଟିକିଏ ମୋ ପାଇଁ ସ୍ଥାନ
ଅସଂଜତ ଜୀବନ ତୁମ
ସତେ ଧନ୍ୟ ତୁମ ଯଉବନ ।

❤ବାଉଲସିଂହା ଭଟଲି ବରଗଡ଼

## ଦଶଟି ଏକପଦୀ
### ଡ.ଭରତ ଚନ୍ଦ୍ର ଦାଶ



ନିରଳସ ତୁମ ଚାହାଣିର ଭ୍ରମ
ଅଧରେ ନିରବ ଭାଷା
କଥାକୁହା ଆଖି ମୋ ହୃଦୟେ ଲାଖି
ରଚେ ମିଳନର ଆଶା ।

॥ ଦୁଇ ॥
ମୋ ପ୍ରେମର ସ୍ମୃତି ପ୍ରଣୟର ଗୀତି
ହୃଦୟେ ଶାଶ୍ୱତ ସ୍ରୋତ
ମଧୁର ଏ ରସ ରଚେ ମଧୁମାସ
ମିଳନର ଦିବ୍ୟ ବ୍ରତ ।

॥ ତିନି ॥
ମୋ ପ୍ରେୟସୀ ବକ୍ଷ ମନ ମୀନେ ଲକ୍ଷ୍ୟ
ସୁଧାରସ ପାନେ ଆଶା
ଚୁମ୍ବନେ ଚୁମ୍ବନ ପ୍ରୀତି ଆଲମ୍ବନ
ମିଳନେ ପ୍ରମତ୍ତ ନିଶା ।

॥ ଚାରି ॥
ମୋ ହୃଦୟ ସଖି ପ୍ରେମେ ଛଳ ଛଳ
ଛଳନାର ସ୍ଥାନ କାହିଁ
ପ୍ରୀତି ସରସୀର ଧାରେ ମୁଁ ବସିଛି
ପ୍ରେମର ପଥିକ ହୋଇ ।

॥ ପାଞ୍ଚ ॥
ଭଲପାଏ ସଖି ମୋ ହୃଦୟ ଦେଇ
ପରଖି ପାରିଛ ତୁମେ
ଦେହ ମନ ପ୍ରାଣ ଅର୍ପିତ ମୋତେ
ଭ୍ରମୁଛି ଅନଙ୍ଗ ଭ୍ରମେ ।

॥ ଛଅ ॥
ମୋ ଜୀବନେ ସଖି ତୁମେ ତ ରଚିଛ
ପ୍ରୀତିର ନନ୍ଦନବନ
ରତି ପତି ସମ ତୁମେ ତ ରସିଛ
ପ୍ରଣୟୀ ପ୍ରଣୟେ ପ୍ରାଣ ।

॥ ସାତ ॥
ତୁମେ ମୋର ପ୍ରିୟ ତୁମେ ମୋ ହୃଦୟ
ତୁମେ ମୋ ପ୍ରଣୟ ସଖି
ତୁମ ହାତ ଯଦି ଅନ୍ୟ ହାତ ଧରେ
କେମିତି ସହିବ ଦେଖି ।

॥ ଆଠ ॥
ପ୍ରତି ପ୍ରଭାତରେ ମୋ ନାମରେ ତୁମେ
ରକ୍ତିମ ସିନ୍ଦୂର ପିନ୍ଧ
ବାସର ରାତିରେ ପର ଶଯ୍ୟାପରେ
ଦେଖିଲେ ହୋଇବି ଅନ୍ଧ ।

॥ ନଅ ॥
ଜୀବନର ଏହି ବେଳାଭୂମି ପରେ
ପାଦଚିହ୍ନ ତୁମ ଖୋଜେ
ସହସ୍ର ମଧ୍ୟରୁ ତୁମ ପାଦ ଚିହ୍ନ
ହୃଦୟରେ ମୋର ହଜେ ।

॥ ଦଶ ॥
ତୁମେ ମୋର ପ୍ରାଣ ତୁମେ ମୋ ନିର୍ବାଣ
ହୃଦୟ ସ୍ପନ୍ଦନ ଗତି
କବିତାରେ ତୁମ ରୂପର ଲାବଣ୍ୟ
ପ୍ରଣୟର ଜୟ ଗୀତି ।

❤ପ୍ରାକ୍ତନ ସଦସ୍ୟ,
ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା, ବାଲେଶ୍ୱର -୭୫୬ ୧୨୬
ମୋ: ୮୯୮୪୪୩୯୧୬୬

## ଇନ୍ଦ୍ରଜାଲ
### ସ୍ୱାବିତ କୁମାର ପାତ୍ର



ଅନ୍ତରଙ୍ଗତାରେ ଅଳ୍ପତା
ଅଳ୍ପତା ମଧ୍ୟରେ ଦଳା ଚକଟା
ଛନ୍ଦି ହୋଇଥିବା ସମ୍ପର୍କ
ଖୋଜେ ଉନ୍ମୁକ୍ତ ଗଗନ ।

ଭଲ ଓ ଭୁଲ୍ର ବିଚାରଣାରେ
ବଳି ପଡ଼େ କେତେ ମୁହୂର୍ତ୍ତ
ଭଲ ଲାଗେ ଅହମିକାର ସ୍ୱର୍ଶ
ତା' ପରସିଥିବା ପ୍ରେମପଞ୍ଚାମୃତ ।
ବିଶ୍ୱାସର ଅପ୍ରଶସ୍ତତା ମଧ୍ୟେ
ଖିନ୍ଭିନ୍, ଜାକିଜୁକି ହୁଏ
ଦୁଇ ଜୀବନ ଏବଂ ସଂପର୍କୀୟ ।

ବିଭାଜନ ଓ ବିକ୍ଷୋଭତା ଭିତରେ
ରକ୍ତାକ୍ତ ହୁଏ ହୃଦୟ
ଅବଶିଷ୍ଟ ଶୂନ୍ୟତା
ଶୂନ୍ୟତା ଭିତରେ ଅମାନୁଷିକତା ।

❤ମେରଘରା, କଳାହାଣ୍ଡି
ମୋ: ୮୪୫୬୮୦୩୫୯୦

# ଅକ୍ଷୟ ମହାନ୍ତିଙ୍କ ୮୯ତମ ଜୟନ୍ତୀରେ ଅନନ୍ୟ ଅକ୍ଷୟ ମହୋତ୍ସବ ୨୦୨୫ ପାଳିତ

କେନ୍ଦ୍ରାପଡ଼ା, ୧୩/୧୦ (ନି.ପ୍ର): ଜିଲ୍ଲାର ଅନ୍ୟତମ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ବାରୁଅ ସ୍ଥିତ ଭାବଗ୍ରାହୀ କଳା ନିକେତନ ଆନୁକୁଲ୍ୟରେ ଏବଂ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ଚିର ସବୁଜ ଅକ୍ଷୟ ମହାନ୍ତି କକ୍ଷରେ ଓଡ଼ିଆ ସଙ୍ଗୀତ ଜଗତର ତ୍ରୋଜ୍ ବାଦ୍-ଶାହା ତଥା ପ୍ରବାଦ ପୁରୁଷ ଚିର ସବୁଜ ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତିଙ୍କ ପୁଣ୍ୟ ୮୯ ତମ ଜୟନ୍ତୀ ଉପଲକ୍ଷେ ଅନନ୍ୟ ଅକ୍ଷୟ ମହୋତ୍ସବ ୨୦୨୫ ଅକ୍ଷୟଙ୍କ ପଞ୍ଚଶିଷ୍ୟ ତଥା ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡାଙ୍କ ଅଧକ୍ଷତାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥ ମୁଖ୍ୟ ଅତିଥି, ଫୋରଡବାୟା ଆଶ୍ରମର ମହନ୍ତ ହୃଷୀକେଶ ଦାଶ ମହାରାଜ ବିଶିଷ୍ଟ ଅତିଥି, ପଣ୍ଡିତ ପଦ୍ମନାଭ ଦାଶ ମୁଖ୍ୟବକ୍ତା ଏବଂ ପ୍ରକୃତି ପ୍ରେମୀ ନୃସିଂହ ଚରଣ ତ୍ରିପାଠୀ, କବି ଅମର ପ୍ରସାଦ ରାଉତ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଅକ୍ଷୟଙ୍କ କାଳଜୟୀ ସଙ୍ଗୀତ ଏବଂ ଅନାଲୋଚିତ ସାହିତ୍ୟ କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ଗୀତିକାର ବିମଳ ପ୍ରସାଦ ପରିଡା ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ ପୂର୍ବକ ଅକ୍ଷୟଙ୍କୁ ଆଧୁନିକ ଓଡ଼ିଆ ସଙ୍ଗୀତର ଯୁଗ ସ୍ରଷ୍ଟା ଏବଂ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଜଣେ ପ୍ରଥିତଯଶା ଗାଳ୍ପିକ, ଗୀତିକାର ଏବଂ ଔପନ୍ୟାସିକ ଭାବରେ ଅଭିହିତ କରି ତାଙ୍କୁ ପୁଣ୍ୟ ଜୟନ୍ତୀରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଥମେ କଳା ନିକେତନ ପରିସରରେ ଥିବା ଅକ୍ଷୟ ମହାନ୍ତି, ଭିକାରୀ ବଳ, ଲୋକ କବି ଭାବଗ୍ରାହୀ ପରିଡା ଏବଂ କବି ପତ୍ନୀ ସରୋଜିନୀ ପରିଡାଙ୍କ ପ୍ରତିମୂର୍ତ୍ତୀରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଜୟନ୍ତୀ ଉପଲକ୍ଷେ ଅନୁଷ୍ଠାନରେ ସକାଳୁ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇଥିଲା। ନିରୁପମା ଜେନା ସ୍ୱାଗତ ସଙ୍ଗୀତ ଏବଂ ଅକ୍ଷୟ ସଙ୍ଗୀତ ଗାଇ ସମସ୍ତଙ୍କୁ ମତୁଆଲା କରିଥିଲେ। ରଞ୍ଜନ ବରାଳ, ସଂତୋଷ ନାୟକ, ସଂତୋଷ ଦାସ, ଅଙ୍କିତା ପରିଡା ପ୍ରମୁଖ କଳାକାରମାନେ ଅକ୍ଷୟଙ୍କ ଯାଦୁକରୀ ସଙ୍ଗୀତ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା, ଗୌରାଙ୍ଗ ଦାସ,ବିକ୍ରମ କେଶରୀ ସାମଲ, କବି ଅଶୋକ ସାହୁ, ସୁରେନ୍ଦ୍ର ରାଉତ, ନାଟ୍ୟକାର ଭୀମସେନ ପ୍ରଧାନ, ଚୈତନ୍ୟ ରାଉତ, ମାଧବ ମଲିକ, ସ୍ୱର୍ଣ୍ଣକାନ୍ତ ପରିଡା, ଅଚ୍ୟୁତାନନ୍ଦ ପରିଡା, ଦେବରାଜ ରାଉତ, ଉମାକାନ୍ତ ପରିଡା, ଉତମ ସ୍ୱାଇଁ, ଚୈତନ୍ୟ ରାଉତ, କବି ବିଷ୍ଣୁପ୍ରିୟା ସାମଲ, ଉମାକାନ୍ତ ପରିଡା, ସୁରେନ୍ଦ୍ର ରାଉତ, ଗ୍ରାମ୍ୟ ଉନ୍ନୟନ ସାଂସ୍କୃତିକ ଯୁବ ସଙ୍ଗଠନର ସମ୍ପାଦକ ଚିତରଞ୍ଜନ ପ୍ରଧାନ, ମୃତ୍ୟୁଞ୍ଜୟ ବେହେରା, ଶିବାଶିଷ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସଭା ପରେ ଅନୁଷ୍ଠାନର ଶିଳ୍ପୀମାନେ ଅକ୍ଷୟ ମହାନ୍ତିଙ୍କ କାଳଜୟୀ ସଙ୍ଗୀତ ଗାଇ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଶେଷରେ ପ୍ରଚକ ବିକ୍ରମ କେଶରୀ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା କ୍ୟାନସର ହେଲ୍ପଲାଇନ ଉଇଙ୍ଗସ କୁଶଳେଶ୍ୱର ମନ୍ଦିରରେ ବୈଠକ

ଘଟଗାଁ, ୧୩/୧୦ (ନି.ପ୍ର): ଘଷିପୁରା ବ୍ଲକର ଦେଓଗାଁ ଠାରେ ଓଡ଼ିଶା କ୍ୟାନସର ହେଲ୍ପଲାଇନ ଉଇଙ୍ଗସ ପକ୍ଷରୁ ସ୍ଥାନୀୟ କୁଶଳେଶ୍ୱର ମହାଦେବଙ୍କ ମନ୍ଦିର ପରିସର ମଧ୍ୟରେ ଉଇଙ୍ଗସର ସଭାପତି ଶଙ୍କର୍ଷଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବିଶେଷ କରି ବିଭିନ୍ନ ଅଂଚଳରେଥିବା କ୍ୟାନସର ପୀଡ଼ିତ ରୋଗୀମାନଙ୍କୁ ଚିହ୍ନଟ କରିବା ସହିତ କ୍ୟାନସର ରୋଗ ର ନିରାକରଣ ବିଷୟରେ ଉକ୍ତ ବୈଠକରେ ଆଲୋଚନା କରାଯାଇ ଥିଲା। ଏହାସହିତ କ୍ୟାନସର ରୋଗ ବିଷୟରେ ଅଧିକ ସଚେତନତା ସୃଷ୍ଟି କରିବା ନିମନ୍ତେ ବିଭିନ୍ନ ମହାବିଦ୍ୟାଳୟରେ ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା କ୍ୟାନସର ସଚେତନତା କାର୍ଯ୍ୟକ୍ରମ କରିବା ନିମନ୍ତେ ପ୍ରୟାସ କରାଯିବ ବୋଲି ଏହି ବୈଠକରେ ସ୍ଥିର କରାଯାଇଅଛି। ଏହାସହିତ ଏହି କାର୍ଯ୍ୟକ୍ରମ କୁ ଅଧିକ କ୍ରିୟାଶୀଳ କରିବା ନିମନ୍ତେ ମଧ୍ୟ ଏହି ବୈଠକରେ ନିଷ୍ପତି ଗ୍ରହଣ କରଯାଇଅଛି। ଏହି ବୈଠକରେ ସଭାପତି ଶଙ୍କର୍ଷଣ ଜେନାଙ୍କ ସହିତ ସମ୍ପାଦିକା ରଶ୍ମୀ ରେଖା ପାତ୍ରଙ୍କ ସମେତ ଅମର କୁମାର ପାତ୍ର ପ୍ରଦୀପ କୁମାର ପଣ୍ଡା, କମଳଲୋଚନ ବିଶ୍ୱାଳ,ଶ୍ରୀରାମ ଚନ୍ଦ୍ର ସାହୁ, ମୌସୁମୀ ମହାନ୍ତି, ଅରବିନ୍ଦ ସାହୁ ଚିତ୍ରସେନ ମହାନ୍ତି, ସତ୍ୟଜିତ ସାହୁ ନୃସିଂହ ଜେନା ବନମାଳୀ ସାହୁ ସୁମିତ୍ରା ତ୍ରିପାଠୀ ମମତା ପାଢ଼ୀ, ମାଳତୀ ପଣ୍ଡା, ଜଗବନ୍ଧୁ ପଣ୍ଡା, ମନୋରଞ୍ଜନ ପତି, ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ୫ମ ଶ୍ରାଦ୍ଧବାର୍ଷିକ

କେନ୍ଦ୍ରାପଡ଼ା, ୧୩/୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ବାହାରଗଡ଼ ଗ୍ରାମର ବିଶିଷ୍ଟ ଶିକ୍ଷାବିତ, ଅବସରପ୍ରାପ୍ତ ଶିକ୍ଷକ, ସମାଜସେବୀ ସ୍ୱର୍ଗତ ବସନ୍ତ କୁମାର ପାଣିଙ୍କ ପଂଚମ ଶ୍ରାଦ୍ଧ ବାର୍ଷିକ ଦିବସ ଆଜି ଅନୁଷ୍ଠିତ ହୋଇଯାଇଛି, ଏହି ଅବସରରେ ତାଙ୍କ ବାସଭବନ ଠାରେ ସ୍ୱର୍ଗତ ବସନ୍ତ କୁମାର ପାଣି ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା, ପ୍ରଫେସର ସତ୍ୟବାଦୀ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଓଡିଶାର ସୁନାମ ଧନ୍ୟ ପ୍ରବଚକ ଶ୍ରୀ ସନ୍ୟାସୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତ ପାଣିଙ୍କ ଜୀବନି ସମ୍ପର୍କ ରେ ଆଲୋକପାତ କରିଥିଲେ, ସ୍ୱର୍ଗତପାଣି ଏକାଧାର ରେ ଜଣେ ଆଦର୍ଶ ଶିକ୍ଷକ, ସମାଜସେବୀ, ସାହିତ୍ୟିକ, ଶିକ୍ଷାବିତ ଥିଲେ, ଛାତ୍ରଛାତ୍ରୀ ମାନଙ୍କୁ ଭଲ ମଣିଷ ଭାବେ ଗଢି ତୋଳିବା, ଗରିବ ଅସହାୟ, ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାଦାନ କରିବା ତାଙ୍କର ମୂଳମନ୍ତ୍ର ଥିଲା ବୋଲି ଏହି ଶ୍ରଦ୍ଧାଞ୍ଜଳି ସଭାରେ ସ୍ମୃତିଚାରଣ କରାଯାଇଥିଲା, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରାବନ୍ଧିକ ଶରତ ଚନ୍ଦ୍ର ମହାପାତ୍ର ସମ୍ମାନୀତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାଣିଙ୍କ ସମ୍ପର୍କ ରେ ସ୍ମୃତି ଚାରଣ କରିଥିଲେ, ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପରିଚିତ ଥିବା ବ୍ୟକ୍ତି ବିଶେଷଙ୍କୁ ବସନ୍ତ ପାଣି ଟ୍ରଷ୍ଟ ପକ୍ଷରୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମୋମେଂଟମ ଆଦି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା, ସମ୍ବର୍ଦ୍ଧିତ ବ୍ୟକ୍ତି ମାନେ ହେଲେ ବିଶିଷ୍ଟ ଶିକ୍ଷାବିତ ସୁକାନ୍ତ ତ୍ରିପାଠୀ, ଆଇନଜୀବୀ ସୁରେଶ କୁମାର ନରେନ୍ଦ୍ର, ସାମ୍ବାଦିକ ଦୋଳଗୋବିନ୍ଦ ଜେନା, ମହାକାଳପଡ଼ା ର 'ସମାଜ'ପ୍ରତିନିଧି ଅଶୋକ କୁମାର ସ୍ୱାଇଁ,ଚିତ୍ରଶିଳ୍ପୀ କ୍ଷୀରୋଦ ରାଉତ,ଶିକ୍ଷକ ମହେଶ୍ୱର ରାଉତ, ପରିବେଶବିତ ଓମ ପ୍ରକାଶ ବାରିକ ପ୍ରମୁଖ,ଶିକ୍ଷକ ମାନସ ମିଶ୍ର ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିବା ବେଳେ ସ୍ୱର୍ଗତ ପାଣିଙ୍କ ଦୁଇପୁତ୍ର ଫରେଷ୍ଟର ସତ୍ୟଜିତ ପାଣି ଓ ବିଶ୍ୱଜିତ ପାଣି ପରିଚାଳନା କରିଥିଲେ, ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବହୁ ବୁଦ୍ଧିଜୀବି, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

## ମାନସିକ ନ୍ୟୁନତା ଛାତ୍ରଛାତ୍ରୀଙ୍କୁ ଅଣ୍ଡା ବଂଟନ

କେନ୍ଦ୍ରାପଡ଼ା, ୧୩/୧୦ (ନି.ପ୍ର): ବିଶ୍ୱ ଅଣ୍ଡା ଦିବସ ଉପଲକ୍ଷେ ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଭିନ୍ନକ୍ଷମ ଓ ମାନସିକ ରୋଗାଗସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଅଣ୍ଡା ବଂଟନ କରାଯାଇଛି। କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ କଜଳା ସ୍ଥିତ ନିମାଇଁ ଚରଣ ମାନସିକ ନ୍ୟୁନତା ସଂସ୍ଥାନରେ ମାନସିକ ରୋଗାଗସ୍ତ ଛାତ୍ରଛାତ୍ରୀମାନଙ୍କୁ ଅଣ୍ଡା ବଂଟନ କରାଯାଇ ଏହାର ଉପକାରିତା ସଂପର୍କରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ଏଥିସହିତ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରା ଯାଇଥିଲା। ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ମୁଖ୍ୟ ଡାକ୍ତର ମନୋଜ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ।

# ଶାରଦୀୟ ଉତ୍ସବରେ ବେଲୁନ ବିକାଳୀ ହତ୍ୟା ମାମଲା

## ଉପଖଣ୍ଡ ପୋଲିସ ତଦନ୍ତ ହେଲାକି ବାଟବଣା, ଅନ୍ୟ ତିନି ସଂପୃକ୍ତ ଗଲେ କୁଆଡ଼େ

ସମ୍ବଲପୁର, ୧୩/୧୦ (ନି.ପ୍ର): ଶାରଦୀୟ ପୂଜା ମାହୋଲରେ କିଛି ବେଲୁନ ବିକ୍ରି କରି ଦୁଇ ପଇସା ରୋଜଗାର ଆଶାରେ ସ୍ଥାନ ଅଭାବରୁ ରାମଲାଲ ଅଗ୍ରୱାଲଙ୍କ ଦୋକାନ ସାମ୍ନାରେ ଗୁଡୁ ରଜତ ନାମକ ବ୍ୟକ୍ତି ବେଲୁନ ବିକ୍ରି କରୁଥିଲା। ମାତ୍ର ରାମଲାଲଙ୍କ ବେପାରରେ ବାଧା ହେବା ଦର୍ଶାଇ ସେଠାରୁ ବାହାରି ଯିବା ପାଇଁ ତାଗିଦ୍ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଦୋକାନ ସାମ୍ନାରେ ବେଲୁନ ବିକ୍ରିକୁ ନେଇ ତିକ୍ତତାର ଚରମ ସୀମାରେ ଗୁଡୁକୁ ମରଣାନ୍ତକ ଆକ୍ରମଣ ଓ ଶେଷରେ ହତ୍ୟାଭଳି ଅପରାଧ ଚଳିତ ଶାରଦୀୟ ପୂଜା ମାହୋଲକୁ ଅପନିନ୍ଦିତ କରାଇଥିଲା। ଗୁଡୁ ହତ୍ୟାକାଣ୍ଡକୁ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ୨୭୯/୨୫ ଏକ ମାମଲା ରୁଜୁ କରି ତଦନ୍ତରେ ସୀମିତ ରହିଥିଲା। ପରବର୍ତ୍ତୀ ସମୟରେ ଏହାକୁ ନେଇ ବିଭିନ୍ନ ମହଲରୁ ଚାପ ପଡିବା ପରେ ଘଟଣାର ୫ ଦିନ ପରେ କୁଚିଣ୍ଡା ଥାନା ପୋଲିସ କୁଚିଣ୍ଡା ଏନ୍ଏସିର ୬ ନମ୍ବର ୱାର୍ଡର ୪୭ ବର୍ଷିୟ ରାମଲାଲ ଅଗ୍ରୱାଲ ଓ କୁଚିଣ୍ଡା ପଂଚମୁଖୀ ଛକର ୪୫ ବର୍ଷିୟ ପଙ୍କଜ ଅଗ୍ରୱାଲକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାତ୍ର ଇତି ମଧ୍ୟରେ ଘଟଣାର ୧୦ ଦିନ ବିତି ଯାଇଥିଲେ ମଧ୍ୟ ସମ୍ପୃକ୍ତ ଅନ୍ୟ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ପାରିନଥିବାରୁ ଉପଖଣ୍ଡ ପୋଲିସ ପ୍ରଶାସନର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣା ଦିନ ମୋଟ ୫ଜଣ ବାବା, କାକା ଓ ପୁଅ ପୁତୁରା ସଂଘବଦ୍ଧ ଭାବେ ଗୁଡୁକୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏବେ ଏହି ହତ୍ୟା ମାମଲାକୁ ନେଇ ଚର୍ଚ୍ଚା ଧରିଛି ଯେ' ପୋଲିସର ଗିରଫଦାରିକୁ ଏଡାଇବା ପାଇଁ ସଂପୃକ୍ତ ତିନି ଅଭିଯୁକ୍ତ ବାହାର ରାଜ୍ୟର ଆତ୍ମୀୟଙ୍କ ଘରେ ଆତ୍ମଗୋପନ କରିଛନ୍ତି। ସମ୍ବଲପୁର ଜିଲ୍ଲା ଜମନନକିରା ବ୍ଲକ୍ ଗୁଣ୍ଡୁରୁ ଚୂଆଁ ପଂଚାୟତ ବନ୍ଧପାଲି ଗ୍ରାମର ଗୁଡୁ ରଜତ ବେଲୁନ୍ ବିକାଳୀକୁ ସାର୍ବଜନୀନ ଦଶହରାରେ ସଙ୍ଘବଦ୍ଧ ଆକ୍ରମଣ ଘଟଣାରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସମୟରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ୍‌ଶିଘ୍ର ଗିରଫ କରାଯିବାର ଦୃଢୋକ୍ତି ପ୍ରକାଶ କରିଥିଲେ ମଧ୍ୟ ଇତିମଧ୍ୟରେ ୧୦ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସର ହାତ ଖାଲି ଥିବା ଦେଖାଯାଇଛି। ତେବେ ଏହି ବହୁଚର୍ଚ୍ଚିତ ହତ୍ୟାକାଣ୍ଡ ଘଟଣାର ଫେରାର ଅନ୍ୟ ତିନି ସମ୍ପୃକ୍ତ ଅଭିଯୁକ୍ତଙ୍କୁ କେବେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିବ ତାକୁ ହିଁ ଦେଖିବାକୁ ଅପେକ୍ଷା।

# କବି ଲୋକନାଥ ନାଗଙ୍କ ସମ୍ବଲପୁରୀ କବିତା ସଂକଳନ 'ଇ' ଖେପି' ଉନ୍ମୋଚିତ

ସମ୍ବଲପୁର, ୧୩/୧୦ (ନି.ପ୍ର): କଲମ' ପରିବାର ପକ୍ଷରୁ ସାହିତ୍ୟ ଆସର ହୃଦୟର ଅନୁଭବ ଓ ଯନ୍ତ୍ରଣାରୁ ସୃଷ୍ଟି ହୁଏ କବିତା। ମଣିଷର ଅନୁଭବ ଓ ଯନ୍ତ୍ରଣାରୁ ସୃଷ୍ଟି ହୋଇଥାଏ କବିତା। ସମାଜର ଚଳଣି ଭିତରେ ଲୁଚିରହିଥାଏ ଅନେକ ଅକୁହା କଥା। ସ୍ରଷ୍ଟା ତାର କଲମ ଗାରରେ ସୃଷ୍ଟି କରିଯାଏ ଅନେକ ଅକୁହା କାହାଣୀ। କଲମ ସାହିତ୍ୟ ଅନୁଷ୍ଠାନ ଦ୍ୱାରା ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଆୟୋଜିତ ସାହିତ୍ୟ ସଭାରେ ଉନ୍ମୋଚିତ ହୋଇଛି କବି ଲୋକନାଥ ନାଗଙ୍କର ଏମିତି କିଛି କବିତାକୁ ନେଇ ସଂକଳିତ କବିତା ପୁସ୍ତକ 'ଇ' ଖେପି'। ଆଜିର ଏହି ସାହିତ୍ୟ ଆସରରେ ମୁଖ୍ୟ ଅତିଥି ଭାବରେ ଜ୍ୟୋତି ବିହାର, ବୁର୍ଲା ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ଼. ଶୁକମୁନି ମେହେର, ସମ୍ମାନିତ ଅତିଥି ଭାବରେ ସାହିତ୍ୟିକ ମୁକ୍ତକଣ୍ଠ ପ୍ରଧାନ ଓ ମୁଖ୍ୟବକ୍ତା ଭାବରେ କଳାପାଣି ମହାବିଦ୍ୟାଳୟର ଅଧକ୍ଷ ଡ଼. ମୋହନ ସେଠ ପ୍ରମୁଖ ଯୋଗ ଦେଇଥିବାବେଳେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ସମ୍ପାଦକ କ୍ଷେତ୍ରମଣୀ ବିଭାର। ଏହି ଅବସରରେ ସ୍ୱାଗତ ବକ୍ତବ୍ୟ ଓ ଅତିଥି ପରିଚୟ କରିଥିଲେ କଲମ ପରିବାରର ସଭାପତି ତଫିଜୁଲ ହୁସେନ, ସମୀକ୍ଷକ ଭାବେ ଡ଼. ସୁଧାଂଶୁ ଷଣ୍ଢ ଲୋକନାଥ ନାଗଙ୍କ କବିତା ସଂକଳନ 'ଇ' ଖେପି'ର ସମୀକ୍ଷା କରିଥିଲେ। ପୁସ୍ତକର ସ୍ରଷ୍ଟା କବି ଲୋକନାଥ ନାଗ ସାମାଜିକ ବ୍ୟବସ୍ଥାରେ ଜାତିପ୍ରଥା ଦ୍ୱାରା ମଣିଷ ଭିତରେ ଘଟିଯାଉଥିବା ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ବାଲ୍ୟକାଳରୁ ବିଭିନ୍ନ ସ୍ତରରେ ସାମ୍ନା କରିଆସିଥିବା ଘଟଣା ହିଁ ଏହି କବିତା ଲେଖିବାର ପ୍ରେରଣା ଦେଇଥିବା ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଡ଼. ମେହେର କହିଲେ ଯେ, ନିର୍ଦ୍ୱନ୍ଦରେ ପ୍ରତ୍ୟେକ ସମସ୍ୟାକୁ ସାମ୍ନା ଆଣିବାର ପ୍ରୟାସ ଜାରି ରଖିବା ହିଁ ପ୍ରକୃତ ସାହିତ୍ୟ ସ୍ରଷ୍ଟାର କାର୍ଯ୍ୟ, ଯାହାକି ଲୋକନାଥ କରି ପାରିଛନ୍ତି। ମୁଖ୍ୟବକ୍ତା ଡ଼. ମୋହନ ସାହୁ ଜୀବନର ଦ୍ୱନ୍ଦ ହିଁ ମଣିଷକୁ କଲମ ଚଳେଇବାକୁ ବାଧ୍ୟ କରେ। ସମ୍ମାନିତ ଅତିଥି ଶ୍ରୀ ପ୍ରଧାନ କହିଲେ ସମସ୍ୟା ଜାତିବାଦ ନୁହେଁ, ସମସ୍ୟା ସବୁଠି ରହିଛି। ସବୁକିଛିକୁ ସାମ୍ନା କରି ଆଗକୁ ବଢିବା ହିଁ ଜୀବନ। ଶେଷରେ ଅନୁଷ୍ଠିତ ହୋଇଥିବା ବହୁଭାଷୀ କବିତା ଉତ୍ସବରେ ଅଳକା ମହାପାତ୍ର, ସବିତା ମିଶ୍ର, ତରଣୀ ସେନ୍ ମେହେର, ପ୍ରଦୀପ ରଞ୍ଜନ ପାଣିଗ୍ରାହୀ, ସୂର୍ଯ୍ୟ ପାଣିଗ୍ରାହୀ, ସୁଷମା ପ୍ରଧାନ, ଫିଂଟୁରଣବିଡା, ବିଭୁତି ଭୂଷଣ ମିଶ୍ର, ପ୍ରଭାଞ୍ଜନ ପୁରୋହିତ, ପ୍ରମୋଦ କୁମାର ମିଶ୍ର, ତଫିଜୁଲ ହୁସେନ, କ୍ଷେତ୍ରମଣୀ ବିଭାର, ପ୍ରଦୀପ ରଞ୍ଜନ ପାଣିଗ୍ରାହୀ, ଆଲୋକ କୁମାର ଦାସ,ବୃନ୍ଦାବନ ପ୍ରଧାନ, ସୁମିତ୍ରା ବାଗ ପ୍ରମୁଖ ସ୍ୱରଚିତ କବିତା ଆବୃତି କରିଥିଲେ।

# ୬୯ତମ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା

## ଭଦ୍ରକରେ ଉଦ୍‌ଘାଟିତ: କ୍ରୀଡା ହିଁ ଚରିତ୍ର ଗଠନର ମୂଳ

ଭଦ୍ରକ, ୧୩/୧୦ (ନି.ପ୍ର): ୨୦୨୫-୨୬ ବର୍ଷ ପାଇଁ ୧୪ ରୁ ୧୭ ବର୍ଷରୁ କମ୍ ବର୍ଗର ବାଳକ-ବାଳିକା ବିଭାଗ ସକାଶେ ରାଜ୍ୟସ୍ତରୀୟ କ୍ରୀଡା ଚରମ୍ପାର ହନୁମାନ ଜୀଉ ଉଚ୍ଚ ବିଦ୍ୟାଳୟସ୍ଥିତ ପଥରକାଳୀ ରେଳବାଇ ଖେଳ ପଡିଆ ଠାରେ ୬୯ତମ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। "କ୍ରୀଡା ହିଁ ଚରିତ୍ର ଗଠନର ମୂଳ"ଏହି ମୂଳ ଲକ୍ଷ ସହ ଆୟୋଜିତ ଏହି ପ୍ରତିଯୋଗିତା ୧୪ ଅକ୍ଟୋବର ପର୍ଯ୍ୟନ୍ତ ଚାଲିବ। ଏହି ରାଜ୍ୟସ୍ତରୀୟ କ୍ରୀଡା ମହୋତ୍ସବରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୬୮୯ ଜଣ ବାଳକ ଓ ୪୦୬ ଜଣ ବାଳିକା ମୋଟ୧୦୯୫ ପ୍ରତିଯୋଗୀ ସେହିପରି କ୍ରୀଡା ପରିଚାଳକ ବ୍ୟବସ୍ଥା ଓ ସୁରକ୍ଷା ଦାୟିତ୍ୱରେ ୨୫୦ରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦଇ କାର୍ଯ୍ୟକ୍ରମ ପରିଚାଳନାରେ କରୁଛନ୍ତି। ଆଜିର ଏହି ଉଦଘାଟନୀ ଅବସରରେ ମୁଖ୍ୟ ଅତିଥି ଭାବରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ କ୍ରୀଡା ପତାକା ଉତ୍ତୋଳନ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ ବରେଣ୍ୟ ଅତିଥି ଭାବରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ, ସେହିପରି ପର୍ଯ୍ୟବେକ୍ଷକ ଭାବେ ଓଡ଼ିଶା ବିଦ୍ୟାଳୟ କ୍ରୀଡା ସଂଗଠନର ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଯେନା, ଓ ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡା ଉପସ୍ଥିତ ହୋଇଥିଲେ। ଏହାପରେ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ସ୍ୱାଗତ ଭାଷଣ ରଖିଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଧରଣୀଧର ପାତ୍ର ଅତିଥି ପରିଚୟ ଓ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାଜେନ୍ଦ୍ର ପ୍ରସାଦ ନାୟକ ପ୍ରତିଯୋଗିତା ସମ୍ବନ୍ଧୀୟ ବିବରଣୀ ପାଠ କରିଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ରେ କହିଥିଲେ ଯେ, କ୍ରୀଡା ମାନବ ଜୀବନର ଅଖଣ୍ଡ ଅଂଶ ଅଟେ, ଏହା ଶିଷ୍ଟତା, ସହଯୋଗୀଭାବ ଓ ଚରିତ୍ର ଗଠନର ମୂଳ ଆଧାର ଭାବରେ କାର୍ଯ୍ୟ କରେ। ସନ୍ଧ୍ୟା ସମୟରେ ଆର.ସି.ବି.ଏଲ୍, ଚରମ୍ପା, ବନ୍ଧଗାଁ ହାଇସ୍କୁଲ, ଚରମ୍ପା ଗାର୍ଲସ୍ ହାଇସ୍କୁଲ ଓ ଭଦ୍ରକ ସରକାରୀ ହାଇସ୍କୁଲର ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ସମସ୍ତଙ୍କ ହୃଦୟ ଜିତିଥିଲେ। ଏହି ପ୍ରତିଯୋଗିତା ରାଜ୍ୟ ସ୍ତରରେ ଯୁବ ପିଢିକୁ କ୍ରୀଡା ମାଧ୍ୟମରେ ଶିଷ୍ଟ ଓ ଶକ୍ତିଶାଳୀ ଜୀବନ ଗଢ଼ି ତୋଳିବାକୁ ପ୍ରେରଣା ଦେବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଏହି କାର୍ଯ୍ୟକ୍ରମ ଆୟୋଯୋଜନରେ କ୍ରୀଡା ଶିକ୍ଷକ ଅଶୋକ କୁମାର ପଣ୍ଡା, ତପନ ମିଶ୍ର, ମାନସ ନାୟକ, ପ୍ରଭାତ ଯେନା, ଜିତେନ୍ଦ୍ର ସାହୁ, ସଚିକାନ୍ତ ପଣ୍ଡା, ମନୋଜ ଶଙ୍ଖୁଆ, ଗଙ୍ଗାଧର ସେଠୀ, ଅକ୍ଷୟ କୁମାର ସେଠୀ, ରମେଶ ଚୌଧୁରୀ, ଅଶୋକ ବିଶ୍ୱାଳ, ରାମଚନ୍ଦ୍ର ମାରାଣ୍ଡି,ବିକଶୀ ସାହୁ, ପ୍ରଧାନ ଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ର, ଅକ୍ଷୟ ହୋତା, ଅଜୟ କୁମାର ନନ୍ଦ, ବିଜୟ କୁମାର ମିଶ୍ର,ଉମେଶ ମାଝୀ, ଭୀମସେନ ପରିଡା, ସତ୍ୟସୁନ୍ଦର ପାଣି, ଜିତେନ୍ଦ୍ର ନାୟକ,ଶଶୀଶେଖର କରଶର୍ମା, ଅନିଲ ମିଶ୍ର ପ୍ରମୁଖ ସହଯୋଗ କରିଛନ୍ତି।

# ଭଞ୍ଜସେନାର ବିରାଟ ମିଶ୍ରଣ କାର୍ଯ୍ୟକ୍ରମ

ବାରିପଦା, ୧୩/୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଅଣରାଜନୈତିକ ସଂଗଠନ ଭଞ୍ଜସେନା ପକ୍ଷରୁ ଏକ ବିରାଟ ମିଶ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶାମାଖୁଂଟା ବ୍ଲକ ଉପସଭାପତି ଜିତୁ ସିଂ ନେତୃତ୍ୱରେ ପ୍ରାୟ ୭୦୦ରୁ ଉର୍ଦ୍ଧ୍ୱ ଯୁବ ଛାତ୍ର ସଂଗଠକ ମାନେ ସଂଗଠନରେ ସାମିଲ ହୋଇଛନ୍ତି। ଜିଲ୍ଲାର ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ ଓ ଐତିହ୍ୟ ସ୍ଥଳୀ ଗୁଡିକର ଉନ୍ନତିକରଣ ଭଞ୍ଜସେନା ତରଫରୁ 'ମୁଁ ସ୍ୱାବଲମ୍ବୀ ହେବି' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ଯୁବ ଛାତ୍ର ମାନେ ସାମିଲ ହୋଇଛନ୍ତି। ଜିଲ୍ଲା ସଭାପତି ପିଂଟୁ ମାଇତିଙ୍କ ନେତୃତ୍ୱରେ ଆୟୋଜିତ ମିଶ୍ରଣ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସଂଜୀବ ରାଉତ, ଜିଲ୍ଲା ଆଦିବାସୀ ଶାଖା ସଭାପତି ବାକୁନ ହାଁସଦା, ଜିଲ୍ଲା ଆବାହକ ରାକେଶ ବେହେରା, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପୃଷ୍ଟି, ଜିଲ୍ଲା ଯୁବ ଶାଖା ସଭାପତି ଏସକେ ରାଜାଖାନ, ଶାମାଖୁଂଟା ବ୍ଲକ ସଭାପତି ଶୁଭମ ସିଂ, ବ୍ଲକ କାର୍ଯ୍ୟକାରୀ ସଭାପତି ଦୀପକ ବେହେରା, ଯୁବ ନେତା ଜୁଜୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅକ୍ଟୋବର ୧୭ ଏବଂ ୧୮ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା କର୍ମଶାଳା ଲଘୁଚାପ ଜନିତ ବର୍ଷା ଆଶଙ୍କା ଯୋଗୁଁ ବର୍ତମାନ ସ୍ଥଗିତ ରଖାଯାଇଛି।

# ଜିଲ୍ଲା ବ୍ରାହ୍ମଣ ସଭା ବଲାଙ୍ଗିରର ତ୍ରୟୋଦଶ ସାମ୍ବିଧାନିକ ସମ୍ମିଳନୀ: ଧନଞ୍ଜୟ ମିଶ୍ର ସଭାପତି, ଶ୍ୟାମ ସୁନ୍ଦର ଦାଶ ସମ୍ପାଦକ

ବଲାଙ୍ଗିର, ୧୩/୧୦ (ନି.ପ୍ର): ଜିଲ୍ଲା ବ୍ରାହ୍ମଣ ମହାସଭାର ପୂର୍ବ ପ୍ରକାଶିତ ବିଜ୍ଞପ୍ତି ମତେ ଜିଲ୍ଲା ବ୍ରାହ୍ମଣ ମହାସଭା ବଲାଙ୍ଗିରର ସମ୍ବିଧାନ ଅନୁସରଣରେ ସ୍ଥାନୀୟ ଶ୍ରୀ ଶ୍ରୀ ନୃସିଂହ ମନ୍ଦିର ବଲାଙ୍ଗିର ପରିସରରେ ଆଜି ପୂର୍ବାହ୍ନ୧୧ଟା ରେ ଜିଲ୍ଲା ବ୍ରାହ୍ମଣ ମହାସଭା ବଲାଙ୍ଗିରର ତ୍ରୟୋଦଶ ସାମ୍ବିଧାନିକ ସମ୍ମିଳନୀ ବିଧିବଦ୍ଧ ଭାବେ କ୍ଷମତାପ୍ରାପ୍ତ ଚୟନ କର୍ତ୍ତା ଗିରିଧାରୀ ଶତପଥି ଏବଂ ଅଭିଜ୍ଞ ସଂଗଠକ ଧର୍ମସିଂହ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ କାର୍ଯ୍ୟନିର୍ବାହୀ ସଭାପତି ଗୋପବନ୍ଧୁ ପୁରୋହିତ ତଥା ବହୁ ମାନ୍ୟଗଣ୍ୟ ବ୍ରାହ୍ମଣ ଦେବତାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହେଲା। ଏହି ସମ୍ମିଳନୀରେ ଆଗାମୀ ୩ ବର୍ଷ ପାଇଁ ଜିଲ୍ଲା ବ୍ରାହ୍ମଣ ମହାସଭାର କର୍ମକର୍ତ୍ତାମାନଙ୍କୁ ଚୟନ କରାଗଲା। ଚୟନକର୍ତ୍ତାମାନେ କର୍ମକର୍ତ୍ତାମାନଙ୍କ ନାମ ସର୍ବସମକ୍ଷରେ ଘୋଷଣା କଲେ ଯାହାକି ଉପସ୍ଥିତ ସମସ୍ତ ସଭ୍ୟଙ୍କ ଦ୍ୱାରା ପ୍ରଚଣ୍ଡ ସମର୍ଥନ ସୂଚକ ହର୍ଷୋଲ୍ଲାସିତ କରତାଳି ମାନଙ୍କରେ ଗୃହିତ ହେଲା। ଆଜି ଠାରୁ କାର୍ଯ୍ୟନିର୍ବାହୀ ସଭାପତି ଗୋପବନ୍ଧୁ ପୁରୋହିତଙ୍କ କାର୍ଯ୍ୟକାଳ ସମାପ୍ତ ହେଲା। ଜିଲ୍ଲା ବ୍ରାହ୍ମଣ ମହାସଭାର ନୂତନ କର୍ମକର୍ତ୍ତାମାନେ ହେଲେ ଅଫିସ ବିଅରର୍ସ ଧନଞ୍ଜୟ ମିଶ୍ର ସଭାପତି, ବିଶ୍ୱନାଥ ମିଶ୍ର ଉପ-ସଭାପତି, ଶ୍ୟାମ ସୁନ୍ଦର ଦାଶ ସଂପାଦକ, ଜୟ ବିହାରୀ ବେଦବାକ୍ ସହ-ସଂପାଦକ ଏବଂ ପଂଚାନନ ବେଦବାକ କୋଷାଧକ୍ଷ।

# ବର୍ଷା ଦିନେ ଜଳବନ୍ଦୀ ଜୀବନ କାଟୁଛନ୍ତି ଲକ୍ଷ୍ମୀସାହି ବାସିନ୍ଦା

ଧର୍ମଶାଳା, ୧୩/୧୦ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ବଡ଼ କାଏମା ପଂଚାୟତ ଲକ୍ଷ୍ମୀସାହି ବାସିନ୍ଦା ବର୍ଷା ଦିନେ ଜଳବନ୍ଦୀ ଭବେ ଜୀବନ ବିତାଉଛନ୍ତି। ବର୍ଷା ଦିନରେ ଗାଁ ରାସ୍ତାରେ ପାଣି ଜମି ରହିବା ଫଳରେ ଯାତାୟାତ ରେ ଅନେକ ସମସ୍ୟା ଦେଖାଦେଉଛି। ଏହି ଗାଁ ରେ ୮୦ରୁ ଉର୍ଦ୍ଧ ପରିବାର ବସ ବାସ କରୁଥିବା ବେଳେ ଲୋକ ସଂଖ୍ୟା ଦୁଇ ଶହ ରୁ ଉର୍ଦ୍ଧ। ମୁଖ୍ୟତଃ ଏହି ଗାଁ ରେ ୧୫୦ ରୁ ଉର୍ଦ୍ଧ ବର୍ଷ ଧରି ମା ଲକ୍ଷ୍ମୀ ଙ୍କ ପୂଜା ହୋଇ ଆସୁଛି, ସେଥିପାଇଁ ଲକ୍ଷ୍ମୀ ସାହି ନାମରେ ଗାଁ ବେଶ ପରିଚିତ। କିନ୍ତୁ ଗାଁ ରେ ରହିଛି ଅନେକ ସମସ୍ୟା। ଏହି ଗାଁ ମଧ୍ୟକୁ ପ୍ରେବଶ କରିବା ପାଇଁ ଚାରୋଟି ସରକାରୀ ରାସ୍ତା ରହିଛି। ଏହି ଗାଁ ର ଗୋଟିଏ ପାଶ୍ୱ କେଲୁଅ ନଦୀ ବନ୍ଧ କୁ ସ୍ୱର୍ଶ କରୁଥିବା ବେଳେ ବନ୍ଧ କଡ଼ ରାସ୍ତା ଗାଁକୁ ସଂଯୋଗ କରାଯାଇଛି। କିନ୍ତୁ ବର୍ଷା ଦିନେ ପାଣି ନିଷ୍କଶିତ ନହୋଇ ରାସ୍ତା ଉପରେ ଜମିରହୁଛି। ଯାହା ଫଳରେ ଯାତାୟାତ କରିବା ସମ୍ଭପର ହେଉ ନାହିଁ। ସେହିପରି ବିପରୀତ ପାଶ୍ୱ କାଏମା ବଜାର ରାସ୍ତା କୁ ସଂଯୋଗ କରୁଛି ଯାହାର ମଧ୍ୟ ଭାଗରେ ରହିଛି ତିନୋଟି ପୋଖରୀ। ଏହି ପୋଖରୀ ର ପାଶ୍ୱର୍ରେ ସରକାରୀ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି। କିନ୍ତୁ ବର୍ଷା ଦିନେ ପୋଖରୀ ପାଣି ବୃଦ୍ଧି ପାଇବା ଯୋଗୁ ରାସ୍ତା ଉପରକୁ ପାଣି ମାଡ଼ି ଆସି ରାସ୍ତାରେ ପାଣି ଜମିରହେ। ତେଣୁ ଗାଁ ମଧ୍ୟକୁ ସଂଯୋଗ କରୁଥିବା ଏହି ଦୁଇ ରାସ୍ତା ଉପରେ ପାଣି ମାଡ଼ିଯିବା ଫଳରେ ଲୋକେ ଯାତାୟାତ କରି ପାରନ୍ତି ନାହିଁ। ଅନ୍ୟ ଏକ ରାସ୍ତା ଉପରେ ସମସ୍ତ ପରିବାର ନିର୍ଭର କରିଥାନ୍ତି। କିନ୍ତୁ ତାହା ମଧ୍ୟ ଏବେ ମରାମତି ଅଭାବରୁ ଅବସ୍ଥା ଅତି ଶୋଚନୀୟ ହୋଇ ପଡ଼ିଛି। ତେଣୁ ଗାଁ ଲୋକଙ୍କୁ ବର୍ଷା ଦିନେ ଭୋଗିବାକୁ ପଡେ ନାନା ସମସ୍ୟା। ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଗାଁ ଲୋକେ ଯାତାୟତ ରେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସରକାରୀ ସ୍ତରରେ କଂକ୍ରିଟ ରାସ୍ତା କରାଯାଇଛି ସତ କିନ୍ତୁ ରାସ୍ତା ଉଚ୍ଚତା କମ ଥିବାରୁ ବର୍ଷା ଦିନେ ନିକଟରେ ଥିବା ପୋଖରୀ ପାଣି ରାସ୍ତା ଉପରକୁ ମାଡ଼ିଆସେ।

# ହରଗୌରୀଙ୍କ ପୀଠରେ କୁଙ୍କୁମ ପୂଜା: ଭାଗନେଲେ ଶତାଧିକ ମହିଳା

ସୁବର୍ଣ୍ଣପୁର, ୧୩/୧୦ (ନି.ପ୍ର): ହରଗୌରୀ ଯାତ୍ରାର ସପ୍ତମ ଦିବସରେ ବହୁ ପ୍ରତିକ୍ଷିତ କୁଙ୍କୁମ ପୂଜା ଅନୁଷ୍ଠିତ ହୋଇଯାଇଛି। ଢେରାପଡାରେ ଅନୁଷ୍ଠିତ ହରଗୌରୀ ଯାତ୍ରା ସମୟରେ ଏହି କୁଙ୍କୁମ ପୂଜାରେ ବସିବା ପାଇଁ ସମସ୍ତ ମହିଳାଙ୍କ ମଧ୍ୟରେ ଅନେକ ଅପେକ୍ଷା ଥାଏ। କୁଙ୍କୁମ ପୂଜା ସଧବା ନାରୀ ଓ ଅବିବାହିତ ଯୁବତୀ ମାନେ କରିଥାନ୍ତି। ଏହାଦ୍ୱାରା ଅନେକ ପୂଣ୍ୟଫଳ ପ୍ରାପ୍ତି ହେବାସହ ପରିବାରରେ ସୁଖଶାନ୍ତି, ଆରୋଗ୍ୟ ତଥା ଐଶ୍ୱର୍ଯ୍ୟ ଓ ଯଶପ୍ରାପ୍ତି ହୋଇଥାଏ ବୋଲି ମନେ କରାଯାଏ। ତେଲୁଗୁ ପାନ୍ତୁଲୁ ଆଦିତ୍ୟ ାନୀ ଦୁର୍ଗାପ୍ରସାଦଙ୍କ ଗୁରୁ ଗମ୍ଭୀର ମନ୍ତ୍ରୋଚ୍ଚାରଣ ଓ ବ୍ରତଧାରୀଙ୍କ ହୁଳହୁଳିରେ ସମଗ୍ର ପୂଜାସ୍ଥଳିରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସାଂସାରିକ ଶୁଭ୍ରତା, ଶାନ୍ତି ଓ ମହିଳାଙ୍କ ଆୟୁ, ସୌଭାଗ୍ୟ ପ୍ରାପ୍ତି ପାଇଁ ଏହି କୁଙ୍କୁମ ପୂଜା କରାଯାଇଥାଏ। ସେପଟେ ପ୍ରାତଃ ସମୟରୁ ମା ବୁଢିମାଙ୍କ ଠାରେ ସ୍ୱତନ୍ତ୍ର ରୀତିନୀତି ଅନୁଯାୟୀ ପୂଜାପାଠ ସହ ହରଗୌରୀଙ୍କ ପୀଠରେ ସୁପ୍ରଭାତମ୍, ମହାପୂଜା ଓ ରୁଦ୍ରାଭିଷେକ ଅନୁଷ୍ଠିତ ହୋଇଥିଲା। ଆଜି କର୍ତ୍ତା ଭାବରେ ରମୁ ଅଗ୍ରୱାଲ ଓ ଗୁଡୁ ଲିଙ୍ଗରାଜ ପାତ୍ର ସପତ୍ନୀକ କାର୍ଯ୍ୟ ତୁଲାଇଥିଲେ। ସଂଧ୍ୟାରେ ହରଗୌରୀଙ୍କୁ ସ୍ୱ ଆସ୍ଥାନରୁ ଆଣି ନଗର ପରିକ୍ରମା କରାଇ ବିଭିନ୍ନ ଦ୍ୱାର ସାମ୍ନାରେ ଶ୍ରଦ୍ଧାଳୁ ହରଗୌରୀଙ୍କ ପୂଜା କରିଥିଲେ। ଆଜି ହରଙ୍କୁ ରାଉରକେଲାର ରିଙ୍କୁ ପାତ୍ର ଓ ଗୌରୀଙ୍କୁ ମାଥିଳିର ନମ୍ରତା ପାତ୍ର ମୁଣ୍ଡରେ ବୋହି ବିଭିନ୍ନ ସାହି ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁରର ପଂଚବାଦ୍ୟ ଅନୁଷ୍ଠାନ ପକ୍ଷରୁ ଲୋକନାଚ ଗୀତ ପରିବେଷଣରେ ଢେର ରାତି ଯାଏ ଲୋକେ ମଜା ନେଇଥିଲେ।

# ଶ୍ରୀଜଗନ୍ନାଥ ଦର୍ଶନାର୍ଥୀମାନଙ୍କୁ ପୋଲିସ ପକ୍ଷରୁ ଦହିପଣା ବଂଟନ

ପୁରୀ, ୧୩/୧୦ (ନି.ପ୍ର): ପବିତ୍ର କାର୍ତ୍ତିକ ମାସ ଅବସରରେ ଶ୍ରୀ ଜଗନ୍ନାଥ ଧାମ ପୁରୀକୁ ହଜାର ହଜାର ଭକ୍ତ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆସୁଛନ୍ତି। ଭକ୍ତମାନଙ୍କ ସୁବିଧା, ସୁରକ୍ଷା ଓ ସେବା ସୁବ୍ୟବସ୍ଥା ନିମନ୍ତେ ପୁରୀ ପୋଲିସ ପକ୍ଷରୁ ବିଭିନ୍ନ ସୁଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷିରେ ଏସପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ ସିଂହଦ୍ୱାର ଥାନା ଆଇଆଇସି ଶ୍ୱେତପଦ୍ମା ଦାଶଙ୍କ ନେତୃତ୍ୱରେ ରବିବାରେ ଶ୍ରୀଜଗନ୍ନାଥ ଦର୍ଶନ ସମୟରେ ଭକ୍ତମାନଙ୍କୁ ଦହି ପାଣି ବଂଟନ କରାଯାଇଛି। ଏହା ମାଧ୍ୟମରେ ଦର୍ଶନ ପାଇଁ ଦଣ୍ଡାୟମାନ ଭକ୍ତମାନେ ସ୍ୱସ୍ତି ଓ ସତେଜତା ଅନୁଭବ କରିପାରିଲେ। ପୁରୀ ପୋଲିସ ପକ୍ଷରୁ ଏହି ପ୍ରୟାସ ଭକ୍ତ ସେବା ଓ ମାନବିକ ମୂଲ୍ୟବୋଧକୁ ପ୍ରାଧାନ୍ୟ ଦେଇ ସାଧାରଣ ଲୋକଙ୍କ ସହିତ ନିକଟ ସମ୍ପର୍କ ସ୍ଥାପନ କରିବାର ଏକ ଉଦ୍ୟମ। ପୁରୀ ପୋଲିସ ନିରନ୍ତର ଭାବରେ 'ସେବା, ଶାନ୍ତି ଓ ଶୃଙ୍ଖଳା' ପାଇଁ ପ୍ରତିବଦ୍ଧ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ୧୨ ଘଣ୍ଟାରେ ଗଡ଼ିଲା...

ଯୁବକଙ୍କ ପରିଚୟ ପାଇନି । ସେପଟେ ରେଳ ଷ୍ଟେସନର ୬ ନମ୍ବର ପ୍ଲାଟଫର୍ମ ବାହାରେ ଦେଖିବାକୁ ମିଳିଛି ଦୁର୍ବୃତ୍ତଙ୍କ ଉତ୍ପାତ । ରାଷ୍ଟ୍ରପତି ସମ୍ମାନ ପ୍ରାପ୍ତ ଶିକ୍ଷକ ଦ୍ୱିତୀ ଚନ୍ଦ୍ର ସାହୁଙ୍କୁ ମରଣାନ୍ତକ ଆକ୍ରମଣ କରି ଲୁଟ୍ ହୋଇଛି । ତେବେ ଖୁବଶୀଘ୍ର ଅପରାଧୀଙ୍କୁ ଧରାଯିବ କହିଛନ୍ତି କମିସନର । ଏ ଗୁଳିକାଣ୍ଡ ଘଟଣାରୁ ସଂକେତ ମିଳୁଛି ଯେ, ଭାଇଗିରି ପାଇଁ ଅଣ୍ଟାରେ ବନ୍ଧୁକ ଖୋସି ବୁଲୁଛନ୍ତି ଯୁବପିଢ଼ି । ଏଠାରେ ପ୍ରଶ୍ନ ଏବେବି କେତେ ଚୋରା ବନ୍ଧୁକ ସ୍ମାର୍ଟ ସିଟିରେ ଲୁଚିଛି । ଆଉ ଯଦି ଏକାଥରକେ ସବୁ ବନ୍ଧୁକ ଗର୍ଜନ କରିବ ତାହେଲେ ରାଜଧାନୀର ଅବସ୍ଥା କଣ ହେବ ।

### ଆଗୁଆ ବିଜେଡି ...

ନୂଆପଡା ଦଖଲ ପାଇଁ ବଡ଼ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛି ବିଜେପି । ମଣ୍ଡଳଠୁ ନେଇ ପଞ୍ଚାୟତ ଓ ବ୍ଲକ ଜଗିବେ ବିଜେପି ବିଧାୟକ, ମନ୍ତ୍ରୀ ଓ ବରିଷ୍ଠ ନେତା । ପ୍ରତି ଜୋନ୍ ଦାୟିତ୍ୱରେ ରହିବେ ଜଣେ ଲେଖାଏଁ ମନ୍ତ୍ରୀ । ପ୍ରତି ମନ୍ତ୍ରୀଙ୍କ ଅଧୀନରେ ରହିବ ୬ରୁ ୮ ପଞ୍ଚାୟତ । ସେହିପରି ପ୍ରତି ପଞ୍ଚାୟତ ଦାୟିତ୍ୱରେ ରହିବେ ଜଣେ ଲେଖାଏଁ ବିଧାୟକ । ପ୍ରଚାର ମୋର୍ଚ୍ଚା ସମ୍ଭାଳିବେ ନିଜେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଚର୍ଚ୍ଚା ଅନୁସାରେ ଦିନେ ଦୁଇଦିନ ଭିତରେ ବିଜେଡି ଓ ବିଜେପି ପ୍ରାର୍ଥୀ ଘୋଷଣା କରିପାରନ୍ତି । ଅନ୍ୟପଟେ ପ୍ରାର୍ଥୀ ଘୋଷଣାରେ ଆଗୁଆ କଂଗ୍ରେସ ପ୍ରଚାରରେ ବି ଆଗୁଆ ରହିଛି ।

### ଦୁର୍ଗାପୁରରେ ଓଡ଼ିଆ ଡାକ୍ତରୀ ...

ରବିବାର ଏହାକୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଥିଲେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ରାତିରେ ଝିଅମାନେ ବାହାରକୁ ଆସିବା ଉଚିତ୍ ନୁହେଁ, ସେମାନେ ନିଜକୁ ମଧ ସୁରକ୍ଷା ଦେବା ଉଚିତ୍ ବୋଲି ମମତା କହିଥିଲେ। ମମତାଙ୍କ ଏଭଳି ମନ୍ତବ୍ୟ ପରେ ତାଙ୍କୁ ଚାରିଆଡୁ ସମାଲୋଚନା କରାଯାଇଛି। ଝିଅ ବାହାରକୁ ବାହାରିବା ନେଇ ଅଜବ ଯୁକ୍ତିକୁ କଡା ସମାଲୋଚନା କରିଛନ୍ତି ଜାତୀୟ ମହିଳା କମିଶନ ସଦସ୍ୟା ଅର୍ଚ୍ଚନା ମଜୁମଦାର।

### ମମତା ବାନାର୍ଜୀଙ୍କ...

ଝିଅମାନଙ୍କ ଅଧିକାର ଉପରେ ପ୍ରଶ୍ନ ଉଠାଇବାର ଅଧିକାର ମୁଖ୍ୟମନ୍ତ୍ରୀଙ୍କର ନାହିଁ। ସେ ଆହୁରି କହିଛନ୍ତି ଯେ, ଆଉ ଯଦି ଓଡ଼ିଆ ଝିଅ ପୀଡିତା ବୋଲି ଦରଦ ନାହିଁ ଓଡିଶା ସରକାରଙ୍କୁ ଲେଖି ଦିଅନ୍ତୁ। ଆମ ପିଲାଙ୍କ କଥା ତୁମ ରାଜ୍ୟରେ ବି ଆମେ ବୁଝିପାରିବୁ। ସେ କହିଛନ୍ତି ଯେ ଲଜ୍ଜାବୋଧ ନ ରହିବା ଅତ୍ୟନ୍ତ ନିନ୍ଦନୀୟ। ମହିଳା ମୁଖ୍ୟମନ୍ତ୍ରୀ ଙ୍କ ପାଖରୁ ଯଦି ସମବେଦନା, ସୁରକ୍ଷା, ଅଧିକାର ଝିଅ ମାନେ ଆଶା କରିବେନି ତାହାହେଲେ କରିବେ କାହାଠାରୁ ବୋଲି ସେ ପ୍ରଶ୍ନ କରିଛନ୍ତି ।

## ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତିଙ୍କ ଦେହାନ୍ତ



ବେତନଟୀ, ୧୩/୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି, ଅଖିଳ ଭାରତୀୟ କଂଗ୍ରେସର ସଦସ୍ୟ, ପୂର୍ବତନ ବ୍ଲକଅଧକ୍ଷ ତଥା ଜିଲ୍ଲାପରିଷଦ ଏବଂ ସର୍ବୋପରି ବେବନଟା ଅଞ୍ଚଳର ପ୍ରତିଷ୍ଠିତ ବ୍ୟବସାୟୀ, ବିଶିଷ୍ଟ ସମାଜସେ୍ୱୀ ସମସ୍ତଙ୍କର ଅତି ପରିଚିତ ଦରଦି ମଣିଷ କେଲାବାବୁ ନାମରେ ପରିଚିତ କୈଳାଶଚନ୍ଦ୍ର ଅଗ୍ରୱାଲଙ୍କ ୭୫ ବର୍ଷ ବୟସରେ ରବିବାର ବିଳମ୍ବିତ ରାତିରେ ବିୟୋଗରେ ସମଗ୍ର ବେତନଟା ସ୍ତବ୍ଧ ହୋଇଯାଇଥିବା ବେଳେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଶୋକବାର୍ତ୍ତା ପଠାଇବା ସହିତ ଅନେକ ରାଜନେତା ଶେଷଦର୍ଶନ କରି ଶୋକବ୍ୟକ୍ତ କରିଛନ୍ତି । ହୃଦୟରୁ ବେତନଟୀକୁ ଭଲ ପାଉଥିବା, ବେତନଟୀର ସାମଗ୍ରୀକ ବିକାଶରେ ସଦାସର୍ବଦା ଚେଷ୍ଟିତ ତଥା ତତ୍ପର ଥିବା ଅତି ଦରଦୀ ଏବଂ ପୋରଉପକାରି ସ୍ୱଭାବର ମଣିଷ କେଲାବାବୁ ନାମରେ ସମଗ୍ର ଜିଲ୍ଲା ତଥା ଜିଲ୍ଲା ବାହାରେ ମଧ ପରିଚିତ ଭଞ୍ଜମାଟିର ସନ୍ତାନଙ୍କୁ ଆଜି ଚେତନଟୀ ହରାଇଛି । ବେତନଟୀ ଅଞ୍ଚଳରେ ଶିକ୍ଷା, ଗମନାଗମନ, ସ୍ୱାସ୍ଥ୍ୟ, ପାନୀୟଜଳ ପ୍ରକଳ୍ପ ଦ୍ୱାରା କିଭଳି ସାଧାରଣ ଜନତା ଉପକୃତ ହୋଇପାରିବେ ସେନେଇ ସବୁବେଳେ ଉଦ୍ୟମ ଜାରି ରଖୁଥିଲେ । ଯେକୌଣସି ବ୍ୟକ୍ତି ସୁବିଧା ଅସୁବିଧାରେ ସାହାଯ୍ୟ ପାଇଁ ଯାଉଥିଲେ କେହି ହେଲେ ମଧ ଖାଲିହାତରେ ଫେରୁ ନଥିଲେ ଓ ନିଜର ଦୀର୍ଘଦିନର ରାଜନୈତିକ ଜୀବନରେ ବେଶ୍ ସଫଳ ହୋଇଥିବା କେଲା ବାବୁଙ୍କ ଭୂମିକା ବେତନଟୀର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ସୁଧାର ଆଣିବାରେ ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା । ବେତନଟୀର ରୋଟାରୀ କ୍ଲବ ହେଉ କି ବିକାଶମଞ୍ଚ, ଅଥବା ରେଲୱେ ପାସେଞ୍ଜର୍ସ ଫୋରମ ସବୁଥିରେ ଥିଲା ତାଙ୍କର ଗୁରୁତ୍ୱପୂର୍ଣ୍ଣ ଏବଂ ଅତୁଳନୀୟ ଅବଦାନ । ସକ୍ରିୟ ରାଜନୀତିରୁ ଦୂରରେ ଥାଇ ସୁଦ୍ଧା ବେତନଟୀ ଅଞ୍ଚଳର ସାମଗ୍ରିକ ବିକାଶ ଏବଂ ଦୁଃଖୀ,ଅସହାୟ ଲୋକଙ୍କୁ ସାହଯ୍ୟ କରିବାର ମନବୃତ୍ତି ବେତନଟୀବାସୀଙ୍କ ହୃଦୟରେ ଚିରକାଳ ପାଇଁ ଅମରହୋଇ ରହିବେ । ତେବେ ଦେଢ଼ବର୍ଷ ପାଖାପାଖି ପୂର୍ବରୁ ସ୍ୱାସ୍ଥ୍ୟ ଜନିତ ଡିମେନସିଆରେ ଆକ୍ରାନ୍ତ ହୋଇ ହଠାତ୍ ଅସୁସ୍ଥ ହେବାସହିତ ଧିରେ ଧିରେ ଶଯ୍ୟାଶୟୀ ହୋଇପଡିଥିଲେ । ଦୀର୍ଘଦିନ ଧରି ରୋଗଶଯ୍ୟାରେ ପଡ଼ିବାପରେ ରବିବାର ବିଳମ୍ବିତ ରାତି ୨ଟା ୨୦ମିନିଟରେ ତାଙ୍କର ଦେହାନ୍ତ ହୋଇଯାଇଛି ଓ କେଲାବାବୁଙ୍କ ଦେହାନ୍ତ ଖବରପାଇ ବଡସାହି ଲୋକପ୍ରିୟ ବିଧାୟକ ସନାତନ ବିଜୁଳି, ପୂର୍ବତନ ରାଜସ୍ୱ ମନ୍ତ୍ରୀ ସୁଦାମ ମାଣ୍ଡି ,ପୂର୍ବତନ ବିଧାୟକ ଗଣେଶ୍ଵର ପାତ୍ର, ପୂର୍ବତନ ସାଂସଦ ସୁଶୀଳା ତିରିଆ, ପୂର୍ବତନ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ପ୍ରାକ୍ତନ ବ୍ଲକଅଧକ୍ଷ ତଥା ବରିଷ୍ଠ ଆଇନଜୀବୀ ହିମାଂଶୁ କୁମାର ପରିଡ଼ା, ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି, ବେତନଟୀ ଏସଡିପିଓ ମିନତୀ ବିଡ଼ାଳ, କେତ ନବୀ ଆଇଆଇସି ସସ୍ମିତା ମହାନ୍ତ, ମୟୂରଭଞ୍ଜ ଜିଲ୍ଲା କେନ୍ଦ୍ର ସମବାୟ ବିଭାଗର ସଭାପତି ସୁବ୍ରମଣ୍ୟମ ମହାର୍ଷିଙ୍କ ସମେତ ବହୁ ମାନ୍ୟଗଣ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ ଚେତନଟୀ ରେଲୱେ ସେସନ ଛକସ୍ଥିତ ବାସଭବନରେ ପୋହଞ୍ଚି ଶେଷଦର୍ଶନ ପୂର୍ବକ ଶୋକବ୍ୟକ୍ତ କରିଛନ୍ତି ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, କଂଗ୍ରେସର ଦକ୍ଷ ସଂଗଠକ ଯୁବନେତା ନବଜ୍ୟୋତି ପଟ୍ଟନାୟକ, ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ ନିଜର ଶୋକବାର୍ତ୍ତା ପଠାଇଛନ୍ତି ।

## କଲେଜ ଭିତରେ ଛାତ୍ରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇଲେ ଅସାମାଜିକ

ରାଉରକେଲା , ୧୩/୧୦ (ନି.ପ୍ର): ରାଉରକେଲା ପୁଲିସି ଜିଲ୍ଲାରେ ପୁଲିସିଂ ବ୍ୟବସ୍ଥା ଏକ ପ୍ରକାର ଭୁଷୁଡି ଯାଉଥିବା ବେଳେ ସାଧାରଣ ଲୋକେ ଆଉ ପୁଲିସି ଉପରେ ଭରଷା କରିପାରୁନଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଛି । ଆଜି ସରକାରୀ ମହାବିଦ୍ୟାଳୟ ପରିସରରେ ପଶି ୨ଜଣ ଅସାମାଜୀକ ଯୁବକ ଛାତ୍ରୀ ମାନଙ୍କ ମୁଣ୍ଡରେ ଦେହରେ ବନ୍ଧୁକ ଭୁଜାଲୀ ଲଗାଇ ସେମାନଙ୍କୁ ଅପହରଣ କରିବାକୁ ଉଦ୍ୟମ କରିବା ଓ ଘଟଣାସ୍ଥଳକୁ ପୁଲିସି ନଆସିବା ଲୋକ ଏକ ହୋଇ ଯୁବକ ଜଣକୁ ଉଚିତ ଶିକ୍ଷା ଦେବା ଜଣେ ଖସି ପଳାଇବା ଭଳି ଘଟଣା ଆଜି ପୁଣି ଥରେ ରାଉରକେଲା ପୁଲିସି ର ନାରୀ ମାନଙ୍କୁ ଛାତ୍ରୀ ମାନଙ୍କୁ ସୁରକ୍ଷା ଦେବାରେ କେତେ ତତ୍ପର ତାହା ପ୍ରମାଣିତ ହୋଇଛି । ନିକଟରେ ଏକ ଡାକ୍ତରଖାନା ରେ ମାଲିକ ଜଣେ ମହିଳାଙ୍କୁ ଶାରୀରିକ ସଂପର୍କ ରଖିବାକୁ କହିବା ମାମଲାରେ ପୁଲିସିର ନିରବତା ପରେ ସେ ବାଧ ହୋଇ ସିଏମ ଅଫିସ ଯାଇ କୌଣସି ସୁଫଳ ନପାଇ ଶେଷରେ ନୀରବ ରହିଲେ । ଏହିଭଳି ପ୍ରତିଦିନ ସହରରେ ନାରୀ ନିର୍ଯାତନା ର ଶିକାର ହୋଇଚାଲିଛି ଖବର ମିଳୁଛି । ସରକାର କହୁଛି ଆମ ପୁଲିସି ଭାରି ଶକ୍ତ । କିନ୍ତୁ ଆଜି ସରକାରୀ କଲେଜରେ ଘଟିଥିବା ଘଟଣା ସମସ୍ତ ଝିଅ ବାପ ମା ମାନଙ୍କୁ ଚିନ୍ତାରେ ପକାଇଛି । ଖବର ମିଳିଛି ଏହି ଯୁବକ ମାନେ କୁଆଡେ କିଛି ବଡ ବଡିଆଙ୍କୁ ଏହିଭଳି ଯୁବତୀ ଉଠାଇ ନେଇ ଯୋଗାଇ ଥାନ୍ତି ।ସହରେ ହିରୋଇନ କରାଇ ଦେବାକୁ କହି ଜଣେ ଖଣି ମାଲିକ ଓ ବଡ ମିଡିଆର ଭାଇ ତାର ଦଲାଲ ମାଧମରେ ଅନେକ ଝିଅ ଙ୍କ ଜୀବନକୁ ନଷ୍ଟ କରିଚାଲିଥିଲେ ବି ସେ ବାବୁ ମାନଙ୍କୁ ଆଜି ଯାଏ କେହି ହାତ ମାରି ପାରି ନାହାନ୍ତି ବୋଲି କୁହାଯାଉଛି, ସେହି ମାନେ ଏହି ଭଳି ଯୁବକ ମାନଙ୍କୁ ତିଆରି କରି ସହରରେ ଝିଅ ମାନଙ୍କ ପ୍ରତି ବିପଦ ହୋଇ ଠିଆ ହୋଇଛନ୍ତି । ରାଉରକେଲାରେ ପୁଲିସି ଏକ ପ୍ରକାର ନୀରବ , ନାମକୁ ମାତ୍ର ପିସିଆର ବୁଲୁଛି, ଥାନା ପାଖରେ ସରକାରୀ କଲେଜ ଥାଇ ମଧ ଏଭଳି ଘଟଣା ଆଜି ଘଟିଲା, ପୁଲିସି ସତ ବନ୍ଧୁକ କୁ ନକଲି କରି ପିଲା ମାନଙ୍କୁ ବଂଚାଇବାକୁ ଉଦ୍ୟମ କରିବା ଭଳି କଥା ମୋହନ ସରକାର ର ମୋଲିସି ଉପରେ ପ୍ରଶ୍ନ ଉଠାଇଛି । ନିକଟ ଅତିତରେ ରାଉରକେଲା ପୁଲିସି ଜିଲ୍ଲା ଅଁଚଳରୁ ଟନ ଟନ ବାରୁଦ କୁ ଲୁଟିଲେ ମାଓବାଦୀ ସେ ଗୁଡିକୁ ସେମାନେ ନେଇଗଲେ ଝାଡଖଣ୍ଡକୁ, ପୁଲିସ ସେଥିରୁ କିଛି ଜବତ କଲା କିନ୍ତୁ ଲୁଟ ଆଗରୁ କିମ୍ବା ପରେମାଓବାଦୀ ମାନଙ୍କୁ ଧରିପାରିଲା ନାହିଁ, ଫଳସ୍ୱରୁପ ଆଜି ସେହି ସବୁ ବାରୁଦରେ ମରୁଛନ୍ତି ଦେଶର ଯାବାନ । ନିକଟରେ ଝାଡଖଣ୍ଡରେ ବାରୁଦ ବିଛାଇ ଜାବନଙ୍କୁ ମାରିବାକୁ ଯୋଜନା କରିଥିବା ମାଓବାଦୀ ସଫଳ ହେଲେ, ଆସାମର ଜଣେ ପୁଅ ଏଥିରେ ସହୀଦ ହେଲେ ୨ଜଣ ଦିଲ୍ଲୀ କୁ ଚିକିତ୍ସା ଲାଗି ଗଲେ ।

## ବାଖରାବାଜ୍ ଶିବମୁନି ଯୋଗାଶ୍ରମରେ ଶିବମୁନିଜୀଙ୍କର ୧୪୨ତମ ଜନ୍ମଜୟନ୍ତୀ ପାଳନ



ରୂପସା , ୧୩/୧୦ (ନି.ପ୍ର): ବାଖରାବାଜ୍ ଶିବମୁନି ଯୋଗାଶ୍ରମରେ, ଆଦିମୁନିଶ୍ୱର ଯୋଗେଶ୍ୱର ସଦ୍‌ଗୁରୁଦେ ବଶିବମୁନିଜୀଙ୍କର ୧୪୨ତମ ଜନ୍ମଜୟନ୍ତୀ, ହାତିଆଡ଼ିହା ଶିବମୁନି ଯୋଗାଶ୍ରମର ବରିଷ୍ଠ ଯୋଗସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀଙ୍କ ସଭାପତିତ୍ୱରେ, ମହାସମାରୋହରେ ପାଳିତ ହୋଇଯାଇଛି । ସର୍ବପ୍ରଥମେ ମାନବ ସମାଜର କଲ୍ୟାଣ ପାଇଁ ସତ୍ୟପତାକା ଉତ୍ତୋଳନ କରିଥିଲେ, ଆଶ୍ରମର ସଭାପତି ମୁନିରାଜ କାଳିଚରଣ ମୁନିଜୀ ମହୋଦୟ । ମୁଖ୍ୟଅତିଥି ହିସାବରେ ଯୋଗଦାନ କରିଥିଲେ, ପ୍ରାନ୍ତୀୟ ସହ ସମ୍ପାଦକ, ଜିଲ୍ଲା ପ୍ରଚାର ସଙ୍ଗଠନ ମନ୍ତ୍ରୀ,ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ । ସେ ମୁନୀ ସମାଜ ସ୍ଥାପନାର ଉଦ୍ଦେଶ୍ୟ, ଶିବ ମୁନିଜୀଙ୍କର ଆଧୂରା ସ୍ୱପ୍ନ ଏବଂ ସ୍ଥୁଳ ଶରୀର ଧାରଣ କରିବାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ସଭାପତି ଗୁରୁଦେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସମୟରେ ଗୁରୁବନ୍ଦନା ଗାନ କରିଥିଲେ, କଣ୍ଠଶିଳ୍ପୀମୁନିରାଜ୍ଞୀ ଶକୁନ୍ତଳାପରିଡ଼ା । ମଞ୍ଚକୁ ଅତିଥିମାନଙ୍କୁ ସୁ ସ୍ୱାଗତ କରିଥିଲେ ଏବଂ ସର୍ବଶେଷରେ ସମସ୍ତଙ୍କୁ ଧନ୍ୟବାଦ ମଧ ପ୍ରଦାନ କରିଥିଲେ ଆଶ୍ରମର ଯୋଗ ଶିକ୍ଷକ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନିଜୀ ମହୋଦୟ । ମଞ୍ଚାସୀନଥିଲେ, ଆଶ୍ରମର ହିତାକାକ୍ଷୀ ଆତ୍ମଜ୍ଞାନୀ କବି ବୟୋଜ୍ୟେଷ୍ଠ ମୁନି ଦୈତାରି ମଣ୍ଡଳ ମହୋଦୟ, ଶିବ ମୁନିଜୀଙ୍କ ଦର୍ଶନ ଉପରେ,ଆଶ୍ରମର ଯୋଗ ଶିକ୍ଷୟତ୍ରୀ ଆତ୍ମଜ୍ଞାନୀ କଳ୍ପନା ମିସ୍ତ୍ରୀ ମହୋଦୟା ମୁନି ସମାଜର ଆଦର୍ଶ ନିତି ନିୟମ ଉପରେ,ଯୋଗ ଶିକ୍ଷକ ଶଙ୍କର ପାଲ ମହୋଦୟ ଶିବ ମୁନିଜୀଙ୍କ ଜୀବନୀ ଉପରେଏବଂ ପ୍ରଚାର ସଂଗଠକ ମୁନିରାଜ ଅମୂଲ୍ୟ ମୁନିଜୀ ମହୋଦୟ ଜଣେ ମୁନିର ଲକ୍ଷଣ ଉପରେ ଆଲୋକପାତ କରିଥିଲେ । ଶିବମୁନିଙ୍କ ଜୀବନୀ ଏବଂ ଦର୍ଶନ ଉପରେ ଅଧାରିତ ସୁଲଳିତ କଣ୍ଠରେ ମୁନି ସଙ୍ଗୀତ ଗାନ କରିଥିଲେ ରାମ ହାଁସଦା ଏବଂ ମୁନି ରାସ ବିହାରି ବାରିକ୍। ପ୍ରଥମେ ସମୂହ ପ୍ରଣବ, ବେଦପାଠ, ଶାନ୍ତି ପାଠ କରାଯାଇଥିଲା । ଉପସ୍ଥିତଥିଲେ- ମୁନି ଜଗଦୀଶପରିଡ଼ା, ଜଗନ୍ନାଥ ମହାନ୍ତ, ଆରୂପ କୁମାର ମଣ୍ଡଳ,ଭରତସିଂ, ନାରାୟଣ ସରେନ୍, ସୁରେନ୍ଦ୍ର ମୁର୍ମୁ, ଶଙ୍କର ସିଂ,ଭଗୀରଥ ବର, ପରମାନନ୍ଦ ମଣ୍ଡଳ, ମୁନିମତୀ କାପୁରା ମୁର୍ମୁ, କାନ୍ଦରୀ ହେମ୍ବ୍ରମ୍,ଆରତୀ ମଣ୍ଡଳ, ମନୋରମା ବାରିକ, ଅଞ୍ଜନୀ ମଣ୍ଡଳ, ମାନସୀ ବେହେରା, ସୁକାନ୍ତୀ ଗିରି,ଆରତୀ ବେସ୍ରା, ମିନା ସିଂ, ସୁମତୀ ବେହେରା, ଯମୁନା ମାରାଣ୍ଡି, ଗୌରୀ ମଣି ଦାସ, ବୀଣା ସିଂ, ଗୌରୀ ସିଂ ଏବଂ ଆରତୀ ବେହେରା ପ୍ରମୁଖ ଶତାଧିକ ମୁନି ସମାଜର ସଦସ୍ୟ ସଦସ୍ୟା ବୃନ୍ଦ । ଶିବମୁନି ଜୀଙ୍କର ଦର୍ଶନ, ବାଣୀ, ସତ୍ୟସିଦ୍ଧାନ୍ତ ଉପରେ ଭରସା କରି ପ୍ରତିଦିନ ଯମ ନିୟମ ପାଳନ ପୂର୍ବକ ଯୋଗସାଧନ କରି ଚାଲିଲେ ଜଣେ ନିରୋଗ ନିରାମୟ ଆନନ୍ଦମୟ ଜୀବନଯାପନ ସହିତ ନିଶ୍ଚିତ ସ୍ୱରୂପସ୍ଥ ହେବ ଏବଂ ତାର ପ୍ରତ୍ୟେକ ସଂକଳ୍ପ ସାଫଲ୍ୟ ମଣ୍ଡିତ ହୋଇ ହୋଇ ଚାଲିଥିବା ।

## ବ୍ଲକ ପରିସରରେ ସରକାରୀ କାଗଜପତ୍ରକୁ ଧରି ବୁଲୁଛନ୍ତି ଅଣ କର୍ମଚାରୀ: ଏମାନଙ୍କୁ ସୁରକ୍ଷା ଦେଉଛି କିଏ ?




ବାଲିଆପାଳ , ୧୩/୧୦ (ନି.ପ୍ର): ବାଲିଆପାଳ ବ୍ଲକରେ ଦିନକୁ ଦିନ ଅଣ କର୍ମଚାରୀ ଓ ଦଲାଲଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି । ଏପରି ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ମିଳିଛି ବାଲିଆପାଳ ବ୍ଲକରେ ଦୁଇ ଜଣ ବ୍ୟକ୍ତି ସରକାରୀ କର୍ମଚାରୀ ନହୋଇ କାର୍ଯ୍ୟାଳୟର ବହୁ ମୂଲ୍ୟବାନ ସରକାରୀ କାଗଜପତ୍ର ହାତରେଧରି ବୁଲୁଥିବାର ଦେଖିବାକୁ ମିଳିଥିଲା। ସର୍ବୋପରି କାର୍ଯ୍ୟ ଫାଇଲ ସହ ମେଜର ମେଣ୍ଟ ବହି କୁ ହାତରେ ଧରି ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଭିତରେ ବୁଲୁଥିବାର ଦେଖିବାକୁ ମିଳିଛି । ଏଠି ପ୍ରଶ୍ନ ଉଠେ ଫାଇଲ ଏବଂ ଏମବି ବୁକ୍ ସରକାରୀ ଯନ୍ତ୍ରୀ କିମ୍ବା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ପାଖରେ ନରହି କିପରି ସରକାରୀ ଗୁରୁତ୍ୱପୂର୍ଣ୍ଣ । ଗଜପତ୍ରକୁ ଦଲାଲକ ହାତକୁ ଟେକି ଦିଆଯାଉଛି । ସତେ ଯେପରି ବାଲିଆପାଳ ବ୍ଲକ ଧୀରେ ଧୀରେ ମୁରବିଶୁନ୍ୟ ହେବାକୁ ଯାଉଛି । କାରଣ ସରକାରୀ କର୍ମଚାରୀଙ୍କ ଉ ପରେ ଅଧିକାରୀ ଛାଟ ବସୁନଥିବାରୁ କର୍ମଚାରୀ ମାନେ ଅଣଗୁରିଆମୀ ହେବାକୁ ବସିଲେଣି । ଆଉ କେତେକ କ୍ଷେତ୍ରରେ ଯଦି ମହିଳା ସରକାରୀ କାର୍ଯ୍ୟରେ ଯୋଗ ଦେଉଛନ୍ତି । ତାଙ୍କ ପ୍ରତି ବଦଳରେ, ତାଙ୍କ ସ୍ୱାମୀ ଓ ସମ୍ପର୍କୀୟ ମାନେ ପ୍ରତିନିଧି ହୋଇ ଗାଦିରେ ବସି କାର୍ଯ୍ୟ କରୁଛନ୍ତି । ନାଁ ଏଥି ପ୍ରତି ରହିଛି ପ୍ରଶାସନର ନିଘା, ନାଁ ହେଉଛି ଯାଞ୍ଚ । ଯଦି ବିଗତ ୧ ବର୍ଷ ଭିତରେ ବ୍ଲକ ପରିସରରେ ଯାଞ୍ଚ କଲେ ମାଳମାଳ ବିଭିନ୍ନ ପଞ୍ଚାୟତ ପ୍ରତିନିଧିଙ୍କ ସ୍ୱାମୀ ମାନେ ବା ଦଲାଲ, ବା କୁଜିନେତା ନାର୍ଯ୍ୟ କରୁଥିବାର ଅନେକ ନଜୀର ରହିଛି। ତେବେ ଏ ବାବଦରେ ଆମେ ମେ ବାଲିଆପାଳ ଗୋଷ୍ଠି ଉନ୍ନୟନ ଅଧିକାରି ରାଧାରଞ୍ଜନ ଦାସ ମତା ମତ ନିଆ ଯିବାକୁ ଚେଷ୍ଟା କରି ଥିଲେ ହେଁ, ତାହା ସମ୍ଭବ ହୋଇ ପାରିନି । ତେବେ ଜିଲ୍ଲା ବା ବ୍ଲକ ପ୍ରଶାସନ କେବେ ଏହା ଉପରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେଇ ଏଭଳି ମହାମାରୀରୁ ବାଲିଆପାଳ ବ୍ଲକ କାର୍ଯ୍ୟାଳୟକୁ ସୁରକ୍ଷିତ ରଖିବେ ତାହା ଅନେକଙ୍କୁ ସଂଶୟରେ ରଖିଛି ।

## କାନାଡ଼ାର ବିଦେଶ ମନ୍ତ୍ରୀ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହିତ କଲେ ସାକ୍ଷାତ

ନୂଆଦିଲ୍ଲୀ,୧୩/୧୦ : କାନାଡ଼ାର ବିଦେଶ ମନ୍ତ୍ରୀ ଅନିତା ଆନନ୍ଦ ସୋମବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ସାକ୍ଷାତ କରିଛନ୍ତି। ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ଅନୁଯାୟୀ ପ୍ରଧାନମନ୍ତ୍ରୀ ମୋଦୀ ବିଦେଶ ମନ୍ତ୍ରୀ ଆନନ୍ଦଙ୍କ ସ୍ୱାଗତ କରିଛନ୍ତି ଏବଂ କହିଛନ୍ତି ଯେ ତାଙ୍କ ଯାତ୍ରା ଭାରତ-କାନାଡ଼ା ଦ୍ୱିପକ୍ଷୀୟ ସାଝେଦାରୀର ନୂଆ ଗତି ପ୍ରଦାନ କରିବା ପାଇଁ ଚାଲୁଥିବା ପ୍ରୟାସରେ ଯୋଗଦାନ ଦେବ। ପ୍ରଧାନମନ୍ତ୍ରୀ ଏହି ବର୍ଷ ଜୁନ୍‌ରେ ଜି-୭ ଶିଖର ସମ୍ମେଳନ ପାଇଁ କନାଡ଼ାର ନିଜ ଯାତ୍ରାକୁ ମନେପକାଇବେ, ଯେଉଁ ସମୟରେ ସେ ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ସହିତ ଅତ୍ୟନ୍ତ ଉପଯୋଗୀ ବୈଠକ କରିଥିଲେ।

## ଶିବରାଜ ସିଂହ ଚୌହାନ ମଙ୍ଗଳବାର ଦିନ ଗସ୍ତ କରିବେ ପଞ୍ଜାବ

ନୂଆଦିଲ୍ଲୀ,୧୩/୧୦ : କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ମଙ୍ଗଳବାର ଦିନ ପଞ୍ଜାବର ଲୁଧିଆନା ଗସ୍ତରେ ଯିବେ। ଏହି ଗସ୍ତ ସମୟରେ, ସେ ଅନେକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ, ପ୍ରମୁଖ କୃଷି ପ୍ରତିଷ୍ଠାନ ପରିଦର୍ଶନ କରିବେ ଏବଂ ଚାଷୀ ଏବଂ ଦିଦିମାନଙ୍କ ସହିତ ଆଲୋଚନା କରିବେ। ସେ ପଞ୍ଜାବରେ ବନ୍ୟା ପ୍ରଭାବିତ ଲୋକଙ୍କ ଘର ପୁନଃନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ଥାନାନୁମୋଦନ ପତ୍ର ମଧ ପ୍ରଦାନ କରିବେ। ମନ୍ତ୍ରଣାଳୟ ଅନୁଯାୟୀ, କୃଷି ମନ୍ତ୍ରୀ ଶିବରାଜ ସିଂହ ଆଜି ସକାଳେ ଦିଲ୍ଲୀରୁ ବାହାରି ଚଣ୍ଡିଗଡ଼ ଦେଇ ଲୁଧିଆନା ପହଂଚିବେ।

## ଆହ୍ୱାନ ପକ୍ଷରୁ ବୈଜ୍ଞାନିକ ମେଧା ଅନ୍ୱେଷା ଡ୍ରାଇଭ: ଗବେଷଣା ଓ ନୂତନ ଉଦ୍ଭାବନରେ ବ୍ରତୀ ହେବା ପାଇଁ ଛାତ୍ର ସମାଜକୁ ପରାମର୍ଶ

ବାରିପଦା, ୧୩/୧୦ (ନି.ପ୍ର): ଆହ୍ୱାନ ସାଇନସ ଫରୋମ ଆନୁକୁଲ୍ୟରେ ରାଜ୍ୟର ଉତ୍ତରାଞ୍ଚଳ ଜିଲ୍ଲା ଅନ୍ତର୍ଗତ ଉଚ୍ଚ ମାଧମିକ ବିଦ୍ୟାଳୟ ଓ କଲେଜ ସ୍ନାତକ ଶ୍ରେଣୀରେ ଅଧୟନରତ ଛାତ୍ରଛାତ୍ରୀଙ୍କ ପାଇଁ ବୈଜ୍ଞାନିକ ମେଧା ଅନ୍ୱେଷା ଡ୍ରାଇଭ କାର୍ଯ୍ୟକ୍ରମ ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସଭା ସାଂସଦ ମମତା ମହାନ୍ତ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ. ପ୍ରଦର୍ଶନୀରେ ମୟୁରଭଞ୍ଜ ଏବଂ ବାଲେଶର ଜିଲ୍ଲାର ୨୩ଟି କଲେଜ ଓ ହାୟର ସେକେଣ୍ଡାରୀ ସ୍କୁଲର ୪୧ ଗୋଟି ପ୍ରଜେକ୍ଟ ପ୍ରଦର୍ଶିତ ହୋଇଥିବା ବେଳେ ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନର ପଚାଶରୁ ଉର୍ଦ୍ଧ୍ୱ ମାର୍ଗଦର୍ଶକ ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇଥିଲେ। ଆଇ.ଟି.ଆର. ଚାନ୍ଦିପୁରର ଅତିରିକ୍ତ ନିର୍ଦ୍ଦେଶକ ବରିଷ୍ଠ ବୈଜ୍ଞାନିକ ଡଃ ନୀଳାଦ୍ରି ରୟ, ଆଇ.ଏମ.ଏମ.ଟି. ଭୁବନେଶ୍ୱରର ସିନିୟର ପ୍ରିନସିପାଲ ବୈଜ୍ଞାନିକ ଡଃ ରଞ୍ଜନ କୁମାର ଦ୍ୱାରୀ, କୃଷି ବିଜ୍ଞାନ କେନ୍ଦ୍ର ଶାମାଖୁଣ୍ଟାର ନିର୍ଦ୍ଦେଶିକା ବରିଷ୍ଠ ବୈଜ୍ଞାନିକ ଡଃ ସଂଘମିତ୍ରା ପଟ୍ଟନାୟକ ପ୍ରମୁଖ ବିଚାରକଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ. ସିନିଅର ଗ୍ରୁପ ସ୍ନାତକ ବିଭାଗରେ ଏମପିସି ସ୍ୱୟଂଶାସିତ କଲେଜ ପ୍ରଥମ, କେକେଏସ ମହିଳା ମହାବିଦ୍ୟାଳୟ ବାଲେଶ୍ୱର ଦ୍ୱିତୀୟ ଏବଂ ବାରିପଦା ଡିଗ୍ରୀ ମହାବିଦ୍ୟାଳୟ ତୃତୀୟ, ହାୟର ସେକେଣ୍ଡାରୀ ବିଭାଗରେ ଏଫ.ଏମ. ସ୍ୱୟଂଶାସିତ ଜୁନିୟର କଲେଜ ପ୍ରଥମ, ପୂର୍ଣ୍ଣଚନ୍ଦ୍ର ହାୟର ସେକେଣ୍ଡାରୀ ସ୍କୁଲ ଦ୍ୱିତୀୟ ଏବଂ ଏମ.ଏସ.ଇ. ହାୟର ସେକେଣ୍ଡାରୀ ଲକ୍ଷ୍ମୀପୋଷି ତୃତୀୟ, ହାୟର ସେକେଣ୍ଡାରୀ ବିଭାଗରେ ଡି.ଏ.ଭି. ପବ୍ଲିକ ସ୍କୁଲ ବାଲେଶ୍ୱର ପ୍ରଥମ, ଶ୍ରୀ ସତ୍ୟସାଇ ବିଦ୍ୟା ବିହାର ବାରିପଦା ଦ୍ୱିତୀୟ ଓ ସ୍ୱାମୀ ବିବେକାନନ୍ଦ ଶିକ୍ଷା ସଦନ ଶୀରିଶବଣି ତୃତୀୟ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଆହ୍ୱାନର ସଭାପତି ପଦ୍ମନାଭ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ ଅଧକ୍ଷା ଡ଼ଃ ସାଗରିକା ସିଂହ ମୁଖ୍ୟ ଅତିଥି, ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା ମୁଖ୍ୟବକ୍ତା, ବିଚାରକ ଭାବରେ ବରିଷ୍ଠ ବୈଜ୍ଞାନିକ ଡଃ ରୟ, ଡଃ ଦ୍ୱାରୀ ଏବଂ ଡଃ ସଂଘମିତ୍ରା ଯୋଗଦେଇ ଛାତ୍ରସମାଜକୁ ଗବେଷଣା ଓ ନୂତନ ଉଦ୍ଭାବନରେ ବ୍ରତୀ ହେବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଧାପକ ଡଃ ଦେବେଶ ହୋତାଙ୍କ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ଆବାହକ ସତ୍ୟଦୀପ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସଭ୍ୟ ଅଜିତ କୁମାର କବାଟ, ସୋମଦତ୍ତ ପାଢ଼ୀ, ଶିଉଲାଲ ମହାନ୍ତ ଅଧାପିକା ସୁଶାନ୍ତି ପ୍ରଧାନ, ମେଘମାଳା ବେହେରା, ଅନୁପୋମା ଭୋଳ, ପ୍ରବୋଧ କୁମାର ଦେ, ସ୍ମିତା ଦାସ, ଡଃ ଅନ୍ନପୂର୍ଣ୍ଣା ଧଳ, ଅଧାପକ ଅରୁଣ କୁମାର ପାତ୍ର, ସଞ୍ଜିତ କୁମାର ଦାସ, ସଙ୍ଗୀତା ସୁର, ଅଭିଳାଷ ଆଚାର୍ଯ୍ୟ, ସୌମ୍ୟା ଦାସ ଓ ଲିପ୍ସାରାଣୀ ଗିରି ପ୍ରମୁଖ ସହଯୋଗ କରିଥିବା ବେଳେ, କାର୍ଯ୍ୟକାରୀ ସଭାପତି ଡଃ ପ୍ରକାଶ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## କୃଷି ମହାବିଦ୍ୟାଳୟ କ୍ରିୟାନୁଷ୍ଠାନ ସମିତିର ବୈଠକ




ବାଲେଶ୍ୱର, ୧୩/୧୦ (ନି.ପ୍ର): ବାଲେଶ୍ୱର ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠାପାଇଁ ପ୍ରୟାସ ଜାରିରଖିଥିବା କ୍ରିୟାନୁଷ୍ଠାନ ସମିତିର ଏକ ବୈଠକ ସମିତିର ସଭାପତି ଡ. କେଶବ ଚରଣ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଅଭୟ ଚନ୍ଦ୍ର ମିଶ୍ର ବିବରଣୀ ବୈଠକରେ ଉପସ୍ଥାପନ କରିଥିଲେ। ସଭାପତି ଡ. ପଣ୍ଡା ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ବାଲେଶ୍ୱର ଜିଲ୍ଲାରେ ପ୍ରତିଷ୍ଠା ପାଇଁ କ୍ରିୟାନୁଷ୍ଠାନ ସମିତିର ନିରବଚ୍ଛିନ୍ନ ଆନ୍ଦୋଳନ ଓ ପ୍ରୟାସ ସଂପର୍କରେ କହିଥିଲେ। ପୂର୍ବ ବୈଠକର ନିଷ୍ପତ୍ତି ଅନୁସାରେ ଗତ ତା୧୮-୦୯-୨୦୨୫ରିଖରେ ସମିତିର ସଭ୍ୟସଭ୍ୟାମାନେ ଭାସ୍କରଗଞ୍ଜ ଥାନାଛକ ଠାରୁ ଏକ ରାଲିରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ସରକାର ଗୋଚରାର୍ଥେ ତୁରନ୍ତ ବାଲେଶ୍ୱର ଠାରେ ଏକ କୃଷି ମହାବିଦ୍ୟାଳୟ ସ୍ଥାପନ ପାଇଁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଇତିମଧରେ ଓଡ଼ିଶା ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ ଶ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ ବାଲିଆପାଳ ବିଧାୟକ ଗୌତମ ବୁଦ୍ଧ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବସ୍ତା ବିଧାୟିକା ସୁବାସିନୀ ଜେନା ଓ ସଦର ବିଧାୟକ ମାନସ ଚନ୍ଦ୍ର ଦତ୍ତ ମିଳିତ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ବୋଲି ସମ୍ପାଦକ ଡ. ମିଶ୍ର ବୈଠକରେ ପ୍ରକାଶ କଲେ। କୃଷିମନ୍ତ୍ରୀ ଏହା ବିଚାର କରିବେ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେଥିପାଇଁ ଉପସ୍ଥିତ ସଭ୍ୟ ସଭ୍ୟାମାନେ ସମସ୍ତ ବିଧାୟକ ଓ କୃଷିମନ୍ତ୍ରୀଙ୍କୁ ତାଙ୍କର ଆନ୍ତରିକତା ଓ ଚେଷ୍ଟା ପାଇଁ ସାଧୁବାଦ ତଥା ଧନ୍ୟବାଦ ଜଣାଇଛନ୍ତି। କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ନିରଞ୍ଜନ ରାଉତ, ଡ. କ୍ଷିତୀଶ୍ୱର ଦାଶ, ଗୋବିନ୍ଦ ବଲ୍ଲଭ ଭୋଇ, ହରନାରୟଣ ମଢୁଆଳ, ସରସ୍ୱତୀ ପଣ୍ଡା, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ସାକ୍ଷାତ କରି ଏ ଦାବି ଉପସ୍ଥାପନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଏହି ବୈଠକରେ ଶ୍ୟାମସୁନ୍ଦର ଜେନା, ଅକ୍ଷୟ କୁମାର ତ୍ରିପାଠୀ, ଭୂପତି କୁମାର ପାତ୍ର, ଡା. ତାରାକାନ୍ତ ନନ୍ଦ, ମନୋଜ କୁମାର ବେହେରା, ରବି ନାରାୟଣ ଭୋଳ, ଯୋଗେଶ ଚନ୍ଦ୍ର ପ୍ରଧାନ, ରବି କୁମାର ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅପର୍ଣ୍ଣା ମହାପାତ୍ର, ନାରାୟଣ କୁମାର ଦାସ, ସଞ୍ଜିବ ପ୍ରଧାନ, ବ୍ରଜେନ୍ଦ୍ର ବେହେରା ଓ ପୁରୁଷୋତ୍ତମ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସଂଯୁକ୍ତା ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଭଦ୍ରକର ଐତିହାସିକ କାଳୀ ପୂଜା ଅନୁଶାସିତ ଓ ଗୌରବମୟ ଆୟୋଜନ ପାଇଁ ନୂତନ ପଦକ୍ଷେପ

ଭଦ୍ରକ, ୧୩/୧୦ (ନି.ପ୍ର): ଭଦ୍ରକ ରପରିଚୟ ହେଉଛି ଶ୍ରଦ୍ଧା, ଭକ୍ତି ଓ ସାଂସ୍କୃତିକ ଗରିମାର ସଂଯୋଗ। ଏହି ପାରମ୍ପରିକ ଓ ଐତିହାସିକ କାଳୀ ପୂଜାକୁ ଅଧିକ ବ୍ୟବସ୍ଥିତ ଓ ଗରିମାମୟ ଭାବରେ ଆୟୋଜନ କରିବା ଉଦ୍ଦେଶ୍ୟରେ ମାନ୍ୟବର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜ, ମାନ୍ୟବର ଭଦ୍ରକ ବିଧାୟକ ସୀତାଂଶୁ ସେଖରପମହାପାତ୍ର, ମାନ୍ୟବର ସାଂସଦଙ୍କ ପ୍ରତିନିଧି ତଥା ଜିଲ୍ଲା ସଭାପତି ଶ୍ରୀ ଭଗବାନ ପଣ୍ଡା, ଜିଲ୍ଲା ପ୍ରଶାସନ ଓ ସମସ୍ତ ମେଢ଼ କମିଟିର ବରିଷ୍ଠ ସଦସ୍ୟମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଏକ ଐତିହାସିକ ନିଷ୍ପତି ଚଳିତ ବର୍ଷ ଠାରୁ ପ୍ରତିବର୍ଷ ୯ ଦିନ ଧରି କାଳୀ ପୂଜା ମେଳା ଆୟୋଜନ ହେବ।ଏହା ଭଦ୍ରକ ଜନତାଙ୍କ ଦୀର୍ଘକାଳୀନ ଆକାଂକ୍ଷାକୁ ସାର୍ଥକ କରିଛି।ଏହା ସହ ପ୍ରଥମଥର ପାଇଁ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଏକ ଅତ୍ୟନ୍ତ ଗୌରବମୟ ପରିକଳ୍ପନା ପୂଜା ମଣ୍ଡପଗୁଡ଼ିକରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବା ସହ ପୂଜା କମିଟି ମାନଙ୍କୁ ଉତ୍ସାହିତ କରିବା ପାଇଁ ୫୦,୦୦୦ ଟଙ୍କା ର ଆର୍ଥିକ ଅନୁଦାନ ପ୍ରଦାନ କରିବା ଘୋଷଣା ହୋଇଛି। ଏହି ଘୋଷଣା ନିଶ୍ଚୟ ଭାବେ ସମସ୍ତ ଭଦ୍ରକ ବାସୀଙ୍କ ମନକୁ ଆନନ୍ଦିତ କରିଛି।ଏହି ଦୃଷ୍ଟିସମ୍ପନ୍ନ ପଦକ୍ଷେପ ଓ ପ୍ରୟାସ ପାଇଁ ଭଦ୍ରକ ଜନତାଙ୍କ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମହୋନଚରଣ ମାଝୀ ମହୋଦୟ ଓ ମାନ୍ୟବର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜ ଏବଂ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠି କହିଥିଲେ।

# ଚେତନଟୀ ବିଡିଓଙ୍କ ଦ୍ୱାରା ନିର୍ମାଣାଧିନ ସମିତି ଗୃହରୁ ୩୫ ବସ୍ତା ବାଣକୁ ବୈଶିଙ୍ଗା ପୋଲିସ ଜବତ ଘଟଣାର ତଦନ୍ତ ବାଟବଣା ଅଭିଯୋଗ



ବୈଶିଙ୍ଗା, ୧୩/୧୦ (ନି.ପ୍ର): ଗତ ଅକ୍ଟୋବର ୫ ତାରିଖ ଦିନ କୌଣସି ସୂତ୍ରରୁ ଖବର ପାଇ ବୈଶିଙ୍ଗା ପୋଲିସ ବାଛୁରୀପଡ଼ାର ଏକ ନବ ନିର୍ମିତ ସରକାରୀ ସମିତି ଗୃହର ତାଲା କୁ ମାଜିଷ୍ଟ୍ରେଟ ଈଶ୍ୱର ଚନ୍ଦ୍ର ରଣା ଉପସ୍ଥିତିରେ ଭଙ୍ଗାଯାଇ ୩୫ ବସ୍ତା ବିସ୍ଫୋରକ ତିଆରି ବାଣ ଜବତ କରିବା ସହିତ ୫୦୫/୨୫ ମୂଳେ ମାମଲା ରୁଜୁ କରିଥିଲା । ମାତ୍ର ଏହାର ତଦନ୍ତ ବାଟ ବଣା ହୋଇଥିବାର ସାଧାରଣରେ ଅଭିଯୋଗ ହୋଇ ଥିଲା । ଏହାକୁ ଆଧାର କରି ବିମଳେନ୍ଦୁ ମହାପାତ୍ର ପୁନଃ ତଦନ୍ତ କରି ଦୋଷୀକୁ ଦଣ୍ଡ ଦେବାକୁ ଅନୁରୋଧ କରି ଏକ ପିଟିସନ ଦାଏର କରିଥିଲେ । ଏହାର ପ୍ରକୃତ କାରଣ ହେଉଛି ଚେତନଟୀ ବିଡିଓ ଙ୍କ ଅନୁମତି ମୂଳେ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର କୁମାର ସାହୁ ଙ୍କ ନାମରେ କାର୍ଯ୍ୟାଦେଶ ଦେବା ସହିତ ୮ଲକ୍ଷ ୫୦ ହଜାର ଟଙ୍କାର ଅନୁଦାନ ମଞ୍ଜୁରୀ ମିଳିଥିଲା । ଏହି ଗୃହଟି ବନ ସୁରକ୍ଷା ସମିତିଙ୍କୁ ହସ୍ତାନ୍ତର କରାଯିବା କଥା । ମାତ୍ର କନିଷ୍ଠ ଯନ୍ତ୍ରୀ ଶ୍ରୀ ସାହୁଙ୍କ କହିବାନୁସାରେ ଘରର କାର୍ଯ୍ୟ ସରିନଥିଲା ଏଣୁ ହସ୍ତାନ୍ତର କରାଯାଇନଥିଲା ।ଏହି ଘରଟି ର ନିର୍ମାଣ ଦାୟିତ୍ୱ ବିଜେପି ମଣ୍ଡଳ ସଭାପତି ଶାନ୍ତନୁ କୁମାର ପଣ୍ଡା ବୁଝୁଥିଲେ ଏଣୁ ତାଙ୍କ ପାଖରେ ଘରର ଚାବିକାଠି ରହିଥିଲା ବୋଲି କନିଷ୍ଠ ଯନ୍ତ୍ରୀ ଶ୍ରୀ ସାହୁ ପ୍ରକାଶ କରିଥିଲେ । ତେବେ ଏଠାରେ ପ୍ରଶ୍ନ ଉଠୁଛି ପୋଲିସ ସଠିକ୍ ତଦନ୍ତ କରିଥିଲେ ବିଡିଓ ଶୁଶାନ୍ତ କୁମାର ସୁତାର, ସହକାରୀ ଯନ୍ତ୍ରୀ ସୌମ୍ୟଶ୍ରୀ ଭୋଇ ଏବଂ କନିଷ୍ଠ ଯନ୍ତ୍ରୀ ଙ୍କୁ ତଦନ୍ତ ପରିସରକୁ ଆଣିଥାନ୍ତେ । ଅନ୍ୟ ପଟେ ବିଡିଓ ନିଜେ ମଧ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ସାହୁ ଙ୍କ ବିରୋଧରେ ପୋଲିସ ନିକଟରେ ଅଭିଯୋଗ କରିପାରିଥାନ୍ତେ । ଏଥିରୁ ଯାହା ଅନୁମାନ କରା ଯାଉଛି ଏହି ଘଟଣାକୁ ଚାପି ଦେବା ପାଇଁ ସରକାରୀ ଦଳର ନେତା ଚାପ ପକାଇ ପାରିଥାନ୍ତି । ସେଥିପାଇଁ ଆଜି ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡାଙ୍କୁ ସାକ୍ଷାତ କରି ସମସ୍ତ ବିଷୟ ଅବଗତ କରାଇଥିଲେ ଅଭିଯୋଗକାରୀ । ଏହି ଘଟଣାକୁ ନେଇ ବାଛୁରୀପଡାରେ ଚଳିତ ବର୍ଷ ବାଣ ମେଳା ପାଇଁ ସରକାରୀ ମଞ୍ଜୁରୀ ମିଳିବ କି ନାହିଁ ତାହା ଜିଲ୍ଲାପାଳ ସ୍ଥିର କରିବେ ବୋଲି କହିଥିଲେ ।

# ପାଇପ ଫାଟି ଆଁ: ଗ୍ରାମବାସୀ ହନ୍ତସନ୍ତ, ବିଶୁଦ୍ଧ ପାଣିରୁ ବଂଚିତ

ବାଲେଶ୍ୱର, ୧୩/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସୋରୋ ଥାନା ଅଧୀନରେ ଥିବା ନଟାପଡା ପଂଚାୟତର ଓ୍ୱାଦା , ଶିଆଳ ଗୋଠ, ମୁଣ୍ଡ ମରା ଆଦି ପାଞ୍ଚଟି ଗ୍ରାମକୁ ଗ୍ରାମ୍ୟ ପାନୀୟ ଜଳ ଯୋଜନା ରେ ସରକାରଙ୍କ ତରଫରୁ ଜଳ ଯୋଗାଇ ଦିଆ ଯାଇଛି ।ମାତ୍ର ଲକ୍ଷ୍ୟ କରାଯାଉଛି ଆଜକୁ ଆଠ ନଅ ମାସ ଧରି ଏହି ଗ୍ରାମ ମଧ ଦେଇ ଅତିକ୍ରମ କରିଥିବା ସୋରୋ ମଣିପୁର ମୁଖ୍ୟ ରାସ୍ତାର ରାସ୍ତା କଡରେ ଯାଇଥିବା ପାଇପ ଲାଇନ ଫାଟି ଯିବା ଫଳରେ ସେଥିରୁ ପ୍ରଚୁର ପରିମାଣରେ ପାନୀୟ ଜଳ ନଷ୍ଟ ହେବାରେ ଲାଗିଛି । କେବଳ ନଷ୍ଟ ହେଉ ନାହିଁ ବରଂ ପାଣି ମଧ ଦୂଷିତ ହୋଇ ପରିବେଶକୁ ନଷ୍ଟ କରିବା ସହ ଜନ ଜୀବନର ଅନେକ କ୍ଷତି କରୁଛି । ଏହି ଦୂଷିତ ଜଳ ପାନ କରି ଅନେକ ରୋଗରେ ଆକ୍ରାନ୍ତ ହେବାରେ ଲାଗିଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟର ଉଚ୍ଚ ପଦାଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳୁ ନାହିଁ । ଏହା ମଧରେ ଅନେକ ଥର ଫୋନ କଲେବି କେହି ଉଠାଉ ନାହାନ୍ତି । ଯାହା ଫଳରେ ଏଯାବତ ଫାଟି ଯାଇଥିବା ପାଇପର କୋଣସି ମରାମତି ହୋଇ ପାରୁନାହିଁ । ସରକାରଙ୍କର ଜଳ ସଞ୍ଚୟ ଅଭିଯାନ ଚାଲିଥିଲା ବେଳେ , ଅଯଥାରେ ଜଳ କ୍ଷୟ ହେଉଛି ଏବଂ ପରିବେଶ ମଧ କର୍ଦ୍ଦମାକ୍ତ ରହୁଛି । କେବଳ ସେତିକି ନୁହେଁ, ଭୂ -ତଳ ଜଳର ଧାରା କ୍ରମଶଃ କମିବାରେ ଲାଗିଛି । ଅନୁସନ୍ଧାନରୁ ଜଣା ପଡିଛିଯେ, କେତେକ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀର ବ୍ୟକ୍ତି ମାନେ ଏସମସ୍ତ ଘଟଣା ଜାଣି ମଧ ନୀରବ ରହୁଛନ୍ତି । ତେଣୁ ଏହି ଘଟଣା ର ବିଧିବଦ୍ଧ ଅନୁସନ୍ଧାନ କରାଯାଇ ଯଥା ଶୀଘ୍ର ଫାଟି ଯାଇଥିବା ପାଇପ ଟିକୁ ମରାମତି କରାଯିବା ସହ ଜଳର ଅପଚୟ କିପରି ନ ହେବ ଏବଂ ସ୍ଥାନୀୟ ବାସିନ୍ଦା କିପରି ନିର୍ମଳ ତଥା ଶୁଦ୍ଧ ଜଳ ପାଇ ପାରିବେ,



ଜିଲ୍ଲା ପ୍ରଶାସନ ଉଚିତ ପଦକ୍ଷେପ ନେବା ପାଇଁ ସର୍ବ ସାଧାରଣରେ ଦାବି ହେଉଛି ।

# ଗୁଣିଆ ଅଭିନୟ କରି ବିବାହିତା ମହିଳାଙ୍କୁ ଦୁଷ୍କର୍ମ: ଅଭିଯୁକ୍ତ ଗିରଫ

ବସ୍ତା, ୧୩/୧୦ (ନି.ପ୍ର): ଘରକୁ ଘର ବୁଲି ଫୁଙ୍କା ଝଡା କରୁଥିବା ବ୍ୟକ୍ତି ଶେଷରେ ବିବାହିତା ମହିଳାଙ୍କୁ ଦୁଷ୍କର୍ମ କରି ଗିରଫ ହେବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାରୁ ପ୍ରକାଶ ଯେ ବାହାବଳପୁର ସାମୁଦ୍ରିକ ଥାନା ବଗଦାର ଜଣେ ବିବାହିତା ମହିଳାଙ୍କୁ ଗୁଣ ଗାରେଡି ଦ୍ୱାରା ସମସ୍ୟାର ସମାଧାନ କରିଦେବ ବୁଲି କହି ଦୁଷ୍କର୍ମ କରିବା ଅଭିଯୋଗରେ ସିଂଲା ଥାନା ଗୋପୀନାଥପୁର ଗାଁର ଶେଖ ଓହାବ ର ପୁଅ ଶେଖ ଇସ୍ତେଖାରକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।ଏ ସଂକ୍ରାନ୍ତରେ ପୁଲିସ କେଶ ନଂ ୩୧/୨୦୨୫ରେ ବିଭିନ୍ନ ଦଫାରେ ଇସ୍ତେଖାର ବିରୋଧରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ନୀଳମଣି ମହାବିଦ୍ୟାଳୟରେ ନାରୀ ସୁରକ୍ଷା ଓ ଅଧିକାର ସମ୍ପର୍କିତ ଆଲୋଚନାଚକ୍ର




ରୂପ୍ସା , ୧୩/୧୦ (ନି.ପ୍ର): ନୀଳମଣି ମହାବିଦ୍ୟାଳୟ ଶକ୍ତିଶ୍ରୀ ସେଲ ତରଫରୁ ଆୟୋଜିତ 'ନାରୀ ସୁରକ୍ଷା ଓ ଅଧିକାର 'ସମ୍ପର୍କିତ ଏକ ଆଲୋଚନା ଚକ୍ର ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ତପନ କୁମାର ବେହେରାଙ୍କ ଅଧକ୍ଷତାରେ ତା. ୧୧.୧୦.୨୫ରିଖ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଶକ୍ତିଶ୍ରୀ ର ସଂଯୋଜିକା ଡ଼ଃ ସୁଜାତା ରାଣୀ ଗିରି ପ୍ରାରମ୍ଭିକ ସୂଚନା ସହ ନାରୀ ସୁରକ୍ଷା ଓ ଅଧିକାର ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ପୂର୍ବତନ ଜୁନିଅର ଟେଲିକମ ଅଫିସର ଓ ସମାଜସେବୀ ସୁଧାକର ଗିରି ନାରୀ ସୁରକ୍ଷା ଓ ଅଧିକାର ସମ୍ପର୍କରେ ସବିଶେଷ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓଉଉ କମିଟିର ଆବାହକ ପ୍ରାଧାପିକା କଳ୍ପନା ମଞ୍ଜରୀ ପାତ୍ର ପାରମ୍ପାରିକ ନାରୀ ଓ ଆଧୁନିକ ନାରୀ ସମ୍ପର୍କରେ ଏକ ତୁଳନାତ୍ମକ ତଥ୍ୟ ଉପସ୍ଥାପନ କରିଥିଲେ। ସମ୍ମାନିତ ବକ୍ତା ଭାବେ ଶମ୍ଭୁ ନାଥ ଗିରି ନାରୀ ସମାଜର ମୁକ୍ତି ଓ ସାମାଜିକ ଅପରାଧ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଘ୫୫ ଅଫିସର ଅଧାପକ ଗୌରାଙ୍ଗ ପଣ୍ଡା, ଅଧାପିକା ପିନାକୀ ପଣ୍ଡା, ବାସନ୍ତୀ ସାହୁ ପ୍ରମୁଖ ନାରୀ ସୁରକ୍ଷା ଓ ଅଧିକାର ଉପରେ ମତ ଉପସ୍ଥାପନ କରିଥିଲେ। ପରିଶେଷରେ ଶକ୍ତିଶ୍ରୀ ସେଲର ସାଥି ଅଧାପିକା ରଶ୍ମିତା ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।+୩ଶ୍ରେଣୀ ର ସମସ୍ତ ଛାତ୍ର ଛାତ୍ରୀ ଏହି ଆଲୋଚନା ଚକ୍ର ଆୟୋଜନ କରିଥିଲେ।

# ସଟ ସର୍କିଟରେ ୪ ବଖରା ଘର ଜଳିଗଲା: ନେତୃମଣ୍ଡଳୀ ଓ ସାମାଜିକ ସଙ୍ଗଠନ ପକ୍ଷରୁ ସହାୟତା ପ୍ରଦାନ



ଜଳେଶ୍ୱର, ୧୩/୧୦ (ନି.ପ୍ର): ସର୍ଟ ସର୍କିଟ ଯୋଗୁ ଜଣେ ଅସହାୟ ବିଧବା ମହିଳାଙ୍କ ୪ ବଖରା ଘର ଜଳିଗଲା।ଏପରି ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳୀକୁଠା ଗ୍ରାମରେ। ଗ୍ରାମର ସ୍ୱର୍ଗତ ଜୟଚନ୍ଦ୍ର ଜେନାଙ୍କ ବିଧବା ପତ୍ନୀ ପଦ୍ମାବତୀ ପଡିଶା ଘରକୁ ଯାଇଥିବା ବେଳେ ଦିନ ୧୧ ଘଟିକା ସମୟରେ ହଠାତ ଘରେ ନିଆଁ ଲାଗି ଯାଇଥିଲା। ଗ୍ରାମବାସୀ ତଥା ପଡିଶା ମାନେ ବହୁ ଚେଷ୍ଟା କରିଥିଲେ ବି ନିଆଁକୁ ଆୟତ କରି ପାରିନଥିଲେ।ପରେ ଦମକଳ ପହଞ୍ଚିଲା ବେଳକୁ ୪ ବଖରା ଘର ନିଆଁରେ ପାଉଁଶ ହୋଇ ଯାଇଥିଲା ।ଘରେ ଥିବା ଲକ୍ଷାଧିକ ଟଙ୍କାର ଆସବା ପତ୍ର ଓ ନଗଦ ୧୮ ହଜାର ଟଙ୍କା,ସୁନା ଗହଣା ପୋଡି ଯିବା ସହିତ ଧାନ ଚାଉଳ ଲୁଗା ପଟା ଜଳି ଯାଇଛି।ତାଙ୍କର ଜମିବାଡ଼ି କିଛି ନଥିବାରୁ ପିଲା ଦୁଇ ଜଣ ବାହାର ରାଜ୍ୟରେ ଦାଦନ ଶ୍ରମିକ ଭାବରେ କାର୍ଯ୍ୟ କରନ୍ତି। ଘଟଣାର ଖବର ପାଇ ବହୁ ଲୋକ ପହଞ୍ଚି ଥିବା ବେଳେ ଆରୁହା ସରପଞ୍ଚଙ୍କ ପ୍ରତିନିଧି ତଥା ସାମ୍ବାଦିକ ମନୋଜ କୁମାର ଭୂୟାଁ,ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟ ରାଜେନ୍ଦ୍ର ପାତ୍ର, ସମାଜ ସେବୀ ଶ୍ରୀକଣ୍ଠ ମାହାନ୍ତି, ଗ୍ରାମ ମୁଖ୍ୟ ଗଣେଷ ଚନ୍ଦ୍ର ପରିଡା ତଥା ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ପହଞ୍ଚି ଅସହାୟ ପଦ୍ମାବତୀଙ୍କୁ ଶାନ୍ତନା ଦେବା ସହିତ ତୁରନ୍ତ ସରକାର ଅନ୍ତର୍ଦୟ ଯୋଜନାରେ ଏକ ଆବାସ ଗୃହ ଦେବା ସହିତ କ୍ଷତି ପୂରଣ ବାବଦକୁ ଆର୍ଥିକ ସାହାଯ୍ୟ ପୀଡ଼ିତାଙ୍କ ପରିବାରକୁ ଯୋଗାଇ ଦେବାକୁ ଦାବି କରିଛନ୍ତି।ଖବର ପାଇ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ନିର୍ଦ୍ଦେଶରେ ଜଳେଶ୍ୱର ସଦର ଆର ଆଇ ସରୋଜ ଭଞ୍ଜ ପହଞ୍ଚି ତଦନ୍ତ କରି ପୀଡ଼ିତାଙ୍କ ପରିବାରକୁ ଦୁଇଟି ପଲଥିନ ଯୋଗାଇ ଦେଇଛନ୍ତି।ତତ୍ ସହିତ ଖୁବ ଶୀଘ୍ର ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ତହସିଲଦାର ସତ୍ୟଜିତ ମହାନ୍ତି କହିଛନ୍ତି। ଘଟଣା ପରେ ପରେ ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନଙ୍କ ସହ ଯୁବ ନେତା କାଳୀଚରଣ ଦାସ ତଥା ନେତୃ ମଣ୍ଡଳୀ ପହଞ୍ଚି ଏବେ ଅସ୍ଥାୟୀ ଘର ନିର୍ମାଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ସମସ୍ତ ରେଶନ ସାମଗ୍ରୀ,ଶୁଖିଲା ଖାଦ୍ୟ,ଲୋଗାପଟା ପ୍ରଦାନ କରିଥିଲେ।ସରକାରଙ୍କ ତରଫରୁ କେମିତି ଖୁବ ଶୀଘ୍ର ଅନ୍ତର୍ଦ୍ଦ୍ୟ ଗୃହ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ନୂଆ ଘର ପାଇ ପାରିବେ ତାର ବ୍ୟବସ୍ଥା କରିବେ ବୋଲି ବ୍ରଜ ମୋହନ ପ୍ରଧାନ କହିଛନ୍ତି। ସେହିପରି ସେଲ୍ଫ ହେଲ୍ପ ସଂଗଠନର ସଭାପତି ମହାପ୍ରସାଦ ପାତ୍ର,ସମ୍ପାଦକ ଦିବ୍ୟଜ୍ୟୋତି ମହାନ୍ତି, କୋଷାଧକ୍ଷ ହିମାଂଶୁ ଶେଖର ଜେନା,ସଦସ୍ୟା ରମିତା ବିଶ୍ୱାଳ,ପୂର୍ଣ୍ଣିମା ଦେ, ରାଜେନ୍ଦ୍ର ଗିରି, ଦିଲୀପ ଜେନା, ଦେବ ଶଙ୍କର ସାହୁ, ଗୋପାଳ ଭୂୟାଁ ପ୍ରମୂଖ ସଦସ୍ୟ ମାନେ ପହଞ୍ଚି ରେଶମ ସାମଗ୍ରୀ ପ୍ରଦାନ କରିଛନ୍ତି।

# ନବୀନ ପଟ୍ଟନାୟକଙ୍କ ସହ ଲୋକ ଆଉ ନାହାନ୍ତି : ତାରା ବାହିନୀପତି

ଭୁବନେଶ୍ୱର, ୧୩/୧୦ (ନି.ପ୍ର): ନବୀନ ପଟ୍ଟନାୟକଙ୍କ ସହ ଲୋକ ଆଉ ନାହାନ୍ତି। ଲୋକ ନବୀନଙ୍କ ସହ ଥିଲେ ତାଙ୍କ ପ୍ରାର୍ଥୀ ବିଜେପିକୁ ଯାଇ ନ ଥାନ୍ତେ। ବିଜେଡିକୁ ପ୍ରାର୍ଥୀ ମିଳୁ ନାହାନ୍ତି, ବାହାର ଦଳର ଆମଦାନୀ କରିବାକୁ ବସିଲେଣି ବୋଲି କହିଛନ୍ତି ବରିଷ୍ଠ କଂଗ୍ରେସ ବିଧାୟକ ତାରା ବାହିନୀପତି। ସେ କହିଛନ୍ତି ଯେ ବିଜେପି ଓ ବିଜେଡି ବଡ଼ ବେପାରୀ ଦଳ, ଆମେ ଲୋକଙ୍କ ଦଳ। କଂଗ୍ରେସ ପ୍ରାର୍ଥୀ ଆଦିବାସୀ, ସେଠି ଆଦିବାସୀଙ୍କୁ ଗୁରତ୍ୱ ଦିଆଯାଇଛି। ଆଦିବାସୀମାନେ ବିକ୍ରି ହୋଇଥିବା ଲୋକଙ୍କୁ ଘୃଣା କରନ୍ତି। ତେଣୁ ଅନୁକମ୍ପା ଆଉ କାମ ଦେବନି । ଜୟ ଯେହେତୁ ଦଳ ବଦଳାଇଛନ୍ତି ନୂଆପଡ଼ାରେ ଲୋକ ତାଙ୍କୁ ଗ୍ରହଣ କରିବେ ନାହିଁ। ତେଣୁ ସେ ଟିକ୍ଷି ପାରିବିନି। କଂଗ୍ରେସର ପ୍ରଚାର ଆରମ୍ଭ ହୋଇଗଲାଣି। ପ୍ରଚାର ପାଇଁ ଏଆଇସିସିର ଦାୟିତ୍ୱରେ ଯେଉଁମାନେ ଅଛନ୍ତି ସେମାନେ ଆସିବେ। ପିସିସି ସଭାପତି ଭକ୍ତ ଦାସ ଏକା କାଫି। ବିଜେପିର ମନ୍ତ୍ରୀ ଯନ୍ତ୍ରୀ ତନ୍ତ୍ରୀ ଓ ଟଙ୍କା ଲଗାଇବେ। ହେଲେ ଆଦିବାସୀ ଟଙ୍କାରେ ବିକ୍ରି ହେବେ ନାହିଁ। ବୋଲି କହିଛନ୍ତି ତାରା ବାହିନୀପତି।

# ଅଗ୍ନିପଥ ଯୋଜନାରେ ସେନା ନିଯୁକ୍ତି ପାଇଁ ଭୁବନେଶ୍ୱର ସୈନିକ ସ୍କୁଲଠାରେ ନିଯୁକ୍ତି ରାଲି

ବାରିପଦା, ୧୩/୧୦ (ନି.ପ୍ର): କଟକ, ପୁରୀ, ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଜଗତସିଂପୁର, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲ୍ଲା ପାଇଁ ଅଗ୍ନିପଥ ଯୋଜନା ଅଧୀନରେ ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରାର୍ଥୀଙ୍କ ପାଇଁ ସେନା ନିଯୁକ୍ତି ରାଲି ୨୨ ଅକ୍ଟୋବରରୁ ୨୬ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ଭୁବନେଶ୍ୱର (ଓଡିଶା)ର ସୈନିକ ସ୍କୁଲରେ ଅନୁଷ୍ଠିତ ହେବ। ନିଯୁକ୍ତି ରାଲି ସମୟରେ ଅନଲାଇନ୍ କମନ୍ ଏଣ୍ଟ୍ରାନ୍ସ ପରୀକ୍ଷାରୁ ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରାର୍ଥୀମାନଙ୍କୁ ଶାରୀରିକ ସୁସ୍ଥତା ପରୀକ୍ଷା ଏବଂ ଡାକ୍ତରୀ ପରୀକ୍ଷା ପାଇଁ ଡକାଯାଇଛି। ପ୍ରାର୍ଥୀଙ୍କ ପ୍ରବେଶ ପତ୍ର ସେମାନଙ୍କର ପଞ୍ଜିକୃତ ଇମେଲ୍ ଆଇଡିକୁ ପଠାଯାଇଛି। ପ୍ରାର୍ଥୀମାନେ ଭାରତୀୟ ସେନାରେ ଯୋଗ ଦିଅନ୍ତୁ ୱେବସାଇଟ୍ www.joinindianarmy.nic.in ରେ ସେମାନଙ୍କର ପ୍ରୋଫାଇଲ୍‌ରେ ଲଗ୍ ଇନ୍ କରି ନିଯୁକ୍ତି ରାଲି ପାଇଁ ସେମାନଙ୍କର ପ୍ରବେଶ ପତ୍ର ଡାଉନଲୋଡ୍ କରିପାରିବେ । ଯେକୌଣସି ପ୍ରଶ୍ନ ପାଇଁ, ପ୍ରାର୍ଥୀମାନେ କଟକର ସେନା ନିଯୁକ୍ତି କାର୍ଯ୍ୟାଳୟ ସହିତ ଯୋଗାଯୋଗ ନମ୍ବର ୦୬୭୧୨୩୦୫୨୮୦, ୯୪୩୭୧୬୨୨୮୦ ରେ ଯୋଗାଯୋଗ କରିପାରିବେ । ନିଯୁକ୍ତି ପ୍ରକ୍ରିୟା ସମୟରେ ପ୍ରାର୍ଥୀମାନଙ୍କୁ ସେମାନଙ୍କର ମୂଳ କାଗଜପତ୍ର କୌଣସି ବ୍ୟକ୍ତିକୁ ହସ୍ତାନ୍ତର ନକରିବାକୁ ପରାମର୍ଶ ଦିଆଯାଇଛି ଯାହା ଦ୍ୱାରା ସେମାନେ ଦଲାଲ/ ଏଜେଣ୍ଟଙ୍କ ଘୃଣ୍ୟ କାର୍ଯ୍ୟକଳାପର ଶିକାର ନହୁଅନ୍ତି। ଏପରି ଯେକୌଣସି ଘଟଣା ଘଟିଲେ ତୁରନ୍ତ ସ୍ଥାନୀୟ ପୋଲିସ ଏବଂ କଟକର ସେନା ନିଯୁକ୍ତି କାର୍ଯ୍ୟାଳୟର ନିଯୁକ୍ତ କର୍ମଚାରୀଙ୍କୁ ରିପୋର୍ଟ କରାଯିବା ଉଚିତ ସ୍ଥାନୀୟ ପୋଲିସ ଏବଂ ସିଭିଲ୍ ପ୍ରଶାସନ ମାଧମରେ ନିଯୁକ୍ତ ରାଲି ସମୟରେ ଏପରି ଦଲାଲ/ ଏଜେଣ୍ଟ ଏବଂ ଅପବ୍ୟବହାରକୁ ଗିରଫ କରିବା ପାଇଁ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଆର୍ମି ରିକୃଟମେଣ୍ଟ କଟକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ବାଲୁକେଶ୍ୱର କ୍ଲଷ୍ଟରରେ ଶିଶୁ ମହୋତ୍ସବ ସୁରଭି ୨୦୨୫ ଓ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ



ଭଦ୍ରକ, ୧୩/୧୦ (ନି.ପ୍ର): ବନ୍ତ ବ୍ଲକ ବାଲୁକେଶ୍ୱର ଆଂଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୫ ଓ ପ୍ରତିଯୋଗିତା କାର୍ଯ୍ୟକ୍ରମ ବାଲୁକେଶ୍ୱର ସରକାରୀ ଉ.ପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନିରୁଦ୍ଧ ମଙ୍ଗଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜସେବୀ ପଦ୍ମନାଭ ବିନ୍ଧାଣି , ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ସନାତନ ପେଡି, ସମ୍ମାନୀତ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ମହାନ୍ତି, ସରପଂଚ ହିରେନ୍ଦ୍ର ଖିଲାର,ସମିତିସଭ୍ୟା ଜେମାମଣୀ ସେଠୀ, ପରିଚାଳନା କମିଟି ସଭାପତି କାହ୍ନୁଚରଣ ସେଠୀ, ଉପସଭାନେତ୍ରୀ ମିନତୀ ସାହୁ, ପୂର୍ବତନ ସିଆରସିସି କରୁଣାକର ନାୟକ,ବିଆରଟି ଟୁନାବାଳା ମହାନ୍ତି ଓ ଭରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିବା ବେଳେ ସତ୍ୟଭାମା ବେଜ, ବାଲୁକେଶ୍ୱର ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ବନମାଳୀ ବହଳି, ସମରେନ୍ଦ୍ର ନାୟକ, ତପସ୍ୱିନୀ ପହି, ଶରତ ନାୟକ, ପ୍ରକାଶ କୁମାର ଜେନା, ଧରିତ୍ରୀ ନାୟକ, ମିନତୀ ମଲ୍ଲିକ,ଗୋଲକ ଦେହୁରୀ, ଡମ୍ବୁର ଧର ବିଶ୍ୱାଳ, ଅଶୋକ କୁମାର ଦାସ, ସୁଧୀର କୁମାର ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ସୁରଭି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ର ଛାତ୍ରୀଙ୍କ ଭିତରେ ଥିବା ଅନ୍ତର୍ନିହିତ ସମସ୍ତ ଗୁଣାବଳି ପରିପ୍ରକାଶ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ଅତିଥି ପରିଚୟ ପ୍ରାକ୍ତନ ଆଂଚଳିକ ସାଧନକେନ୍ଦ୍ର ସଂଯୋଜକ କରୁଣା କର ନାୟକ ପ୍ରଦାନ କରିଥିବା ବେଳେ ଶିକ୍ଷକ ନରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୧୧ ଗୋଟି ବିଦ୍ୟାଳୟର ପ୍ରାୟ ୧୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ବକ୍ତୃତା, ନାଚ, ସଙ୍ଗୀତ, ପ୍ରବନ୍ଧ,ଚିତ୍ରାଙ୍କନ, କୁଇଜ୍ ସମେତ ୧୧ ଗୋଟି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତି ପ୍ରତିଯୋଗିତାରେ ଜଣେ ଲେଖାଏ କୃତୀ ଛାତ୍ରଛାତ୍ରୀ ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରୀୟରେ ଭାଗ ନେବେ। ଦେବବ୍ରତ ପାଢ଼ୀ, ମୋନାଲିସା ନାୟକ, ମହେଶ୍ୱତା ମଲ୍ଲିକ, ରଶ୍ମିରଂଜନ ସାହୁ, ସୁଧୀର ସାହୁ, ପୁଷ୍ପଲତା ଶଙ୍ଖୁଆ, ମନୋରଞ୍ଜନ ମଲ୍ଲିକ, ଗଦାଧର ମହାପାତ୍ର, ବନମାଳୀ ଦେହୁରୀ ସମେତ ସମସ୍ତ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟତ୍ରୀ, କମିଟିର ସଦସ୍ୟ/ସଦସ୍ୟା ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୋଗରାଇ , ୧୩/୧୦ (ନି.ପ୍ର): ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାୟକ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଭୋଗରାଇ ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୧୭୦ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୧୫୨ ଗୋଟି ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୧୪ ଗୋଟି ସାମୁହିକ ଏବଂ ୪ ଗୋଟି ରେଡ କ୍ରସ ସହାୟତା ନିମନ୍ତେ ଦରଖାସ୍ତ ପ୍ରଦାନ କରିଥିଲେ ଏବଂ ୧୧ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଡ. ମଧୁସ୍ମିତା ସାମନ୍ତରାୟ, ଉପ ଜିଲ୍ଲାପାଳ ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଲବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ପ୍ରଭାତ କୁମାର ବେହେରାଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida